R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୨୪
ତିଥି: ତୃତୀୟା
୨୦ ମେ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 224
20 May 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଉଦ୍‌ଘାଟିତ

## କୃଷକ ଧରାପୃଷ୍ଠର ଦ୍ୱିତୀୟ ଭଗବାନ : କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର, ୧୯ ।୫ (ସବ୍ୟୁ): ପୂର୍ବ ଭାରତର କୃଷି ବିକାଶ ଓ କୃଷକଙ୍କ କଲ୍ୟାଣ ପାଇଁ ଭୁବନେଶ୍ୱରଠାରେ ମଙ୍ଗଳବାର 'ପୂର୍ବାଞ୍ଚଳ କ୍ଷେତ୍ରୀୟ କୃଷି ସମ୍ମିଳନୀ -୨୦୨୬' ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା, ବିହାର, ଛତିଶଗଡ଼, ଝାରଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ୫ଟି ରାଜ୍ୟର କୃଷି ବିକାଶ ପାଇଁ ପ୍ରସ୍ତୁତ ହେବ ରୋଡ ମ୍ୟାପ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ଭାରତରେ କୃଷିର ଭବିଷ୍ୟତ ଓ ଚାଷୀଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ସମ୍ପର୍କରେ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ କ୍ରାନ୍ତିକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ । କୃଷି ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଓଡ଼ିଶାର କୃଷି ଓ କୃଷକ ବିକାଶର ଭୂୟସୀ ପ୍ରଶଂସା କରିଥିଲେ ।

ଚଳିତ ବର୍ଷ ଧାନ କ୍ରୟ କ୍ଷେତ୍ରରେ ଓଡ଼ିଶା ସରକାର ଏକ (୯ ପୃଷ୍ଠାରେ)

- ଓଡ଼ିଶାର କୃଷି ବିକାଶକୁ କେନ୍ଦ୍ରର ପ୍ରଶଂସା
- ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ମିଶନର ନୂଆ ମାଇଲଖୁଣ୍ଟ
- ଚାଷୀଙ୍କ ପ୍ରଗତିର ଇନ୍ଧନ ସାଜିବ ପୂର୍ବ ଭାରତ
- କେମିକାଲ୍ ସାରର ବ୍ୟବହାର କମାନ୍ତୁ
- ମାଟି ଓ ଫସଲ ଗୁଣବତ୍ତାର ସୁରକ୍ଷା ଅତି ଜରୁରୀ
- ଖରିଫ୍ ଋତୁରେ ପ୍ରାୟ ୧୯ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି
- ପ୍ରତି ବ୍ଲକରେ 'ଫରଗଟନ୍ ଫୁଡ୍' କୁ ପୁନର୍ଜୀବିତ କରାଯିବ : ମୁଖ୍ୟମନ୍ତ୍ରୀ

## ପୁଣି ବଢ଼ିଲା ପେଟ୍ରୋଲ-ଡିଜେଲ




ନୂଆଦିଲ୍ଲୀ, ୧୯ ।୫ : ପୁଣି ମହଙ୍ଗା ହେଲା ପେଟ୍ରୋଲ, ଡିଜେଲ। ୫ ଦିନରେ ଦ୍ୱିତୀୟ ଥର ପାଇଁ ପେଟ୍ରୋଲ, ଡିଜେଲର ମୂଲ୍ୟ ବୃଦ୍ଧି ହୋଇଛି। ପେଟ୍ରୋଲ ଲିଟର ପିଛା ୮୭ ପଇସା ଓ ଡିଜେଲ ଲିଟର ପିଛା ୯୧ ପଇସା ସର୍ବଭାରତୀୟ ସ୍ତରରେ ବୃଦ୍ଧି ହୋଇଛି। ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୫.୪୪ ଟଙ୍କା ହୋଇଥିବାବେଳେ ଡିଜେଲ ୯୬.୯୫ ଟଙ୍କା ହୋଇଛି । ଦିଲ୍ଲୀ ଠାରୁ ଭୁବନେଶ୍ୱରରେ ପେଟ୍ରୋଲ, ଡିଜେଲ ମହଙ୍ଗା ହୋଇଛି ।

ତୈଳଦର ବୃଦ୍ଧି ସର୍ବକାଳୀନ ରେକର୍ଡ ହାସଲ କରିଛି। ଦିଲ୍ଲୀରେ ପେଟ୍ରୋଲ ଦର ବୃଦ୍ଧି ପରେ ୯୮.୬୪ ଟଙ୍କା ହୋଇଥିବାବେଳେ ଡିଜେଲ ୯୧.୫୮ ଟଙ୍କା ହୋଇଛି। ୫ ଦିନ ମଧ୍ୟରେ ଦ୍ୱିତୀୟ ଥର ଲଗାତର ବୃଦ୍ଧି ହୋଇଥିବା ହେତୁ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୧୫ ତାରିଖରେ ତୈଳ ଦର ବଢ଼ିଥିଲା । ସେହି ସମୟରେ ୩ ଟଙ୍କା ଲେଖାଏଁ ଉଭୟ ପେଟ୍ରୋଲ ଓ ଡିଜେଲ ବୃଦ୍ଧି ପାଇଥିଲା । ଡିଜେଲ ଦର ବୃଦ୍ଧି ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା ହେବବୋଲି ଜଣାପଡ଼ିଛି । ଏବେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ମଧ୍ୟ ଅଧିକ ରହିଛି ।

## ଆଜି ଦେଶବ୍ୟାପୀ ଔଷଧ ଦୋକାନ ବନ୍ଦ

ନୂଆଦିଲ୍ଲୀ, ୧୯ ।୫ : ଆସନ୍ତାକାଲି ଠାରୁ ସମସ୍ତ ଔଷଧ ଦୋକାନ ଦେଶରେ ବନ୍ଦ ରହିବ। ଅନ୍‌ଲାଇନ୍ ଔଷଧ ବିକ୍ରିକୁ ବିରୋଧ କରାଯାଇ ଅଲ୍‌ଇଣ୍ଡିଆ ଅର୍ଗାନାଇଜେସନ୍ ଅଫ୍ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ପକ୍ଷରୁ ଦେଶବ୍ୟାପୀ ଏହି ଡାକରା ଦିଆଯାଇଛି ।

ଏହି ଡାକରା ପରେ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହି ଜରୁରୀ ପରିସ୍ଥିତିରେ ଡ୍ରଗ୍ସ ଇନ୍ସପେକ୍ଟର ଓ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲରମାନଙ୍କୁ କୁହାଯାଇଛି ଯେ ଜୀବନ ରକ୍ଷାକାରୀ ଔଷଧର ଯେଭଳି ଅଭାବ ନ ରୁହେ ସେଥିପ୍ରତି ଦୃଷ୍ଟି ଦିଆଯିବ। ତେବେ ଏହି ବନ୍ଦବେଳେ ହସ୍ପିଟାଲ ମଧ୍ୟରେ ଥିବା ଔଷଧ ଦୋକାନଗୁଡ଼ିକ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଓ ବେସରକାରୀ ହସ୍ପିଟାଲ ସହ ସଲଗ୍ନ ସମସ୍ତ ଇନ୍‌ହାଉସ୍ ଫାର୍ମାସୀ ଏବଂ ୨୪ ଘଣ୍ଟିଆ ମେଡିସିନ୍ ଷ୍ଟୋରଗୁଡ଼ିକ ଖୋଲା ରହିବ । ଏଥିଲାଗି ଆବଶ୍ୟକୀୟ ଅତିରିକ୍ତ କର୍ମଚାରୀ ନିଯୁକ୍ତି କରିବାକୁ କୁହାଯାଇଛି । ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପୋଲିସ ସହଯୋଗରେ ଆବଶ୍ୟକ ମେଡିକାଲ ଷ୍ଟୋର ଖୋଲା ରଖିବାକୁ କୁହାଯାଇଛି। ସାଧାରଣ ଲୋକ ଯେପରି ଅସୁବିଧାରେ ନ ପଡ଼ନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି । ଅନ୍‌ଲାଇନ୍ ବିକ୍ରିରେ ରିହାତି ମିଳୁଥିବାରୁ ଔଷଧ ବ୍ୟବସାୟୀଙ୍କର କ୍ଷତି ହେଉଥିବା ଦର୍ଶାଯାଇଛି । ହେଲେ ଏଥିରେ ଗୁଣବତ୍ତାକୁ ଅଣଦେଖା କରାଯାଇଛି। ଯାହା ସ୍ୱାସ୍ଥ୍ୟପ୍ରତି ହାନିକାରକ। ଔଷଧର ଦର ଓ ଲାଭ ପ୍ରତିଶତକୁ କେନ୍ଦ୍ର ସରକାର ନିୟନ୍ତ୍ରଣ କରିଥାନ୍ତି। କର୍ପୋରେଟ୍‌ର ମନମାନି ଦ୍ୱାରା ଗାଁ ଏବଂ ଅନ୍ୟ ସ୍ଥାନରେ ଔଷଧ ବିକ୍ରେତାଙ୍କ ବେପାର ପ୍ରଭାବିତ ହେଉଛି । କୋଭିଡ ସମୟରେ ଯେଉଁ ଅସ୍ଥାୟୀ ନିୟମ ଥିଲା ତାକୁ ପ୍ରତ୍ୟାହାର କରିବାକୁ ସଂଘ ଦାବି କରିଛି ।

## ଆଇନ୍ ଶୃଙ୍ଖଳା ନେଇ ନବୀନଙ୍କ ଉଦ୍‌ବେଗ

ଭୁବନେଶ୍ୱର, ୧୯ ।୫ (ସବ୍ୟୁ) : ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ଓ ଗୁଣ୍ଡାରାଜ ବୃଦ୍ଧି ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏବେ ଅରାଜକତାର ଭୟଙ୍କର ଚିତ୍ର ଓଡ଼ିଶା ଦେଖୁଛି ବୋଲି ସେ ସୋସିଆଲ ମିଡ଼ିଆରେ ଉଲ୍ଲେଖ କରିଛନ୍ତି ।

ନବୀନ ଦର୍ଶାଇଛନ୍ତି ଯେ ବ୍ରହ୍ମପୁରର ବିଚ୍ ରାସ୍ତାରେ ଜଣେ ଯୁବକ ଏବଂ ମହିଳାଙ୍କୁ ସର୍ବସମ୍ମୁଖରେ ଅତି ନିର୍ମମ ଭାବେ ପିଟି ପିଟି ମରଣାତ୍ମକ ଆକ୍ରମଣ କରିବାର ଦୃଶ୍ୟ ଅତ୍ୟନ୍ତ ଅମାନୁସିକ। ରାଜ୍ୟବାସୀଙ୍କୁ ଏହା (୯ ପୃଷ୍ଠାରେ)

## ଗଞ୍ଜେଇ ମାଫିଆକୁ ଏନ୍‌କାଉଣ୍ଟର

ସମ୍ବଲପୁର, ୧୯ ।୫ (ସବ୍ୟୁ): ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ପୋଲିସ ଗୁଳିରେ ଜଣେ ଗଞ୍ଜେଇ ମାଫିଆ ଆହତ ହୋଇଛି । ଆହତ ଅବସ୍ଥାରେ ତାଙ୍କୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଛି । ଅଭିଯୁକ୍ତ ଜଣକ ଅଇଁଠାପାଲି ଥାନା ଅନ୍ତର୍ଗତ ଦାନିପାଲିର ବଣ୍ଟି ସୁନା(୩୪) ବୋଲି ଜଣାପଡିଛି । ତାଙ୍କ ନିକଟରୁ ଗୋଟିଏ ପିସ୍ତଲ, ଜୀବନ୍ତ ଗୁଳି, ଖାଲି ଖୋଖା, ଗୋଟିଏ କାର, ମୋବାଇଲ ଫୋନ୍ , ଗଞ୍ଜେଇ, ଏଟିଏମ୍ କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ଆଦି ଜବତ ହୋଇଛି । ଅଭିଯୁକ୍ତ ନାମରେ ବେଆଇନ ଅସ୍ତ୍ରଶସ୍ତ୍ର କାରବାର, (୯ ପୃଷ୍ଠାରେ)

## ସୌମ୍ୟ ହତ୍ୟା ମାମଲାରେ ଆଉ ଦୁଇ ଗିରଫ

ଭୁବନେଶ୍ୱର, ୧୯ ।୫ (ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଜିଆର୍‌ପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିଲେ ଅଭିଯୁକ୍ତ । ସେହି ମାମଲାରେ ପୂର୍ବରୁ ୧୩ ଜଣ ଗିରଫ ହୋଇଥିବା ବେଳେ ଆଉ ଦୁଇଜଣଙ୍କୁ କ୍ରାଇମ୍‌ବ୍ରାଞ୍ଚ ରଣପୁର ଜଙ୍ଗଲରୁ ମଙ୍ଗଳବାର ଗିରଫ କରିଛି । ଗିରଫ ସଂଖ୍ୟା ୧୫ରେ ପହଞ୍ଚିଥିଲେ ମଧ୍ୟ ଆଉ କେତେକ ଅଭିଯୁକ୍ତ ଫେରାର ଅଛନ୍ତି । କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି, ସବୁ ଅଭିଯୁକ୍ତ ଚିହ୍ନଟ ହୋଇଛନ୍ତି । କାହାରିକୁ ଛଡାଯିବ ନାହିଁ । ଶ୍ରୀ ମିଶ୍ର ଗଣମାଧ୍ୟମକୁ ଏ କଥା କହିବାର ୨୪ଘଣ୍ଟା ନପୂରୁଣୁ ଦୁଇଜଣ ଅଭିଯୁକ୍ତ ଗିରଫ ହେଲେ । ଅନ୍ୟ ଫେରାର ଅଭିଯୁକ୍ତ ଖୁବ୍‌ଶୀଘ୍ର ଗିରଫ ହେବେ ବୋଲି ସୂଚନା ମିଳିଛି । (୯ ପୃଷ୍ଠାରେ)

## ହିଂସ୍ର ବୁଲା କୁକୁରଙ୍କୁ ମାରିବାକୁ ସୁପ୍ରିମ୍‌କୋର୍ଟଙ୍କ ଅନୁମତି



ନୂଆଦିଲ୍ଲୀ, ୧୯ ।୫ : ହିଂସ୍ର ହେଉଥିବା ବୁଲା କୁକୁରଙ୍କୁ ମାରିବା ପାଇଁ ସୁପ୍ରିମ୍‌କୋର୍ଟ ଅନୁମତି ଦେଇଛନ୍ତି । ସୁପ୍ରିମ୍‌କୋର୍ଟ ସାଧାରଣ ଲୋକଙ୍କ ସୁରକ୍ଷା ଓ ବୁଲା କୁକୁରଙ୍କ ଆତଙ୍କ ଏବଂ କାମୁଡାର ଶିକାର ହେଉଥିବା ଲୋକଙ୍କୁ ସୁରକ୍ଷା ପାଇଁ ଏହି ରାୟ ଦିଆଯାଇଛି। ବୁଲା କୁକୁରଙ୍କୁ ନେଇ ପୂର୍ବରୁ ସୁପ୍ରିମ୍‌କୋର୍ଟଙ୍କର ଯେଉଁ ନିର୍ଦ୍ଦେଶନାମା ଥିଲା ସେଥିରେ ସଂଶୋଧନ କରାଯାଇଛି ।

ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା, ଜଷ୍ଟିସ୍ ଏନ୍‌ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଭାରତୀୟ ପ୍ରାଣୀ କଲ୍ୟାଣବୋର୍ଡ ଦ୍ୱାରା ଦାଏର ହୋଇଥିବା ଆବେଦନକୁ ଖାରଜ କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ବୁଲା କୁକୁରଙ୍କର ବନ୍ଧ୍ୟାକରଣ ପରେ ସେମାନଙ୍କୁ ବୈଧାନିକ ପ୍ରୋଟୋକଲ ଅନୁସରଣ କରିବାକୁ ପଡ଼ିବ। ସେମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯିବ। ହିଂସ୍ର ହେଉଥିବା କୁକୁରମାନେ ମଣିଷ (୯ ପୃଷ୍ଠାରେ)

## ଆକାଶରୁ ବର୍ଷୁଛି ନିଆଁ, ଲୋକେ ହନ୍ତସନ୍ତ



ଭୁବନେଶ୍ୱର, ୧୯ ।୫ (ସବ୍ୟୁ) : ପଶ୍ଚିମରୁ ଉପକୂଳ, ଦକ୍ଷିଣରୁ ଉତ୍ତର ସବୁଠି ନିଆଁ ବର୍ଷା । ପାରଦ ଏବେ ୪୫° ମୁହାଁ ହୋଇଛି । ମଙ୍ଗଳବାର ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର ପାଲଟିଛି । ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୪.୮° ସେଲ୍‌ସିୟସ ରହିଛି । ଏଥିସହ ଭୁବନେଶ୍ୱରର ପାରଦ ମଧ୍ୟ ୪୦° ପାର୍ କରିଛି । ରୌଦ୍ରତାପ ଏତେ ଭୟଙ୍କର ହୋଇଛି ଯେ ସତେ ଯେପରି ଲାଗୁଛି ଆକାଶରୁ ଅଗ୍ନିପିଣ୍ଡୁଳା ଖସୁଛି । ଏଭଳି ଗ୍ରୀଷ୍ମ ପ୍ରବାହ ଆହୁରି ତିନି ଦିନ ଲାଗି ରହିବ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ ଉମା ଶଙ୍କର ଦାଶ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ବୁଲେଟିନ୍‌ରେ କୁହାଯାଇଛି, ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିବ । ଝାରସୁଗୁଡ଼ା, ବୌଦ୍ଧ, ଅନୁଗୁଳ, ସମ୍ବଲପୁର, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, ବରଗଡ଼, ବଲାଙ୍ଗୀର, ମୟୂରଭଞ୍ଜ ଆଦି ଜିଲ୍ଲାଗୁଡ଼ିକ ପାଇଁ ଗ୍ରୀଷ୍ମ ଲହରୀ ପାଇଁ ସତର୍କତା ଜାରି କରାଯାଇଛି । ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ପାଇଁ ଗରମ ସହିତ ଗୁଳୁଗୁଳି ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ମଙ୍ଗଳବାର ୧୮ ସହରରେ ପାରଦ ୪୦ ଡିଗ୍ରୀ କିମ୍ବା ତାଠାରୁ ଅଧିକ ରହିଛି। ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୪.୮° ରେକର୍ଡ଼ ହୋଇଥିଲାବେଳେ ହୀରାକୁଦରେ ୪୪°, ସମ୍ବଲପୁରରେ ୪୩.୬°, ଅନୁଗୁଳରେ ୪୩.୬°, ବୌଦ୍ଧ ଓ ତାଳଚେରରେ ୪୩°, ସୋନପୁରରେ ୪୨.୬°, ଟିଟିଲାଗଡ଼ରେ

**୧୮ ସହରରେ ୪୦° ଉପରେ ତାପମାତ୍ରା**

**ଝାରସୁଗୁଡ଼ାରେ ସର୍ବାଧିକ ୪୪.୮°**

**ଭୁବନେଶ୍ୱରରେ ପାରଦ ୪୦° ଟପିଲା**

୪୨.୩°, ବଲାଙ୍ଗୀରରେ ୪୨.୨°, ନୟାଗଡ଼ରେ ୪୧.୯°, ସୁନ୍ଦରଗଡ଼ରେ ୪୧.୮°, ଭବାନୀପାଟଣାରେ ୪୧.୫°, ବରଗଡ଼ରେ ୪୧°, ଭଦ୍ରକରେ ୪୦.୨°, ଭୁବନେଶ୍ୱରରେ ୪୦.୯°, ରାଉରକେଲା, ପାରଳାଖେମୁଣ୍ଡି ଓ (୯ ପୃଷ୍ଠାରେ)

**ଫୁସୁକି ଗଲେ ଟିଏମ୍‌ସି 'ପୁଷ୍ପା'**

## ପୁନଃ ମତଦାନ ପୂର୍ବରୁ ମୈଦାନ ଛାଡ଼ିଲେ ଜାହାଙ୍ଗିର



କୋଲକାତା, ୧୯ ।୫ : ପଶ୍ଚିମବଙ୍ଗର ଫାଲଟା ବିଧାନସଭା ଆସନର ପୁନଃ ମତଦାନ ପୂର୍ବରୁ ବଡ ଧରଣର ରାଜନୈତିକ ହଟ୍ଟଚମଟ ଦେଖିବାକୁ ମିଳିଛି। ମତଦାନର ୪୮ ଘଣ୍ଟା ପୂର୍ବରୁ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଜାହାଙ୍ଗିର ଖାନ୍ ହଠାତ୍ ନିର୍ବାଚନ ମଇଦାନରୁ ଓହରିଯାଇଛନ୍ତି। ନିଜକୁ 'ପୁଷ୍ପା' ବୋଲି ନିର୍ବାଚନ ପୂର୍ବରୁ କହୁଥିବା ଜାହାଙ୍ଗିରଙ୍କର ହଠାତ୍ ପଛଘୁଞ୍ଚା ଦେବା ଏବେ ବେଶ୍ ରାଜନୈତିକ ହଟ୍ଟଚମଟ ସୃଷ୍ଟି କରିଛି। ଆସନ୍ତା ୨୧ ତାରିଖରେ ସେଠାରେ ପୁନଃ ଭୋଟ ହେବ ଓ ୨୪ ତାରିଖରେ ଗଣତି ହେବ।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଲା ପରେ ବିଜେପିକୁ ବିପୁଳ ବିଜୟ ହାସଲ ହୋଇଥିଲା। ୨୦୭ ଆସନରେ ବିଜେପି ଜିତିଲା ପରେ ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହୋଇଛି। ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏହି ଆସନରେ ବ୍ୟାପକ ଅନିୟମିତତା ହୋଇଥିବା ଦର୍ଶାଇ ନିର୍ବାଚନ କମିଶନ ୨୮୫ ବୁଥରେ ସାରି ମତଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ସାରି ମତଦାନ ପୂର୍ବରୁ ଜାହାଙ୍ଗିର ମଇଦାନରୁ ଓହରିଛନ୍ତି। ସେ କହିଛନ୍ତି ଯେ, ମୋର ଲକ୍ଷ୍ୟ ହେଉଛି ଫାଲଟାରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ଓ ଏଠାରେ ଯଥା ସମ୍ଭବ ବିକାଶ କରିବା। ସୁନାର ଫାଲଟା ଗଠନ କରିବା ମୋର ଲକ୍ଷ। ଆମ ମୁଖ୍ୟମନ୍ତ୍ରୀ ଫାଲଟା ଲୋକଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଦେବେ। ଏହି କାରଣରୁ ମୁଁ ମୋ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରୁଛି। ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ମୁଁ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ସାରିଛି। ଫାଲଟା ଲୋକଙ୍କ ବିକାଶ ପାଇଁ ମୁଁ ଏହି ପଦକ୍ଷେପ ନେଇଛି।

ଜାହାଙ୍ଗିରଙ୍କ ଏହି ନିଷ୍ପତ୍ତିକୁ ନେଇ ତୃଣମୂଳ କଂଗ୍ରେସ ପକ୍ଷରୁ ମଧ୍ୟ ସ୍ପଷ୍ଟିକରଣ ଦିଆଯାଇଛି। ଟିଏମସି କହିଛି ଯେ, ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ଏଥିରେ ଦଳର କୌଣସି ଭୂମିକା ନାହିଁ। ଗତ ୪ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଫାଲଟା ଅଞ୍ଚଳରୁ ଟିଏମସିର ୧୦୦ ରୁ ଊର୍ଦ୍ଧ୍ୱ କର୍ମୀକୁ ଗିରଫ କରାଯାଇଛି। ଅଧିକାଂଶ ଦଳ କାର୍ଯ୍ୟାଳୟ ମଧ୍ୟ ଭାଙ୍ଗିଦିଆଯାଇଛି ଓ ଦିନ ଦିପ୍ରହରରେ ଏହାକୁ ଜବରଦଖଲ କରାଯାଇଛି। ନିର୍ବାଚନ କମିଶନଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବି ସେ ଆଖି ବୁଜିଦେଇଛନ୍ତି। ତେବେ ଦଳ ବିଜେପିକୁ ପ୍ରତିହତ କରିବା ପାଇଁ ଲଢେଇ ଜାରି ରଖିବ। ଆମର କର୍ମୀମାନେ ପଥର ପରି କଠିନ ସେମାନେ ମଧ୍ୟ ବିଜେପି ପକ୍ଷରୁ ବିଭିନ୍ନ ସଂସ୍ଥା ଓ ପ୍ରଶାସନ ଦ୍ୱାରା ଯେଉଁ ଅତ୍ୟାଚାର କରାଯାଉଛି ତାହାର ମୁକାବିଲା କରାଯାଉଛି। ଆମେ ଏହାକୁ ନିନ୍ଦା କରୁଛୁ। ବଙ୍ଗଳା ବିରୋଧୀ ବିଜେପି ବିରୋଧରେ ଲଢେଇ ଜାରି ରହିବ। ତୃଣମୂଳ କଂଗ୍ରେସ ପକ୍ଷରୁ ଏହି ନିର୍ବାଚନ ମଣ୍ଡଳୀରେ ଦଳର (୯ ପୃଷ୍ଠାରେ)

**ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ**

## ୩୩ ପ୍ଲଟ୍, ୪ ବହୁମହଲା କୋଠା ଠାବ

**୯ ଏକର ଉପରେ ଫାର୍ମହାଉସ୍ ଓ ଗୋଟିଏ ମାର୍କେଟ୍ କମ୍ପ୍ଲେକ୍ସ**



ଭବାନୀପାଟଣା, ୧୯ ।୫ (ସବ୍ୟୁ) : ଭିଜିଲାନ୍ସ ଜାଲରେ ଭବାନୀପାଟଣା ଆର୍ ଆଣ୍ଡ ବି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର । ଜଣେ ପ୍ଲଟ୍ ଭୋକିଲା ଯନ୍ତ୍ରୀ ଭାବେ ତାଙ୍କ କୁବେର ସମ୍ପତ୍ତିର ଖୋଳତାଡ଼ ବେଳେ ଏହା ସ୍ପଷ୍ଟ ହୋଇଛି । ସେ ଅକ୍ତିଆର କରିଛନ୍ତି ୩୯.୬୪ ଡିସିମିଲ୍ ବିଶିଷ୍ଟ ୩୩ଟି ପ୍ଲଟ୍ । ତାଙ୍କର ରହିଛି ୪ଟି ବହୁମହଲା କୋଠା, ୯ ଏକର ଉପରେ ବିସ୍ତାରିତ ଗୋଟିଏ ଫାର୍ମ ଘର, ୮ଟି କ୍ୟାବିନ୍ ସହିତ ଗୋଟିଏ ମାର୍କେଟ୍ କମ୍ପ୍ଲେକ୍ସ ଆଦି ବି ରହିଛି । ଏପର୍ଯ୍ୟନ୍ତ ଭିଜିଲାନ୍ସ ଚଢ଼ାଉ ସମୟରେ, ଶ୍ରୀ ଶବର ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ବହୁ ସମ୍ପତ୍ତି ଠାବ କରିଛି ।

ତନମଧ୍ୟରୁ ଭବାନୀପାଟଣା ସହରର ଗୋସାଣିମୁଣ୍ଡାରେ ପ୍ଲଟ୍ ନଂ.୧୪୭୯/୮୪୦୭ ଉପରେ ପ୍ରାୟ ୪୫୦୦ ବର୍ଗଫୁଟ କ୍ଷେତ୍ରଫଳ ସହିତ ଗୋଟିଏ ଦ୍ୱିତଳ କୋଠା । ପ୍ରାୟ ୨୬୨୫ ବର୍ଗଫୁଟ କ୍ଷେତ୍ରଫଳ ସହିତ ଗୋଟିଏ ଦ୍ୱିତଳ କୋଠା । କଳାହାଣ୍ଡି ଜିଲ୍ଲା କୋକସରାର କୁସୁମଖୁଣ୍ଟି ଠାରେ ଅବସ୍ଥିତ । କୋକସରାର ମୋଟେର ଛକରେ ୪୨୨୮ ବର୍ଗଫୁଟ କ୍ଷେତ୍ରଫଳ ସହିତ ଗୋଟିଏ ଦୁଇ ମହଲା ନିର୍ମାଣାଧୀନ କୋଠା । କଳାହାଣ୍ଡି ଜିଲ୍ଲା କୁସୁମଖୁଣ୍ଟି, କୋକସରାରେ ୧୩୦୦ ବର୍ଗଫୁଟ କ୍ଷେତ୍ରଫଳ ସହିତ ଆଉ ଏକ ଦୁଇ ମହଲା କୋଠା ନିର୍ମାଣାଧୀନ । କୋକସରାର ମୋଟେର ଛକରେ ୨୨୧୪ ବର୍ଗଫୁଟ କ୍ଷେତ୍ରଫଳ ସହିତ ୮ଟି କ୍ୟାବିନ୍ ଥିବା ଗୋଟିଏ ମାର୍କେଟ୍ କମ୍ପ୍ଲେକ୍ସ । ଭବାନୀପାଟଣା ସହର ନିକଟବର୍ତ୍ତୀ କିଟପଦରରେ ୯ ଏକର ଜମିରେ ବିସ୍ତାରିତ ଗୋଟିଏ ଫାର୍ମ ହାଉସ ରହିଛି । ଭବାନୀପାଟଣା ଏବଂ କୋକସରା ଉପକଣ୍ଠରେ ୩୯.୬୪ ଡିସିମିଲ ଆକାରରେ ୩୩ଟି ପ୍ଲଟ୍ ଚିହ୍ନଟ ହୋଇଛି । କଳାହାଣ୍ଡି ଜିଲ୍ଲା ତାଲାବେଲା ଗାଁରେ ୪ ଏକର କ୍ଷେତ୍ରଫଳ ସହିତ ପ୍ଲଟ ନଂ ୫୦ ଏବଂ ୧୯୯, ଖାତା ନଂ ୧୪ ସହିତ ଏକ ଜମି । କଳାହାଣ୍ଡି ଜିଲ୍ଲା କୁଟେନପଦରରେ ପ୍ଲଟ ନଂ ୩୨/୩୩, ଖାତା ନଂ ୭୫/୯୧ ସହିତ ଏକ ଜମି। କୋକସରାର ମୋଟେରରେ ପ୍ଲଟ ନଂ ୧୯୫୮, ୧୯୬୪, (୯ ପୃଷ୍ଠାରେ)

## ସପୁରୀ ଆଇସ୍କ୍ରିମ



ସାମଗ୍ରୀ- ପାଚିଲା ସପୁରୀ ୧ଟା, ଗୁଣ୍ଡକ୍ଷୀର ଦୁଇକପ, ଚିନି ଏକକପ, ଡ୍ରାଏ ଫ୍ରୁଟ୍ସ।

ପ୍ରଣାଳୀ- ସପୁରିରୁ ଚୋପା ଛଡ଼ାଇ ମଞ୍ଜି ବାହାର କରି ଖଣ୍ଡ ଖଣ୍ଡ କାଟିଦିଅନ୍ତୁ। ଏଥର ଗୁଣ୍ଡକ୍ଷୀର,ସପୁରୀଖଣ୍ଡ ଚିନି ମିଶାଇ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହା ପରେ ଏହି ମିଶ୍ରଣକୁ ଗୋଟିଏ ଆଇସକ୍ରିମ୍ ଟ୍ରେରେ ରଖନ୍ତୁ। ଡ୍ରାଏଫ୍ରୁଟ୍ସକୁ ମିଶ୍ରଣ ଉପରେ ପକାନ୍ତୁ। ତା'ପରେ ଫ୍ରିଜରେ ୫ ଘଣ୍ଟା ପାଇଁ ରଖନ୍ତୁ। ମିଶ୍ରଣ ଜମାଟ ବାନ୍ଧିଗଲେ ପ୍ରସ୍ତୁତ ହୋଇଯିବ ସପୁରୀ ଆଇସକ୍ରିମ।

## ଦାଢ଼ି ରଖି ବେନ୍ଦ୍ୱର



ରାଜସ୍ଥାନର ପ୍ରାୟ ୫ଟି ଜିଲ୍ଲାରୁ ଆସିଥିବା ଗୁର୍ଜର ସମାଜ ପକ୍ଷରୁ ସାମାଜିକ କୁସଂସ୍କାର ଏବଂ ବଢୁଥିବା ଅଯଥା ଖର୍ଚ୍ଚ (ଫିଜୁଲଖର୍ଚ୍ଚ) ବିରୁଦ୍ଧରେ ଏକ ନିଷ୍ପତ୍ତି ନିଆଯାଇଛି । ଏହି ନିଷ୍ପତ୍ତି ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ଗତ ମେ ୧୬ ତାରିଖ ଦିନ ପାଲି ଜିଲ୍ଲାର ଚଣ୍ଡାବଲ ନିକଟସ୍ଥ ଦେବଡୁଙ୍ଗରୀ ଭଗବାନ ଦେବନାରାୟଣ ମନ୍ଦିର ପରିସରରେ ଆୟୋଜିତ ଏକ ବିରାଟ ମହାପଞ୍ଚାୟତରେ ସମାଜ ସୁଧାର ପାଇଁ ଅନେକ କଠୋର ନିୟମ ପ୍ରଣୟନ କରାଯାଇଛି। ଯେଉଁଥିରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଏବଂ ମୁଖ୍ୟ ନିଷ୍ପତ୍ତି ହେଉଛି ଯେ ବିବାହ ସମୟରେ କୌଣସି ବି ବର ଆଉ ଦାଢ଼ି ରଖିପାରିବେ ନାହିଁ । ବିବାହ ଦିନ ବରକୁ ସମ୍ପୂର୍ଣ୍ଣ ଭାବେ 'କ୍ଲିନ୍ ଶେଭ୍' ରହିବାକୁ ପଡ଼ିବ। ଏହି ମହାପଞ୍ଚାୟତରେ କେବଳ ବିବାହ ନୁହେଁ, ବରଂ ସମାଜରୁ କୁପ୍ରଥା ଦୂର କରିବା ଏବଂ ଯୁବପିଢ଼ିକୁ ଶିକ୍ଷା ଦିଗରେ ପ୍ରେରିତ କରିବା ପାଇଁ ଆହୁରି ଅନେକ ବଡ଼ ପଦକ୍ଷେପ ନିଆଯାଇଛି। ଯେଉଁଥିରେ ମୃତ୍ୟୁଭୋଜି ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇଛି ଏବଂ ଏହି ଅଯଥା ଭୋଜିଭାତରେ ଖର୍ଚ୍ଚ ହେଉଥିବା ଟଙ୍କାକୁ ପିଲାମାନଙ୍କ ପାଠପଢ଼ା, ଗରିବ ପରିବାରର ଝିଅମାନଙ୍କ ବିବାହ ଏବଂ ଅଭାବୀ ମେଧାବୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ପାଣ୍ଠି ଭାବେ ବ୍ୟବହାର କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ସମାଜକୁ ନିଶାମୁକ୍ତ କରିବା ପାଇଁ ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଯାହା ଅନୁଯାୟୀ ଏଣିକି ଗୁର୍ଜର ସମାଜର କୌଣସି ବି ସାମାଜିକ କିମ୍ବା ପାରିବାରିକ ଉତ୍ସବରେ ଅଫିମ ଏବଂ ମଦ ଭଳି ନିଶାଦ୍ରବ୍ୟ ପରଷିବା ବା ଅତିଥିମାନଙ୍କୁ ଆପ୍ୟାୟିତ କରିବା ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଛି । ଯଦି କୌଣସି ବ୍ୟକ୍ତି ନିଜ ଆୟୋଜନରେ ଲୁଚାଛପାରେ ଏହିସବୁ ନିଶାଦ୍ରବ୍ୟର ବ୍ୟବହାର କରନ୍ତି, ତେବେ ସମାଜର ଅନ୍ୟ ଲୋକମାନେ ସେଠାରେ ଅନ୍ନ ଜଳ ଗ୍ରହଣ କରିବେ ନାହିଁ। ତୁରନ୍ତ ସେହି କାର୍ଯ୍ୟକ୍ରମ ବାସନ୍ଦ କରି ଚାଲିଯିବେ ବୋଲି ଚେତାବନୀ ଦିଆଯାଇଛି । ସେହିଭଳି ନିୟମ ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତିଙ୍କ ବିଷୟରେ ତୁରନ୍ତ ସ୍ଥାନୀୟ ପୋଲିସକୁ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ପାଇଁ ସୂଚନା ଦିଆଯିବ ବୋଲି ନିଷ୍ପତ୍ତି କରାଯାଇଛି । ଏହା ସହିତ ସମାଜ ପକ୍ଷରୁ ସେହି ଅମାନିଆ ପରିବାର ଉପରେ ୨.୫୧ ଲକ୍ଷ ଟଙ୍କାର ଏକ ବିରାଟ ଆର୍ଥିକ ଜରିମାନା ମଧ୍ୟ ଲଗାଯିବାର ବ୍ୟବସ୍ଥା ହୋଇଛି। ଏହି ସମସ୍ତ ନିଷ୍ପତ୍ତି ବର୍ତ୍ତମାନ ସମଗ୍ର ଅଞ୍ଚଳରେ ଏବେ ଏକ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି ।

## ସୋସିଆଲ କୋଟ୍ସ



ମୁଁ ଉକ୍ତ ପୋଷ୍ଟଟି ନିଜ ପାଇଁ କରିନଥିଲି । ମୋ ପାଖରେ ଏଭଳି ଭଲପାଉଥିବା ପରିବାର ଓ ଆପଣଙ୍କ ଭଳି ଶୁଭାକାଂକ୍ଷୀମାନେ ଅଛନ୍ତି ତେଣୁ ମୁଁ କେବେ ବି ଏକୁଟିଆ ହୋଇ ପାରିବି ନାହିଁ । ବେଳେବେଳେ ମଣିଷଙ୍କ ଭିତରେ ବି ଚିଡ଼ା ଲାଗିଥାଏ ।

**ସଲମାନ ଖାନ, ଅଭିନେତା**



ମିର୍ଜା ପୁର ପରେ କିଛି ଭିନ୍ନ ଚରିତ୍ରରେ ଅଭିନୟ କରିବାର ଆଶା ଥିଲା । ଯାହା ମୋତେ ଏହି ସିରିଜରୁ ମିଳିଥିଲା । ଏଥିରେ ଅଭିନୟ କରି ଖୁବ ଭଲ ଅନୁଭବ ମିଳିଛି ।

**ଅଞ୍ଜୁମ ଶର୍ମା, ଅଭିନେତା**



ଦୟାକରି ଆମକୁ ପ୍ରାଇଭେସି ଦିଅନ୍ତୁ । ଆମ ଭିତରେ କୌଣସି ବିବାଦ ନାହିଁ କି ଆଲୁମନି ନେଣଦେଣ ହେବାର ନାହିଁ । ଗୁଜବ ପ୍ରଚାର କରନ୍ତୁ ନାହିଁ ।

**ସୂରଜ, ମୌନି ରାୟଙ୍କ ସ୍ୱାମୀ**

## ରୁପାର ଚପଲ



ଆଜିକାଲି ସୁନା ରୁପାର ଦାମ ଏତେ ମାତ୍ରାରେ ବଢ଼ିଛି ସମସ୍ତେ କିଛି ଜିନିଷ କିଣିବା ଆଗରୁ ଅନେକ ଥର ଭାବୁଛନ୍ତି । ହେଲେ ମହାରାଷ୍ଟ୍ରର କୋହ୍ଲାପୁର ଅଞ୍ଚଳରୁ ଏକ ଆଶ୍ଚର୍ଯ୍ୟଜନକ ତଥା ନିଆରା ଖବର ସାମ୍ନାକୁ ଆସିଛି । ଯେଉଁଠାରେ ଜଣେ ଶ୍ୱଶୁର ନିଜ ଜ୍ୱାଇଁଙ୍କ ସ୍ୱାଗତକୁ ସ୍ମରଣୀୟ କରିବା ପାଇଁ ଏକ ଅତି ମୂଲ୍ୟବାନ ଉପହାର ପ୍ରସ୍ତୁତ କରି ଏବେ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ସାଙ୍ଗଲିର ଏହି ଶ୍ୱଶୁର ଜଣକ ନିଜ ଜ୍ୱାଇଁଙ୍କ ପାଇଁ ପ୍ରାୟ ଦେଢ଼ କିଲୋଗ୍ରାମ ଓଜନର ରୁପାରେ ନିର୍ମିତ ଏକ ସ୍ୱତନ୍ତ୍ର 'କୋହ୍ଲାପୁରୀ ଚପଲ' ତିଆରି କରାଇଛନ୍ତି । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କା ବୋଲି କୁହାଯାଉଛି । ସମ୍ପୂର୍ଣ୍ଣ ପାରମ୍ପରିକ ଶୈଳୀରେ ନିର୍ମାଣ ହୋଇଥିବା ଏହି ଚପଲର ଅଦ୍ଭୁତ ଡିଜାଇନ୍ ଏବଂ ଆକାଶଛୁଆଁ ମୂଲ୍ୟ ଯୋଗୁଁ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହାକୁ ପ୍ରସ୍ତୁତ କରିବା ପାଇଁ କୋହ୍ଲାପୁରର ବିଶେଷ କାରିଗରମାନଙ୍କ ସହ ଯୋଗାଯୋଗ କରାଯାଇଥିଲା। ସୂଚନା ଅନୁଯାୟୀ, ପ୍ରାୟ ୮ ଦିନର କଠିନ ପରିଶ୍ରମ ପରେ ପ୍ରସ୍ତୁତ ହୋଇଥିବା ଏହି ରୂପା ଚପଲର କାରିଗରୀ ପାଇଁ କେବଳ ମଜୁରୀ ବାବଦକୁ ପ୍ରାୟ ୨୨ ହଜାର ଟଙ୍କା ଦିଆଯାଇଛି । ବର୍ତ୍ତମାନ ଏହି ରୁପା ନିର୍ମିତ 'କୋହ୍ଲାପୁରୀ ଚପଲ'ର ଆକର୍ଷଣୀୟ ଫଟୋ ଓ ଭିଡିଓଗୁଡ଼ିକ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି ।

## ଇତିହାସ

୧୮୨୫ - ଚାର୍ଲ୍ସ ଏକ୍ସ ଫ୍ରାନ୍ସର ରାଜା ଭାବେ ଦାୟିତ୍ୱ ନେଇଥିଲେ।
୧୮୬୭ - ରାଣୀ ଭିକ୍ଟୋରିଆ ରୟାଲ ଆଲବର୍ଟ ହଲର ଉଦ୍ଘାଟନ କରିଥିଲେ।
୧୮୮୨- ଗ୍ରୋଥାର୍ଡ ରେଳ ସୁଡ଼ଙ୍ଗକୁ ସ୍ୱିଜରଲାଣ୍ଡ ଓ ଇଟାଲୀ ମଧ୍ୟରେ ଖୋଲା ଯାଇଥିଲା।
୧୯୦୨- ଥୋମାସ ଏଷ୍ଟ୍ରୋଡା ପାଲ୍ମା ଦେଶର ପ୍ରଥମ ରାଷ୍ଟ୍ରପତି ହୋଇଥିଲେ।
୧୯୨୩- ଷ୍ଟେନଲି ବାଲ୍ଡବିନ୍ ବ୍ରିଟେନର ପ୍ରଧାନମନ୍ତ୍ରୀ ହୋଇଥିଲେ ।
୧୯୨୬- ରେଳ ଶ୍ରମ ଅଧିନିୟମ ପାର କରାଯାଇଥିଲା।
୧୯୪୬- ଲିଗ୍ ଅଫ୍ ନେସନକୁ ଭଙ୍ଗ କରାଯାଇଥିଲା।
୧୯୫୩- କୋରିଆ ଓ ସଂଯୁକ୍ତ ରାଷ୍ଟ୍ର ସେନା ମଧ୍ୟରେ ରୋଗିଣା ଯୁଦ୍ଧବନ୍ଦୀଙ୍କର ଆଦାନ ପ୍ରଦାନ କରାଯାଇଥିଲା।
୧୯୭୨- ଆପୋଲ ୧୬ର ଚନ୍ଦ୍ରପୃଷ୍ଠରେ ଅବତରଣ।
୧୯୯୭- ଇନ୍ଦ୍ରକୁମାର ଗୁଜରାଲ ୧୨ତମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

## ଫେରୁଛନ୍ତି ଗୋଲଡ଼େନ ଯୋଡ଼ି



ୱେଲକମ୍ ଟୁ ଦି ଜଙ୍ଗଲ୍' ଫିଲ୍ମର ଟାଇଟଲ୍ ଟ୍ରାକ୍କୁ ଇଣ୍ଟରନେଟ୍‌ରେ ଦର୍ଶକଙ୍କ ପ୍ରଚୁର ଭଲପାଇବା ଦେଉଛନ୍ତି । ଏହି ଫିଲ୍ମଟି ଭାରତୀୟ ଫିଲ୍ମର ଅନେକ ବଡବଡ ଷ୍ଟାରଙ୍କୁ ନେଇ ନିର୍ମିତ ହୋଇଛି । ଏହି ଫିଲ୍ମର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଦୀର୍ଘ ଦିନ ପରେ ପରଦାକୁ ଫେରୁଥିବା ରବିନା ଟଣ୍ଡନ ଏବଂ ଅକ୍ଷୟ କୁମାରଙ୍କ ସୁପରହିଟ୍ ଯୋଡ଼ି । ସୂଚନା ଅନୁସାରେ ଅଭିନେତ୍ରୀ ରବିନା ଟଣ୍ଡନ ଏହି ଆଗାମୀ କମେଡି ଡ୍ରାମା ପାଇଁ ପ୍ରାୟ ୧୮ ଦିନ ସୁଟିଂ କରିଛନ୍ତି ଏବଂ ଫିଲ୍ମରେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯାହା କାହାଣୀର ମନୋରଞ୍ଜନ ଓ ସସ୍ପେନ୍ସକୁ ଆହୁରି ବଢାଇଛି । ସୂତ୍ର ଅନୁଯାୟୀ, ଚଳଚ୍ଚିତ୍ରରେ ମୁଖ୍ୟ ନାୟକ ଅକ୍ଷୟ କୁମାରଙ୍କ ସହ ରବିନାଙ୍କର ଏକ ସମ୍ପୂର୍ଣ୍ଣ ନୂଆ କେମିଷ୍ଟ୍ରି ଦେଖିବାକୁ ମିଳିବ, ଯାହା ପୂର୍ବରୁ ସେମାନେ ଶେୟାର କରିଥିବା ସ୍କ୍ରିନ୍ ସ୍ପେସ୍‌ଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ । ପୂର୍ବରୁ 'ମୋହରା', 'ଖିଲାଡ଼ିଓଁ କା ଖିଲାଡ଼ି', 'ବାରୁଦ', ଏବଂ 'କିମତ: ଦେ ଆର୍ ବ୍ୟାକ୍' ଭଳି ଅନେକ ସୁପରହିଟ୍ ଚଳଚ୍ଚିତ୍ରରେ ଏକାଠି କାମ କରି ବଲିଉଡର ଅଲ୍-ଟାଇମ୍ ଗୋଲ୍ଡେନ ଯୋଡ଼ି ଭାବେ ପରିଚିତ ଏହି ଦୁଇ କଳାକାର । ଅହମ୍ମଦ ଖାନଙ୍କ ନିର୍ଦ୍ଦେଶିତ ଏହି ହାସ୍ୟରସାତ୍ମକ ଚଳଚ୍ଚିତ୍ରରେ ଅକ୍ଷୟ ଓ ରବିନାଙ୍କ ବ୍ୟତୀତ ସୁନୀଲ ଶେଟ୍ଟୀ, ଜ୍ୟାକି ଶ୍ରଫ୍, ଦିଶା ପାଟନୀ, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ଅରସଦ ୱାର୍ସି, ଉର୍ବଶୀ ରାଉତେଲା, ତୁଷାର କପୁର, ଶ୍ରେୟସ ତଲପଡ଼େ, ଆଫତାବ ଶିବଦାସାନି, ପରେଶ ରାୱଲ, ଜନି ଲିଭର, ରାଜପାଲ ଯାଦବ, କିକୁ ଶାରଦା, କୃଷ୍ଣା ଅଭିଷେକ, ବିନ୍ଦୁ ଦାରା ସିଂହ ଏବଂ ଦଲେର ମେହେନ୍ଦୀଙ୍କ ଭଳି ବହୁ ପ୍ରତିଷ୍ଠିତ କଳାକାର ମୁଖ୍ୟ ଭୂମିକାରେ ନଜର ଆସିବେ । ଏହି ବହୁ ପ୍ରତୀକ୍ଷିତ ଫିଲ୍ମଟି ଆସନ୍ତା ଜୁନ୍ ୨୬, ୨୦୨୬ ରେ ରିଲିଜ ହେବାନେଇ ଯୋଜନା ରହିଛି । ଫିଲ୍ମକୁ ନେଇ ମେକର୍ସଙ୍କ ସହିତ ଦର୍ଶକ ସମସ୍ତେ ଖୁବ ଆଶାବାଦୀ ଅଛନ୍ତି ।

### ହାଃହାଃ

ଶିକ୍ଷକ: କାଳିଆ, କହିଲୁ ଦେଖି ଦୁନିଆର ସବୁଠାରୁ ପୁରୁଣା ପଶୁ କିଏ ?
କାଳିଆ: ଆଜ୍ଞା, ଜେବ୍ରା ।
ଶିକ୍ଷକ: ସେମିତି କେମିତି ? କିଛି ପ୍ରମାଣ ଅଛି ?
କାଳିଆ: ହଁ ଆଜ୍ଞା, ସେ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଜମାନାରୁ ଆଜି ଯାଏଁ ସେମିତି ହିଁ ଅଛି, କଲରଫୁଲ୍ ହେଲାନି !



**ମେଷ:** ଶରୀର ଅସୁସ୍ଥ, ନୂତନ କର୍ମଆରମ୍ଭ, ପାରିବାରିକ ସ୍ନେହ, ବନ୍ଧୁଲାଭ, ବ୍ୟବସାୟରେ ମଧ୍ୟମ ଫଳ, ସୁସମାଚାର, ଚୁକ୍ତିସମ୍ପାଦନ, ଶତ୍ରୁ ପରାଜିତ, ଯାତ୍ରାରେ ସତର୍କ, ଦାମ୍ପତ୍ୟ ଖୁସି, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳାଚେକ୍, ସଂଖ୍ୟା-୬, ଆରାଧନା- ମା' ମାଣିକେଶ୍ୱରୀ ।

**ବୃଷ:** ଆର୍ଥିକ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂରଯାତ୍ରା, ଉଚ୍ଚକାର୍ଯ୍ୟରେ ବିଳମ୍ବ, ଶରୀର ସୁସ୍ଥ, ତୀର୍ଥାଟନ, ହଠାତ୍ ଯାତ୍ରା ସ୍ଥଗିତ, ସମ୍ପତ୍ତି ବିବାଦ, ବାହ୍ୟଶତ୍ରୁ ପରାଜିତ, ସନ୍ତାନଖୁସି, କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ଶଙ୍କର ଭଗବାନ ।

**ମିଥୁନ:** ଅର୍ଥଲାଭ, ଶୁଭଖବର, ନୂତନ ବନ୍ଧୁଲାଭ, ଭୂସମ୍ପତ୍ତିଲାଭ, ମାନସିକ ଶାନ୍ତି, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ମାମଲା ସମାଧାନ, କର୍ମକ୍ଷେତ୍ରେ ପ୍ରଶଂସା, ଶରୀର ସୁସ୍ଥ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା-ମହାଲକ୍ଷ୍ମୀ ।

**କର୍କଟ:** ମାନସିକ ଦ୍ୱନ୍ଦ୍ୱ, କାର୍ଯ୍ୟରେ ସହଯୋଗ, ଶୁଭଖବର, ବିବାଦ ସମାଧାନ, ଉଚ୍ଚକାର୍ଯ୍ୟରେ ଅଶାନ୍ତି, ଦ୍ରବ୍ୟପ୍ରାପ୍ତି, ବ୍ୟବସାୟରେ ଶତ୍ରୁତା, ଶରୀର ସୁସ୍ଥ, ଜମିଜମା ଗଣ୍ଡଗୋଳ, ବ୍ୟକ୍ତି ସହାୟତା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା-ପ୍ରଭୁ ଲିଙ୍ଗରାଜ ।

**ସିଂହ:** ଯାତ୍ରାରେ କଷ୍ଟ, ଶରୀର ଅସୁସ୍ଥ, ନୂତନ ଯୋଜନା ସଫଳ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ିଚାଳନାରେ ସାବଧାନ, ବନ୍ଧୁକଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କ ସାକ୍ଷାତ, ଅଳ୍ପାପଣ, ଅର୍ଥ ସମସ୍ୟା, ବିଦ୍ୟାଲାଭ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**କନ୍ୟା:** ଲୋକସମ୍ପର୍କ ବୃଦ୍ଧି, ନୂତନ ଚୁକ୍ତି, ଅର୍ଥଲାଭ, ଶତ୍ରୁ ପରାଜିତ, ବନ୍ଧୁ ସହଯୋଗ, ସ୍ୱାସ୍ଥ୍ୟରେ ଉନ୍ନତି, ଅଚାନକ ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିଦ୍ୟାଲାଭ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ଲକ୍ଷ୍ମୀନାରାୟଣ ।

**ତୁଳା:** ବନ୍ଧୁସହଯୋଗ, ନୂତନ ଯୋଜନା ସଫଳ, ଶରୀର ସୁସ୍ଥ, ଦୂରଯାତ୍ରା, ବ୍ୟବସାୟରେ ଉନ୍ନତି, ବିବାଦ ସମାଧାନ, ଉଚ୍ଚଆଶା ସଫଳ, ସୁସମାଚାର, ଦ୍ରବ୍ୟଲାଭ, ଯାନବାହନ କ୍ରୟ, ବିଦ୍ୟାରେ ସଫଳ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ଗୋସେବା କରନ୍ତୁ ।

**ବିଛା:** ସନ୍ତାନ ସମସ୍ୟା, ବିଶିଷ୍ଟ କାର୍ଯ୍ୟରେ ଆନନ୍ଦ, ଅନୁଷ୍ଠାନରୁ ଲାଭ, ଦୂରଯାତ୍ରା ସଫଳ, ବିଦ୍ୟାରେ ସଫଳତା, ଶତ୍ରୁସମସ୍ୟା, କିଛି କାର୍ଯ୍ୟରେ ବିବାଦ, ସମ୍ପତ୍ତି ସମସ୍ୟା, ନୂତନ କାର୍ଯ୍ୟ ଆରମ୍ଭ, ଅର୍ଥଲାଭ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୬, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ମାନସିକ ଶାନ୍ତି, କାର୍ଯ୍ୟ ସଫଳ, ଆଶାପୂର୍ଣ୍ଣ, ଦାମ୍ପତ୍ୟଖୁସି, ନୂତନ କର୍ମରେ ଲାଭ, ଅର୍ଥକଷ୍ଟ, ଶତ୍ରୁ ପରାଜିତ, ସନ୍ତାନଲାଭ, ବିଦ୍ୟାରେ ସଫଳତା, ଦୂରଯାତ୍ରାରେ ଲାଭ, ସମ୍ପତ୍ତିଲାଭ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୦, ଆରାଧନା-ପ୍ରଭୁ ହନୁମାନ ।

**ମକର:** କାର୍ଯ୍ୟରେ ପ୍ରଶଂସା, ଅର୍ଥଲାଭ, ଶତ୍ରୁ ସମସ୍ୟା, ଯାତ୍ରାରେ କଷ୍ଟ, ହଠାତ୍ ଧନଲାଭ, ବିଶିଷ୍ଟ କାର୍ଯ୍ୟରେ ଅଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁଦର୍ଶନ, ବିଦ୍ୟାରେ ସଫଳତା, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମା' ମହାଲକ୍ଷ୍ମୀ ।

**କୁମ୍ଭ:** ଧର୍ମକାର୍ଯ୍ୟରେ ଯୋଗଦାନ, ମାନସିକ ଶାନ୍ତି, ଦ୍ରବ୍ୟପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ସମ୍ପତ୍ତିଲାଭ, ନୂତନ କାର୍ଯ୍ୟ ଆରମ୍ଭ, ସମ୍ମାନ ବୃଦ୍ଧି, ଆଶା ସଫଳ, ଶରୀର ସୁସ୍ଥ, ଅର୍ଥସମସ୍ୟା ସମାଧାନ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୧୧, ଆରାଧନା-ଶଙ୍କର ଭଗବାନ ।

**ମୀନ:** ଆର୍ଥିକ ଖୁସି, କିଛି ସମସ୍ୟା ସମାଧାନ, ଉଚ୍ଚଆଶାରେ କଷ୍ଟ, ଭାତୃ କଳହ, ବ୍ୟବସାୟିକ ଖୁସି, ଚୁକ୍ତି ସମ୍ପାଦନ, ଅତିଥିଲାଭ, ଶରୀର ସୁସ୍ଥ, ଶୁଭଖବର, ପିଲାଙ୍କ ସଫଳତା, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ମା' ଗୌରୀ ।

**ଜ୍ୟେଷ୍ଠ (ମଳ) ଶୁକ୍ଳପକ୍ଷ ଚତୁର୍ଥୀ**
**୨୦.୫.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ସମ୍ବଲପୁରର ବିଭିନ୍ନ ଶୀତଳଷଷ୍ଠୀ କମିଟିର ସଦସ୍ୟ ମାନେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଗାମୀ ଶୀତଳଷଷ୍ଠୀ ଉତ୍ସବ ପାଇଁ ନିମନ୍ତ୍ରଣ କରୁଛନ୍ତି ।



କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ତାଙ୍କ ସଂସଦୀୟ କ୍ଷେତ୍ରର ବିକାଶ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରୁଛନ୍ତି ।



ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ତାଙ୍କ ସଂସଦୀୟ କ୍ଷେତ୍ରର ବିକାଶ ସମ୍ପର୍କରେ ଆଲୋଚନା କରୁଛନ୍ତି ।

# ଲୁଟେରା ଗିରଫ, ୩୫ ହଜାର ଟଙ୍କା ଜବତ

ଭୁବନେଶ୍ୱର, (ସବ୍ୟୁ) : ଏକ ଲୁଟ୍ ମାମଲାର ଅଭିଯୁକ୍ତଙ୍କୁ ସହିଦନଗର ଥାନା ପୋଲିସ ଗିରଫ କରିବା ସହ ତା'ନିକଟରୁ ୩୫ ହଜାର ଟଙ୍କା ଜବତ କରିଛି । ଏପ୍ରିଲ୍ ୨୮ ତାରିଖ ଦିନ ସନ୍ଧ୍ୟାରେ ବିଭୂତି ଭୂଷଣ ସେଠୀ ମହର୍ଷି କଲେଜ ରାସ୍ତା ନିକଟରେ ମୋବାଇଲ ଫୋନ୍‌ରେ କଥା ହେଉଥିବା ବେଳେ ୩ଜଣ ଅଜଣା ବ୍ୟକ୍ତି ତାଙ୍କ ନିକଟକୁ ଆସି ମୋବାଇଲ ଫୋନ୍ ଛଡାଇ ନେଇଥିଲେ । ଧମକ ଦେଇ ଜୋରଜବରଦସ୍ତ ମୋବାଇଲ ଲକ୍ ଖୋଲାଇଥିଲେ । ପରେ ସେମାନେ ଅଭିଯୋଗକାରୀଙ୍କ ଆକାଉଣ୍ଟରୁ ବିଭିନ୍ନ ଅନ୍‌ଲାଇନ୍‌ୟୁପିଆଇ ଟ୍ରାଞ୍ଜାକ୍‌ସନ ମାଧ୍ୟମରେ ମୋଟ ୪୬ ହଜାର ୨୦୦ ଟଙ୍କା ଲୁଟିଥିଲେ । ଘଟଣାସ୍ଥଳରୁ ସେମାନେ ପଳାଇଯିବା ପରେ ବିଭୂତି ଥାନାକୁ ଆସି ଏତଲା କରିଥିଲେ । ଏତଲା ଆଧାରରେ ପୋଲିସ ଟେକ୍ନିକାଲ ଯାଞ୍ଚ କରି ଲୁଟ୍‌ପାଟ ସମ୍ପର୍କରେ ଜାଣିବା ସହ ମୋବାଇଲ ନମ୍ବରରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା । ଶାନ୍ତିପଲ୍ଲୀ ବସ୍ତିର ବିଜୟ କୁମାର ମୁଦୁଲି ଓରଫ ହାପି (୨୦)କୁ ପୋଲିସ ଗିରଫ କରିବା ପରେ ମଙ୍ଗଳବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ବ୍ଲକ ପରିସରରେ ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ଜିଲ୍ଲାପାଳଙ୍କ ସହ ଉପଜିଲ୍ଲାପାଳ କୃଷ୍ଣଦେ ସମାଦାର, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ,ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରା ପ୍ରମୁଖ ଉପସ୍ଥିତ ଥିବାବେଳେ ବିଭିନ୍ନ ବିଭାଗର ଜିଲ୍ଲା ଓ ସ୍ଥାନୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ଏହି ଜନଶୁଣାଣୀ ଶିବିରରେ ସମୁଦାୟ ୮୪ ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ଏଥି ମଧ୍ୟରେ ୬୧ଟି ବ୍ୟକ୍ତିଗତ ଅଭିଯୋଗ,୧୮ ଟି ସାମୁହିକ ଗ୍ରାମୀଣ ଅଭିଯୋଗଓ ମୁଖ୍ୟ ମନ୍ତ୍ରୀ ସାହାଯ୍ୟ ପାଣ୍ଠି ପାଇଁ ୫ ଟି ଅଭିଯୋଗ ହୋଇଥିଲା । ଏଥି ମଧ୍ୟରୁ ୨୧ ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା ।

## ରବି ଧାନ ସଂଗ୍ରହ

# ସମ୍ବଲପୁର ଓ ବରଗଡ଼ ବିଧାୟକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ଭୁବନେଶ୍ୱର: (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ବିଧାୟକମାନଙ୍କ ସହିତ ରବିଧାନ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଛନ୍ତି । ବୈଠକରେ ମଣ୍ଡି ଭିତ୍ତିଭୂମି, ଟୋକନ ପ୍ରଦାନ, ମିଲର୍‌ମାନଙ୍କ ଧାନ ଉଠାଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ସମସ୍ତ ଅଞ୍ଚଳର ଚାଷୀମାନଙ୍କ ଠାରୁ ଧାନ କିଣିବା ପାଇଁ ସରକାରଙ୍କ ପ୍ରକ୍ରିୟା ଜାରି ରହିଛି । ଚାଷୀମାନଙ୍କ ଯେପରି କୌଣସି ଅସୁବିଧା ହେବ ନାହିଁ ଏବଂ ମିଲର୍‌ମାନେ ଠିକ୍ ସମୟରେ ଧାନ ଉଠେଇବେ, ତା'ଉପରେ ସ୍ୱତନ୍ତ୍ର ଫୋକସ ରଖା ଯାଇଛି ।

ଚାଷୀମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଚାଷୀମାନଙ୍କର ଯାହାକିଛି ସମସ୍ୟା ରହିଛି, ତାହା ନିଶ୍ଚିତ ଦୂର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ



ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ସଚିବ ସଞ୍ଜୟ ସିଂହ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ପ୍ରମୁଖ ଆଲୋଚନା କରିଥିଲେ ।

## ୩୦ଟି ବିଜ୍ଞପ୍ତିତ ନାଗରିକ ସେବାରେ ୯୪% ସମୟସୀମା

# ଅନୁପାଳନ ହାସଲ କଲା ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ

ଭୁବନେଶ୍ୱର, (ସବ୍ୟୁ): ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ନିକଟରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ 'ଓଡ଼ିଶା ସେବା ଅଧିକାର ଆଇନ' (ଓଆରଟିପିଏସ) ଅଧୀନରେ ନାଗରିକ ସେବା ପ୍ରଦାନର



କାର୍ଯ୍ୟଦକ୍ଷତା ଓ ଡିଜିଟାଲ୍ ସେବା ବ୍ୟବସ୍ଥାର ଅଗ୍ରଗତିର ସମୀକ୍ଷା କରାଯାଇଛି। ସମୀକ୍ଷାରେ ପ୍ରକାଶ ପାଇଛି ଯେ, ବିଭାଗ ଅଧୀନରେ ରହିଥିବା ୩୦ଟି ବିଜ୍ଞାପ୍ତିତ ନାଗରିକ ସେବାରେ ପ୍ରାୟ ୯୪% ଆବେଦନକୁ ଆଇନଗତ ଭାବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରାଯାଇଛି। ରାଜ୍ୟ ସରକାରଙ୍କ "ଲୋକସେବା ଅଧିକାର – ସୁବିଧାରେ ସରକାରୀ ସେବା" ଆଦର୍ଶକୁ ଆଧାର କରି ବିଭାଗ ସହରାଞ୍ଚଳ ନାଗରିକ ସେବା ପ୍ରଦାନ ବ୍ୟବସ୍ଥାକୁ କ୍ରମାଗତ ଭାବେ ଡିଜିଟାଲ୍ ଓ ଲୋକାଭିମୁଖୀ କରିଛି। ବର୍ତ୍ତମାନ ୩୦ଟି ସେବା ମଧ୍ୟରୁ ୨୧ଟି ସେବା ସୁଯୋଗ, ସ୍ୱଚ୍ଛତା ଏବଂ ସ୍ୱତନ୍ତ୍ର ଅଭିଯୋଗ ପରିଚାଳନା ପୋର୍ଟାଲ୍ ମାଧ୍ୟମରେ ସମଗ୍ର ରାଜ୍ୟରେ ସମ୍ପୂର୍ଣ୍ଣ ଅନଲାଇନ୍‌ରେ ଉପଲବ୍ଧ ହୋଇଥିବାବେଳେ, ଆଉ ୭ଟି ସେବା ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅଧୀନରେ ଅନଲାଇନ୍‌ରେ ଉପଲବ୍ଧ ଅଛି। କେବଳ ୨ଟି ସେବା ବର୍ତ୍ତମାନ ଅଫଲାଇନ୍ ମୋଡ୍‌ରେ ଚାଲୁ ରହିଛି। ସେବାଗୁଡ଼ିକର ଅଧିକ ସ୍ୱଚ୍ଛ ମନିଟରିଂ ଓ ଦାୟିତ୍ୱବୋଧ ସୁନିଶ୍ଚିତ କରିବା ପାଇଁ ସେଣ୍ଟର ଫର୍ ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ ମାଧ୍ୟମରେ ବିକଶିତ ହେଉଥିବା ୭ଟି ଡ୍ୟାସବୋର୍ଡର ବ୍ୟବହାରକାରୀଙ୍କ ଦ୍ୱାରା ଗ୍ରହଣୀୟ ପରୀକ୍ଷଣ ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି।

୧ ଏପ୍ରିଲ୍ ୨୦୨୪ ରୁ ୨୭ ଏପ୍ରିଲ୍ ୨୦୨୬ ମଧ୍ୟରେ ବିଭିନ୍ନ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସମୁଦାୟ ୬,୫୯,୧୦୨ଟି ଆବେଦନ ଗ୍ରହଣ କରାଯାଇଥିଲା। ଏହା ପ୍ରଯୁକ୍ତିବିଦ୍ୟା ଆଧାରିତ ନାଗରିକ ସେବା ପ୍ରତି ସାଧାରଣ ଲୋକଙ୍କ ବଢୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି। ଏଥିମଧ୍ୟରୁ ୬,୦୭,୯୬୦ଟି ଆବେଦନ ନିର୍ଦ୍ଧାରିତ 'ସର୍ଭିସ୍ ଲେଭଲ୍ ଏଗ୍ରିମେଣ୍ଟ' (ଏସଏଲଏ) ସମୟସୀମା ମଧ୍ୟରେ ସମାଧାନ କରାଯାଇଥିବାବେଳେ ୧୦,୯୧୬ଟି ଆବେଦନ ବର୍ତ୍ତମାନ ପ୍ରକ୍ରିୟାଧୀନ ଥିଲେ ମଧ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରହିଛି। ସେବାଭିତ୍ତିକ କାର୍ଯ୍ୟଦକ୍ଷତା ମଧ୍ୟରେ ବ୍ୟବସାୟିକ ଲାଇସେନ୍ସ ସେବାରେ ୫୭,୭୧୫ଟି ଆବେଦନର ଶତପ୍ରତିଶତ ସମୟାନୁବର୍ତ୍ତୀ ସମାଧାନ ସହ ଶୂନ୍ୟ ପେଣ୍ଡିଂ ରେକର୍ଡ କରାଯାଇଛି। ସ୍ୱେରେଜ୍ ସଂଯୋଗ ସେବାରେ ୯୮% ଏବଂ ଜଳ ଓ ସ୍ୱେରେଜ୍ ସଂଯୋଗ ସେବାରେ ୯୬% ସମୟସୀମା ଅନୁପାଳନ ହୋଇଛି। ଜଳ ଓ ସ୍ୱେରେଜ୍ ସଂଯୋଗ ସେବାରେ ସର୍ବାଧିକ ୫,୦୨,୫୫୫ଟି ଆବେଦନ ଗ୍ରହଣ କରାଯାଇଥିଲା। ସମ୍ପତ୍ତି କର ନୂତନ ଆକଳନ ସେବାରେ ୯୬% ଏବଂ ସମ୍ପତ୍ତି କର ମାଲିକାନା ବଦଳ ସେବାରେ ୭୬% ସମୟାନୁବର୍ତ୍ତୀ ସମାଧାନ ହୋଇଛି।

# ୪୨ ମୌଜା ସାଂସ୍କୃତିକ ମହୋତ୍ସବ ଉଦଯାପିତ

ଫୁଲନଖରା ,(ସବ୍ୟୁ):କଟକ ସଦର ୪୨ ମୌଜା ସାଂସ୍କୃତିକ ମହୋତ୍ସବ ଉଦଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟା ରଙ୍ଗାରଙ୍ଗ ସାଂସ୍କୃତିକ ପରିବେଶରେ ଅତ୍ୟନ୍ତ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ରବିନାରାୟଣ ନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ ।ଏହି ଅବସରରେ ମାନିନୀ ସାଂସ୍କୃତିକ କଳା ପରିଷଦ ପକ୍ଷରୁ କୁଶଳୀ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ, ସମ୍ବଲପୁରୀ ଓ ଦେଶାତ୍ମବୋଧକ ସଙ୍ଗୀତରେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ପ୍ରସିଦ୍ଧ କୋରିଓଗ୍ରାଫର ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ବବି ଇସ୍ଲାମ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ।ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ସମରେନ୍ଦ୍ର ମହାପାତ୍ର, ହାସ୍ୟ ଅଭିନେତା ପ୍ରଦୀପ୍ତ କୁମାର ମହାପାତ୍ର, ଅଭିନେତା ନବକିଶୋର ନାୟକ ଏବଂ ୪୨ ମୌଜାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ବବି ଇସ୍ଲାମଙ୍କ ହସ୍ତରେ ସମ୍ମାନିତ କରାଯାଇଥିଲା ।ମାନିନୀ ସାଂସ୍କୃତିକ କଳା ପରିଷଦର ନିର୍ଦ୍ଦେଶିକା ଶୈବାଳିନୀ ତ୍ରିପାଠୀ ଓ ସୌଦାମିନୀ ତ୍ରିପାଠୀ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଉଦଯାପନୀ ସନ୍ଧ୍ୟାରେ ବିଶାଳ ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା । ମୀନାବଜାରରେ ମଧ୍ୟ ଭାରି ଭିଡ଼ ଦେଖିବାକୁ ମିଳିଥିଲା । ।କାର୍ଯ୍ୟକ୍ରମରେ ଅଧ୍ୟାପକ ଖଲିକୁଦ୍ଦିନ ଜମାନ ଖାଁ, ପ୍ରକାଶ କୁମାର ଦାସ, ଆଡଭୋକେଟ ମାଧବେନ୍ଦ୍ର ମହାନ୍ତି, ଆଡଭୋକେଟ ପ୍ରମୋଦ କୁମାର ପତି, ପ୍ରସନ୍ନ କୁମାର ପତି, ନିତ୍ୟାନନ୍ଦ ପତି, ସିଦ୍ଧେଶ୍ୱର ପତି, ବିଳାଶ ଚନ୍ଦ୍ର ବେହେରା, ସୁଧୀର ଶତପଥୀ, ଅଶୋକ କୁମାର ପତି, ଅଧ୍ୟାପକ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସାଂସ୍କୃତିକ ମହୋତ୍ସବ କମିଟିର ସଭାପତି ସନ୍ତୋଷ କୁମାର ପତି ଧନ୍ୟବାଦ ଜଣାଇଥିଲେ ।

## ଓଡ଼ିଶାରେ ସହରାଞ୍ଚଳ ପରିବହନର କ୍ଷେତ୍ର ବଢ଼ାଇଲା କ୍ରୁଟ

# ଇ-ମୋବିଲିଟି, ସଡ଼କ ସୁରକ୍ଷା, ଆର୍ଥିକ ସ୍ଥିରତା ଉପରେ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ସହରାଞ୍ଚଳରେ ଗମନାଗମନର ସମ୍ପ୍ରସାରଣ, ଭିତ୍ତିଭୂମି ବିକାଶ, ସଡ଼କ ସୁରକ୍ଷା ଏବଂ ସୁଦୃଢ଼ୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର । କେନ୍ଦୁଝର, ବାରିପଦା, ଅନୁଗୋଳ, ଝାରସୁଗୁଡ଼ା ଏବଂ ବାଲେଶ୍ୱରକୁ ଅନ୍ତର୍ଭୁକ୍ତ କରୁଥିବା କ୍ରୁଟର ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ ଯୋଜନାର ଅଗ୍ରଗତି ସମୀକ୍ଷା କରିବା ସହ ଯାଜପୁର, ରାୟଗଡ଼ା, କୋରାପୁଟ, ଭଦ୍ରକ ଏବଂ ବଲାଙ୍ଗୀରରେ ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣର ରୋଡମ୍ୟାପ୍ ବିଷୟରେ ଆଲୋଚନା କରିଥିଲେ ।

କ୍ୟାପିଟାଲ୍ ରିଜିଓନାଲ୍ ଅର୍ବାନ୍ ଟ୍ରାନ୍ସପୋର୍ଟ' (କ୍ରୁଟ)ର ଚାଲୁ ରହିଥିବା ଏବଂ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ପିଏମ୍ ଇ-ବସ୍ ସେବା' ଯୋଜନାର କାର୍ଯ୍ୟକାରିତା ଅଗ୍ରଗତି ଉପରେ ମଧ୍ୟ ବ୍ୟାପକ ଆଲୋଚନା କରାଯାଇଥିଲା । ରାଜ୍ୟରେ ଆଗାମୀ ଡିପୋ ଏବଂ ବୈଦ୍ୟୁତିକ ପରିବହନ ଭିତ୍ତିଭୂମିକୁ ସମୟାନୁବନ୍ଧିତ ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ବାକି ଥିବା ଭିତ୍ତିଭୂମି ଏବଂ ବିଦ୍ୟୁତ ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମାନ୍ୟବର ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସାର୍ବଜନୀନ ପରିବହନ କାର୍ଯ୍ୟକଳାପରେ ଦୀର୍ଘକାଳୀନ ଆର୍ଥିକ ସ୍ଥିରତାର ଗୁରୁତ୍ୱ ଉପରେ ଆଲୋକପାତ କରି, ବ୍ୟବସ୍ଥିତ ମୁଦ୍ରୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୁଟର ଅଣ-ଭଡ଼ା ବାକ୍ସ ରାଜସ୍ୱ ଉତ୍ସକୁ ସୁଦୃଢ଼ କରିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ବସ୍, ବସ୍ କ୍ୟୁ ସେଲଟର, ବସ୍ ପୋଲ୍ ଏବଂ ଡିପୋ-ସଂଯୁକ୍ତ ବାଣିଜ୍ୟିକ ଭିତ୍ତିଭୂମି ଉପରେ ବିଜ୍ଞାପନ ଅଧିକାର ସମ୍ବନ୍ଧୀୟ ଚାଲୁ ରହିଥିବା ପ୍ରୟାସଗୁଡ଼ିକର ମନ୍ତ୍ରୀ ସମୀକ୍ଷା କରିଥିଲେ । ସଡ଼କ ସୁରକ୍ଷା ଅନ୍ୟ ଏକ ପ୍ରମୁଖ କ୍ଷେତ୍ର ଭାବେ ଉଭା ହୋଇଥିଲା । କ୍ରୁଟ ଦ୍ୱାରା ଇତି ମଧ୍ୟରେ ଗ୍ରହଣ କରାଯାଇଥିବା ସୁରକ୍ଷା ବ୍ୟବସ୍ଥାକୁ ମାନ୍ୟବର ମନ୍ତ୍ରୀ ପ୍ରଶଂସା କରିବା ସହ ବିଦ୍ୟମାନ ବସ୍ ଗୁଡ଼ିକରେ ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍ (ଆଡାସ) ଏବଂ ଡ୍ରାଇଭର୍ ଫାଟିଗ୍ ଆଣ୍ଡ ମନିଟରିଂ ସିଷ୍ଟମ୍ ର ମୁତୟନକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯାତ୍ରୀ ଏବଂ ଡ୍ରାଇଭରଙ୍କ ସୁରକ୍ଷାକୁ ଆହୁରି ବଢ଼ାଇବା ପାଇଁ ସମସ୍ତ ନୂତନ ଭାବେ କ୍ରୟ କରାଯାଉଥିବା ବୈଦ୍ୟୁତିକ ବସ୍ ଗୁଡ଼ିକରେ ଆଡାସ-ସକ୍ଷମ ସୁରକ୍ଷା ବ୍ୟବସ୍ଥା ସଂଯୋଗ କରାଯାଉଛି ବୋଲି ଅଧିକାରୀମାନେ ଜଣାଇଥିଲେ । କେନ୍ଦୁଝରରେ ବୈଦ୍ୟୁତିକ ବସ୍ ଚାଳନାରେ ମହିଳା ଡ୍ରାଇଭରମାନଙ୍କ ନିୟୋଜନକୁ ବିଶେଷ ଭାବେ ସ୍ୱୀକୃତି ଦେଇଛନ୍ତି । ସାଧାରଣ ସହର ପରିବହନ କାର୍ଯ୍ୟରେ ମହିଳା ଭାରୀ ମୋଟର ଯାନ ଡ୍ରାଇଭରମାନଙ୍କ ମୁତୟନ ସହରାଞ୍ଚଳ ପରିବହନ କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ଦିଗରେ ଏକ ପ୍ରଗତିଶୀଳ ପଦକ୍ଷେପ ବୋଲି ବିବେଚନା କରାଯାଇଥିଲା ।

କ୍ରୁଟ କ୍ୟାପେଟନମାନଙ୍କ ପାଇଁ ସାଇକୋମେଟ୍ରିକ ମୂଲ୍ୟାଙ୍କନ ଏବଂ ବ୍ୟବସ୍ଥିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହିତ ପ୍ରସ୍ତାବିତ ସହଯୋଗ ଏବଂ ବୁଝାମଣାପତ୍ର (ଏମଓୟୁ) କୁ ମଧ୍ୟ ବୈଠକରେ ଉଚ୍ଚ ପ୍ରଶଂସା କରାଯାଇଥିଲା ।

## ଜିଲ୍ଲାପାଳମାନଙ୍କ ସହିତ ମୁଖ୍ୟ ସଚିବଙ୍କ ବୈଠକ

# ୯ଟି ବିଭାଗର ଜିଲ୍ଲା ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ଓ ପରାମର୍ଶ

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟ ଶାସନ ସଚିବଙ୍କ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳମାନଙ୍କ ସହିତ ଏକ ବୈଠକ ଆଜି ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଖଣି ପ୍ରଭାବିତ ଅଂଚଳର ବିକାଶ ସମୀକ୍ଷା ପାଇଁ ସିଏମ-ସମ୍ପଦା ପ୍ଲାଟଫର୍ମର କାର୍ଯ୍ୟକାରିତା ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ଶିଳ୍ପ, ଶକ୍ତି, ଅର୍ଥ, ଅବକାରୀ, ଜଳ ସଂପଦ ବିଭାଗ ଏବଂ ବିପର୍ଯ୍ୟୟ ପରିଚାଳନା ଆଦି ସଂପର୍କରେ ଜିଲ୍ଲା ସହିତ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରିତାରେ ରହୁଥିବା ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରାଯାଇ ପରାମର୍ଶ ଦିଆଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନା କରିଥିଲେ ।

ବୈଠକରେ ମୁଖ୍ୟ ଶାସନ ସଚିବ ଅର୍ଥ ବିଭାଗ ସଂପର୍କିତ ସମୀକ୍ଷାରେ କ୍ରେଡିଟ୍-ଡିପୋଜିଟ୍ ଅନୁପାତ ବୃଦ୍ଧି କରି ରାଜ୍ୟର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ ଦେଇଛନ୍ତି । ଏଥି ସହ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ




ମାସିକ ବୈଠକ କରି ବିଭାଗୀୟ କାର୍ଯ୍ୟ ସମୀକ୍ଷା ପୂର୍ବକ ସମନ୍ୱିତ ପ୍ରୟାସରେ ରହୁଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଜିଲ୍ଲାପାଳମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଯୋଜନା ଓ ସଂଯୋଜନ ବିଭାଗ ତରଫରୁ ସିଏମ-ସମ୍ପଦା ପ୍ରଗତି ସମୀକ୍ଷା ପ୍ଲାଟଫର୍ମରେ ଖଣି ପ୍ରଭାବିତ ଅଞ୍ଚଳଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଗ୍ରହଣ କରାଯାଇଥିବା ୪-ସ୍ତରୀୟ କାର୍ଯ୍ୟପଦ୍ଧତି ଉପରେ ଆଲୋଚନା ହୋଇଥିଲା । ଜିଲ୍ଲାପାଳମାନଙ୍କ ଦ୍ୱାରା ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ବିଭାଗୀୟ କାର୍ଯ୍ୟ ସଂପର୍କିତ ସମୀକ୍ଷା ବୈଠକର ନିର୍ଯ୍ୟାସକୁ ସିଏମ-ସମ୍ପଦା ଡ୍ୟାସବୋର୍ଡରେ ସୂଚିତ କରିବା ସହ ରାଜ୍ୟସ୍ତରରୁ ସହାୟତା ଆବଶ୍ୟକ ହେଉଥିବା ବିଷୟଗୁଡ଼ିକୁ ଏକ ସପ୍ତାହ ମଧ୍ୟରେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗକୁ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାସ୍ତରରେ ସିଏମ୍ ସମ୍ପଦା ମାସିକ ବୈଠକ ନିୟମିତ କରିବାକୁ ମଧ୍ୟ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ଶିଳ୍ପ ଏବଂ ଗୃହ ବିଭାଗ ପକ୍ଷରୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ ରାଜ୍ୟରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବାରେ ଜିଲ୍ଲାପାଳଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ ।

ଏଥିପାଇଁ ଜିଲ୍ଲା ଶିଳ୍ପ ପ୍ରୋତ୍ସାହନ ସଂସ୍ଥା (ଡିପା) ଏବଂ ଇଡକୋ ସହଯୋଗରେ ଜିଲ୍ଲାମାନଙ୍କରେ ଶିଳ୍ପ ପ୍ରତିଷ୍ଠା ପାଇଁ ଯୋଗ୍ୟ ଜମି ଚିହ୍ନଟ, ଜମି ଅଧିଗ୍ରହଣ, ଶିଳ୍ପାୟନ ନେଇ ରହୁଥିବା ବିଭିନ୍ନ ସମସ୍ୟାର ସମାଧାନ ଅଗ୍ରାଧିକାର ଭିତ୍ତିରେ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି । ରାଜ୍ୟରେ ପର୍ଯ୍ୟଟନର ବିକାଶ ଓ ଏ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ବୃଦ୍ଧ ପାଇଁ ଜମି ଉପଲବ୍ଧତା ସଂପର୍କରେ ମଧ୍ୟ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ । ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ରାଜ୍ୟରେ ଆଇନ୍ ଶୃଙ୍ଖଳା ବଜାୟ ରଖିବା ସହ ଅପରାଧ ନିୟନ୍ତ୍ରଣ ନେଇ ଜିଲ୍ଲାପାଳମାନେ ନିୟମିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକମାନଙ୍କ ସହ ବୈଠକ କରି ପଦକ୍ଷେପ ନେବା ସଂପର୍କରେ ପରାମର୍ଶ ଦେଇଥିଲେ । ଅର୍ଥ ବିଭାଗର ପକ୍ଷରୁ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ରାଜ୍ୟରେ ବ୍ୟାଙ୍କିଙ୍ଗ ସେବାକୁ ଅଧିକ ବ୍ୟାପକ କରି, ଋଣ ପ୍ରବାହ ଏବଂ ପ୍ରାଥମିକ କ୍ଷେତ୍ରରେ ଋଣ ପ୍ରଦାନ ସଂପର୍କରେ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଯୋଗଦେଇ ବକେୟା ଜଳ କର ଆଦାୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଜିଲ୍ଲାସ୍ତରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ଜୁନ୍ ୧୯ରେ ବିଶ୍ୱ ସିକଲ୍ ସେଲ ଦିବସ, ଜୁନ୍ ୨୧ରେ ଆନ୍ତର୍ଜାତୀୟ ଯୋଗ ଦିବସ ପରିପ୍ରେକ୍ଷୀରେ ପ୍ରସ୍ତୁତି ନେଇ ସେ ଆଲୋଚନା କରିଥିଲେ । ସମୀକ୍ଷା ବୈଠକରେ ମଧ୍ୟ ଜିଲ୍ଲାରେ ଅବକାରୀ କାର୍ଯ୍ୟାଳୟ ଓ ସଂପର୍କିତ ଅନ୍ୟ ଭିତ୍ତିଭୂମି ପାଇଁ ସରକାରୀ ଜମି ଚିହ୍ନଟ ଓ ହସ୍ତାନ୍ତର ପ୍ରକ୍ରିୟା ସମ୍ବନ୍ଧୀୟ କାର୍ଯ୍ୟ ଅଗ୍ରଗତି ଉପସ୍ଥାପିତ କରାଯାଇ ଏହି କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## କଳାରାହାଙ୍ଗ ରେଗେଡି ବସ୍ତି ଉଚ୍ଛେଦ

# କଟୁରି, ପନିକି ଧରି ଗୋଡାଇଲେ ମହିଳା

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ପଟିଆ ନିକଟ କଳାରାହାଙ୍ଗ ରେଗେଡି ବସ୍ତିରେ ମିଳିତ ଉଚ୍ଛେଦକାରୀ ଦଳ ଉଚ୍ଛେଦ କରିବାକୁ ଯାଇଥିବା ବେଳେ ସେମାନଙ୍କୁ ମହିଳାମାନେ ପନିକି, କଟୁରି ଓ ଠେଙ୍ଗାବାଡି ଧରି ଆକ୍ରମଣ କରିବାକୁ ଗୋଡାଇଥିଲେ । ଯାହା ଫଳରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ମିଳିତ ଉଚ୍ଛେଦକାରୀ ଦଳରେ ବିଡିଏ, ଜିଏ ଓ ପୋଲିସ କର୍ମଚାରୀମାନେ ସାମିଲ ଥିବାରୁ ପୋଲିସ ମହିଳାମାନଙ୍କୁ ମୁକାବିଲା କରିଥିଲା । ୩୦ରୁ ଉର୍ଦ୍ଧ୍ୱ ଦୋକାନ ଓ ଘର ବୁଲ୍‌ଡୋଜର ମାଡରେ ଭାଙ୍ଗି ଚୁର୍‌ମାର ହୋଇଯାଇଛି । ସରକାରୀ ଜମିରେ ଜବରଦଖଲକାରୀମାନେ ଘର କରି ରହିବା ସହ ମାର୍କେଟ ବିଲ୍ଡିଂ କରି ଭଡା ଦେଇଥିଲେ ।

ଉତ୍ତେଜିତ ମହିଳାଙ୍କ କହିବାନୁଯାୟୀ ଆମକୁ କୌଣସି




ନୋଟିସ୍ ନଦେଇ ହଟାତ ଆସି ଆମ ଘରଦ୍ୱାର ଭାଙ୍ଗୁଛନ୍ତି । ଆମେ ୪୦ବର୍ଷରୁ ଉର୍ଦ୍ଧ୍ୱ ଏହି ସ୍ଥାନରେ ରହିଆସୁଥିବାରୁ ଏ ଉତ୍ତପ୍ତ ଖରାରେ କେଉଁଠି ରହିବୁ । ଉଚ୍ଛେଦକାରୀ ଦଳରେ ସାମିଲ ଥିବା ଜିଏର ଜଣେ ଅଫିସରଙ୍କ କହିବାନୁଯାୟୀ ରାସ୍ତା ଯିବା ପାଇଁ ଉଚ୍ଛେଦ କାର୍ଯ୍ୟ ହେଉଛି । ହେଲେ କ୍ଷତିଗ୍ରସ୍ତ ରେଗେଡି ବସ୍ତିବାସିନ୍ଦାଙ୍କ କହିବାନୁଯାୟୀ ଆମକୁ ରହିବା ପାଇଁ ଘର ଦେଇ ଉଚ୍ଛେଦ କରନ୍ତୁ । ନଚେତ୍ ଆମେ ପୁଣି ଏଠାରେ ରହିବୁ । ଉଚ୍ଛେଦକାରୀ ଦଳ ୩୦ରୁ ଉର୍ଦ୍ଧ୍ୱ ଘର ଓ ଦୋକାନ ଭାଙ୍ଗି ସାରିବା ପରେ ଫେରିଆସିଥିଲେ ।

# ଓଡ଼ିଶାର ଆମ୍ବ କିସମ, ଉତ୍ପାଦନକୁ କେନ୍ଦ୍ର କୃଷିମନ୍ତ୍ରୀଙ୍କ ପ୍ରଶଂସା




ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ଠାରେ ଆୟୋଜିତ ଜୋନାଲ କନଫରେନ୍ସରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ତରଫରୁ ଏଗ୍ରିକଲଚର ପ୍ରଡକ୍ସନ କ୍ଲଷ୍ଟର ଓ କୃଷି ଉଦ୍ୟୋଗୀଙ୍କ ଦ୍ୱାରା ଶଙ୍କର ଏବଂ ଏଲିଟ୍ କିସମର ବିଭିନ୍ନ ପ୍ରକାରର ଆମ୍ବ ପ୍ରଦର୍ଶିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ପୂର୍ବାଞ୍ଚଳ ରାଜ୍ୟର ସମସ୍ତ ମନ୍ତ୍ରୀ ଓ ଉଚ୍ଚପଦସ୍ଥ ଅଧିକାରୀ ଏହି ଷ୍ଟଲକୁ ପରିଦର୍ଶନ କରିଥିଲେ ଓ ଓଡ଼ିଶାର ବିଭିନ୍ନ ଆମ୍ବ କିସମ ଦେଖି ଭୂୟସୀ ପ୍ରଶଂସା କରିଥିଲେ ।

ବିଭିନ୍ନ ଜିଲ୍ଲାରୁ ଏବଂ କେନ୍ଦ୍ରୀୟ ଉଦ୍ୟାନ ପ୍ରଶିକ୍ଷଣ ସଂସ୍ଥା ତରଫରୁ ୩୫ରୁ ୪୦ କିସମର ଆମ୍ବ ଏଥିରେ ସ୍ଥାନ ପାଇଥିଲା । ସେଥିମଧ୍ୟରୁ ମୟୂରଭଞ୍ଜରୁ ଆସିଥିବା ସିମିଲଟନ୍ ସୁନ୍ଦରୀର ନାଲିରଙ୍ଗ ବେଶ୍ ଆକର୍ଷିତ କରିଥିଲା । ଏତଦବ୍ୟତୀତ କେଜି ପ୍ରତି ୧୦୦୦ ଟଙ୍କାରୁ ଉର୍ଦ୍ଧ୍ୱର୍ ଦାମରେ ବିକ୍ରି ହେଉଥିବା ମିଆଜାକି ଆମ୍ବ ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଏଥି ସହିତ କେନ୍ଦୁଝରର ବଳଦେବ କିସମ, ବଲାଙ୍ଗିରର ଜାହାଙ୍ଗିର ଓ ଢେଙ୍କାନାଳର ବେଲଗଜା ଏବଂ ଅନେକ ଶଙ୍କର ଓ ଉନ୍ନତ କିସମର ଆମ୍ବ ଯଥା-ଆର୍କା ନିଳାଚଳ, କେଶରୀ, ଆର୍କା ପୁନିତ, ଆର୍କା ସୁପ୍ରଭାତ, ଆର୍କା ଉଦୟ, ଅମ୍ବିକା ଇତ୍ୟାଦି କୃଷି ଉଦ୍ୟୋଗୀଙ୍କ ତରଫରୁ ପ୍ରଦର୍ଶିତ କରାଯାଇଥିଲା । ଏଥିରୁ ଅନୁମାନ କରିହେଉଛି ଅନୁକୂଳ ଜଳବାୟୁ, ଚାଷୀଙ୍କ ପ୍ରୟାସ ଓ କୃଷି ଉତ୍ପାଦକ ସଂଗଠନ ଯୋଗୁଁ ରାଜ୍ୟରେ ଆମ୍ବ ଉତ୍ପାଦନ ଦିନକୁ ଦିନ ବଢ଼ିଚାଲିଛି । ଗୁଣାତ୍ମକ ମାନର ଆମ୍ବ ଏଫପିଓମାନଙ୍କ ଦ୍ୱାରା ଏକତ୍ରିକରଣ କରି ବାହାର ରାଜ୍ୟ ଓ ଦେଶକୁ ରପ୍ତାନୀ କରି ଓଡ଼ିଶା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏଠାରେ ସୂଚନା ଯୋଗ୍ୟ ଯେ, ନିକଟରେ ଢେଙ୍କାନାଳର ଆମ୍ରପାଲୀ ଆମ୍ବ ଲଣ୍ଡନ ରପ୍ତାନି ହୋଇଛି ।

## ଡିଏଚ୍ଏଚ୍ ରେ ରୋଗୀ କଲ୍ୟାଣ ସମିତି ବୈଠକ

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ କ୍ଷୁବ୍ଧ ସାଂସଦ ଓ ବିଧାୟକ

ଖୋର୍ଦ୍ଧା, (ସବ୍ୟୁ): ଉତମ ସ୍ୱାସ୍ଥ୍ୟସେବା ସୁଶାସନର ମେରୁଦଣ୍ଡ। ସ୍ୱାସ୍ଥ୍ୟସେବାକୁ ନେଇ କୌଣସି ପ୍ରକାର ଟାଳଟୁଳ ନୀତି ଗ୍ରହଣୀୟ ନୁହେଁ। ସେବାରେ ତ୍ରୁଟି ହେଲେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଏହିଭଳି କିଛି କଡ଼ା ଆଭିମୁଖ୍ୟ ଦେଖାଇ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉପରେ ବର୍ଷିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ବିଧାୟକ ପ୍ରଶାନ୍ତ ଜଗଦେବ। ଏପରିକି ମଙ୍ଗଳବାର ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେରେ ଚାଲିଥିବା ରୋଗୀ କଲ୍ୟାଣ ସମିତିର ବୈଠକରେ ଆସନ୍ତା ମାସ ସୁଦ୍ଧା ସ୍ଥିତି ସୁଧାରିବାକୁ କଡ଼ା ଚେତାବନୀ ଦେଇ କ୍ଷୋଭର ସହ କକ୍ଷତ୍ୟାଗ କରିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ।

ଧାର୍ଯ୍ୟ ତାରିଖ ମୁତାବକ ମଙ୍ଗଳବାର ଦିନ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତିର ବୈଠକ ସ୍ଥିରୀକୃତ ହୋଇଥିଲା। ବୈଠକରେ ଗଭର୍ଣ୍ଣିଂ ବଡି ସଦସ୍ୟଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ




ସମେତ ପ୍ରଶାସନିକ ଅଧିକାରୀ ମାନେ ଯୋଗଦେଇଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ସ୍ୱାଗତଭାଷଣ ଦେଇ ବୈଠକ ସମ୍ପର୍କରେ ଆଲୋଚନା କରିଥିଲେ। ମାତ୍ର ବୈଠକ ଆରମ୍ଭରୁ ହିଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରାୟ ଓ ତାଙ୍କ ସହଯୋଗୀ ମାନଙ୍କ କାର୍ଯ୍ୟଦକ୍ଷତା ଅତ୍ୟନ୍ତ ନୈରାଶ୍ୟଜନକ ଥିବା ସାଂସଦ ଓ ବିଧାୟକ ଅନୁଭବ କରିଥିଲେ। ପ୍ରସ୍ତୁତିର ଅଭାବ, ବିଷୟବସ୍ତୁ ପ୍ରତି ଅବଜ୍ଞାନ ଏବଂ ପ୍ରଶାସନିକ ଦୁର୍ବଳତା ସ୍ପଷ୍ଟ ଭାବେ ଜଣା ପଡ଼ିଲା। ଗତ ୨୦ମାସ ପୂର୍ବେ ସାଂସଦଙ୍କ ଦ୍ୱାରା କରାଯାଇଥିବା ସମୀକ୍ଷା ବୈଠକରେ ପରିଲକ୍ଷିତ ହୋଇଥିବା ତ୍ରୁଟି ସୁଧୁରିବା ପରିବର୍ତ୍ତେ ପୂର୍ବଭଳି ଥିବା ଜାଣିବା ପରେ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଥିଲେ ସାଂସଦ ଓ ବିଧାୟକ।

ମାତୃ ଶିଶୁ ବିଭାଗ ହେଉ ଅଥବା ଅନ୍ୟାନ୍ୟ ବିଭାଗ, ସବୁଥିରେ ପରିଲକ୍ଷିତ ହୋଇଥିଲା ସେବାରେ ଅବହେଳା ଓ ତ୍ରୁଟି ଯୋଗୁ ବୈଠକରେ ସାଂସଦ ଓ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟସେବା ପ୍ରଶାସନ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଏଠାରେ ଅନାଗ୍ରହ ଓ ଅବହେଳା ଚରମ ସୀମାରେ ପହଁଚିଛି। ଯାହା ଆଦୌ ଗ୍ରହଣୀୟ ନୁହେଁ" ବୋଲି କହିଥିଲେ ସାଂସଦ। ଏଥିସହିତ ଅଧିକାରୀମାନଙ୍କୁ କେତେକ ଦାୟିତ୍ୱ ଓ କାର୍ଯ୍ୟ ଦେଇଥିଲେ। ଆସନ୍ତା ଜୁନ୍ ୩୦ତାରିଖରେ ପୁନର୍ବାର ବୈଠକ କରାଯିବାକୁ ନିଷ୍ପତି ନେଇଥିଲେ ବୈଠକର ଅଧକ୍ଷା ତଥା

**ସ୍ଥିତି ସୁଧାରିବାକୁ ଜିଲ୍ଲା ପ୍ରଶାସନ ଓ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ତାଗିଦ୍**

ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ। ଆସନ୍ତା ମାସ ସୁଦ୍ଧା ସିଡିଏମଓ ଡା. ରାୟ ଏବଂ ତାଙ୍କ ସହଯୋଗୀମାନେ ନିଜ କାର୍ଯ୍ୟଦକ୍ଷତାରେ ନିଶ୍ଚୟ ସୁଧାର ଆଣିବେ ବୋଲି ଆଶାବ୍ୟକ୍ତ କରି ଶିକ୍ଷା ଓ ସ୍ୱାସ୍ଥ୍ୟରେ କୌଣସି ପ୍ରକାର ରାଜନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଛନ୍ତି ସାଂସଦ। ବୈଠକକୁ ଅଧାରେ ବନ୍ଦ କରି ବାହାରି ଆସିଥିଲେ ସାଂସଦ ଓ ବିଧାୟକ। ବୈଠକରେ ବିଧାୟକ ଜଗଦେବ ସିଡିଏମଓ ଓ ଅନ୍ୟ ମେଡିକାଲ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ପ୍ରକାର ଗାଳି କରିଥିବା ନଜିର ରହିଛି। ଏହି ବୈଠକରେ ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଡିଏମଓ ଡା. ଶ୍ୟାମାପ୍ରସନ୍ନ ମିତ୍ର, ହସ୍ପିଟାଲ ମ୍ୟାନେଜର ସଙ୍ଗୀତା ସ୍ୱାଇଁ ଓ ସୋନାଲି ନନ୍ଦ, ଡା. ବିଶ୍ୱନାଥ ପାଢୀ, ଡା. ଆରତୀ ଶତପଥୀ, ଡା. ବିଶ୍ୱନାଥ ପାଢୀ ଓ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ନନ୍ଦନକାନନ ରାସ୍ତାରେ ହିଟ୍ ଆଣ୍ଡ ରନ୍

# ବାଇକ୍ ଆରୋହୀ ମୃତ, ଫର୍ଚ୍ୟୁନର ଜବତ

ଭୁବନେଶ୍ୱର, (ସବ୍ୟୁ) : ନନ୍ଦନକାନନ ରାସ୍ତାରେ ହିଟ୍ ଆଣ୍ଡ ରନ୍ ଯୋଗୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ପୋଲିସ ଫର୍ଚ୍ୟୁନର କାର୍‌କୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ଅଛି । ମାଉସୀ ମା'ଛକ ଅଞ୍ଚଳରେ ରହୁଥିବା କୁମାର ନାଥ ତାଙ୍କ ବାଇକ୍ ଯୋଗେ ସୋମବାର ଦିନ ନନ୍ଦନକାନନ ରାସ୍ତାରେ ଯାଉଥିବା ବେଳେ ଦ୍ରୁତ ଗତିରେ ଏକ କାର୍ ତାଙ୍କ ଉପରେ ମାଡିଯାଇଥିଲା । ନାଲ୍‌କୋ ଛକରୁ ଡମଣା ମଧ୍ୟରେ ଥିବା ତାନିଷ୍କ କଟ୍ ନିକଟରେ କୁମାରଙ୍କ ବାଇକ୍‌କୁ ଫର୍ଚ୍ୟୁନର ୫୦ ମିଟର ପର୍ଯ୍ୟନ୍ତ ଘୋଷାଡି ନେଇଥିଲା । ଖବର ପାଇ ଚନ୍ଦ୍ରଶେଖରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଫର୍ଚ୍ୟୁନର ଖସିଯାଇଥିଲା । ବାଇକ୍ ଆରୋହୀ କୁମାର ରାସ୍ତାରେ ପଡିଥିଲେ । ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିବା ବେଳେ ମଙ୍ଗଳବାର ତାଙ୍କ ମୃତ୍ୟୁ ହେଇଛି । ପୋଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସିସି କ୍ୟାମେରା ଆଧାରରେ ପୋଲିସ ଫର୍ଚ୍ୟୁନରକୁ ପିଛା କରି ପଟିଆ ଅଞ୍ଚଳରୁ ଜବତ କରିଛି । କାର୍‌କୁ ଚାଳକ ଲୁଚାଇବା ସହ ନମ୍ବର ପ୍ଲେଟ୍ ପ୍ରଭୃତି ଖୋଲିଦେଇଛି । କାର୍ ବମ୍ପର ଭାଙ୍ଗିଯିବା ପରେ ବର୍ଣ୍ଣଟ୍ ସମ୍ପୂର୍ଣ୍ଣ ଚେପା ହୋଇଯାଇଛି । କାର୍ ଜବତ ହୋଇଥିବା ବେଳେ ଫେରାର କାର୍ ଡ୍ରାଇଭରକୁ ଗିରଫ କରିବା ପାଇଁ ପୋଲିସ ଛାନ୍‌ଭିନ୍ କରୁଛି ।

# କଗ୍ନିଜାଂଟ ଟକ୍ନୋଭର୍ସ ହ୍ୟାକାଥନ ୨୦୨୬ ସମାପ୍ତ

ଭୁବନେଶ୍ୱର, (ସବ୍ୟୁ): କଗ୍ନିଜାଂଟ ପକ୍ଷରୁ ପୁନେସ୍ଥିତ ଏହାର ଫ୍ୟାସିଲିଟିରେ ଏକ ଗ୍ରାଣ୍ଡ ଫିନାଲେ ସହିତ କଗ୍ନିଜାଂଟ ଟେକ୍ନୋଭର୍ସ ହ୍ୟାକାଥନ ୨୦୨୬ର ସମାପ୍ତ କରାଯାଇଛି। ଏହି ହ୍ୟାକାଥନରେ ଭାରତବ୍ୟାପୀ ୧୬୦ରୁ ଅଧିକ ସହରର ଆଇଆଇଟି, ଏନଆଇଟି ଓ ଆଇଆଇଆଇଟି ସମେତ ୪୫୦ରୁ ଅଧିକ କଲେଜର ୨୨୦୦୦ରୁ ଅଧିକ ପ୍ରି-ଫାଇନାଲ ବର୍ଷ ଇଞ୍ଜିନିୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ସେଥିରେ ୬୨% ମହିଳା ସାମିଲ ଥିଲେ। ଏହି ହ୍ୟାକାଥନ ପରବର୍ତୀ ପିଢିର ଏଆଇ-ପ୍ରସ୍ତୁତ ପ୍ରତିଭା ବିକଶିତ କରିବା ଏବଂ ଭାରତର ଭବିଷ୍ୟତର ଏଆଇ ନିର୍ମାତାଙ୍କୁ ସଶକ୍ତ କରିବା ପାଇଁ ଏକ ଏଆଇ ବିଲ୍ଡର ଭାବେ କଗ୍ନିଜାଂଟର ପ୍ରତିବଦ୍ଧତାକୁ ପ୍ରତିଫଳନ କରିଛି ଏହି ହ୍ୟାକାଥନରେ ପ୍ରତି ୪ ଜଣିଆ ସଦସ୍ୟ ବିଶିଷ୍ଟ ଟିମରେ ସର୍ବନିମ୍ନ ଦୁଇ ଜଣ ମହିଳ ସଦସ୍ୟ ରହିବା ଜରୁରୀ ଥିଲା। ଏହାର ଫଳସ୍ୱରୁକ ୬୨%ରୁ ଅଧିକ ଅଂଶଗ୍ରହଣକାରୀ ମହିଳା ଥିବାବେଳେ ୫୬୦୦ରୁ ଅଧିକ ଟିମ ମଧ୍ୟରୁ ୧୧୦୦ରୁ ଅଧିକ ଟିମ କେବଳ ମହିଳାଙ୍କର ଥିଲା। ଏହି ହ୍ୟାକାଥନରେ ହାଇଦ୍ରାବାଦ, ଚେନ୍ନାଇ, ବେଙ୍ଗାଲୁରୁ, କୋଏମ୍ବାଟୁର ଓ ପୁନେର ସର୍ବାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ମୁଣ୍ଡରେ ବନ୍ଧୁକ ଲଗାଇ ୭୦ ହଜାର ଲୁଟ୍, ୫ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମୁଣ୍ଡରେ ବନ୍ଧୁକ ଲଗାଇ ୭୦ ହଜାର ଟଙ୍କା ଲୁଟିନେଇଥିବା ୫ ଦୁର୍ବୃତ୍ତଙ୍କୁ ଗିରଫ କରିଛି ଧଉଳି ଥାନା ପୋଲିସ । ସେମାନେ ନଗଦ ୫ ହଜାର ଟଙ୍କା, ମୋବାଇଲ ଫୋନ୍ ଲୁଟି ନେବା ପରେ ଏତଲାକାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୬୫ ହଜାର ଟଙ୍କା ଅନ୍‌ଲାଇନରେ ନେଇଯାଇଥିବା ଏତଲାରେ ଦର୍ଶାଇଛନ୍ତି ପ୍ରଦୀପ କୁମାର ସେନାପତି ।

ପ୍ରଦୀପ କୁମାର ସେନାପତି ଗତ ୧୧ ତାରିଖ ଦିନ ରାତି ସାଢେ ୧୧ଟା ସମୟରେ କେସୁରା ବ୍ୟାଙ୍କ କଲୋନୀରୁ ରାନ୍ଧଣା କାମ ସାରି ଘରକୁ ଫେରୁଥିବା ବେଳେ ପୁରୀ ବାଇପାସ୍ ଓଡିଆଣୀ ଢାବା ନିକଟରେ ଏକ କଳା ରଙ୍ଗର ପଲସର ବାଇକ୍‌ରେ ଆସିଥିବା ୬ଜଣ ଦୁର୍ବୃତ୍ତ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରିବା ସହ ତାଙ୍କଠାରୁ ୫ ହଜାର ଟଙ୍କା, ଫୋନ୍ ଛଡାଇ ନେଇଥିଲେ । ଏହାପରେ ଫୋନ୍ ପେ' ମାଧ୍ୟମରେ ଆକାଉଣ୍ଟରୁ ୬୫ ହଜାର ଟଙ୍କା ନେଇଯାଇଥିଲେ । ଘଟଣାସ୍ଥଳରୁ ସେମାନେ ଲୁଟ୍‌ପାଟ କରି ଖସିଯିବା ପରେ ଅସହାୟ ଅବସ୍ଥାରେ ପ୍ରଦୀପ ଫେରି ଧଉଳି ଥାନାରେ ଏତଲା କରିଥିଲେ ।

ଏତଲା ଆଧାରରେ ପୋଲିସ ତଦନ୍ତ କରି ଲୁଟ୍‌ପାଟର ପ୍ରମାଣ ସଂଗ୍ରହ କରିବା ପରେ ୫ଜଣଙ୍କୁ ଗିରଫ କଲା । ଗିରଫ ୫ଜଣ ହେଲେ ସୂର୍ଯ୍ୟକାନ୍ତ ଜେନା ଓରଫ ଧନିଆ ଓରଫ ସୋନୁ (୨୪), ଏନ୍.ରୋଶନ ରେଡ୍ଡୀ (୧୯), ଗୋବିନ୍ଦ ଚନ୍ଦ୍ର ମଲ୍ଲିକ (୨୦), ଶୁଭ୍ରଜିତ ମଲ୍ଲିକ (୨୬) ଓ ଈଶ୍ୱର ସ୍ୱାଇଁ (୨୫) । ଏମାନଙ୍କ ନିକଟରୁ ପଲସର,ୟାମାହା ଓ ୭ଟି ମୋବାଇଲ ଫୋନ୍ ଜବତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଜୋନ୍-୨ ଏସିପି କହିଛନ୍ତି । ୫ଜଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଓଡ଼ିଶା କ୍ୟାଡର ଆଇ.ଏ.ଏସ୍. ପ୍ରଶିକ୍ଷାର୍ଥୀଙ୍କ ଏସ୍ଏସ୍ଇପିଡି ବିଭାଗ ପରିଦର୍ଶନ

# ଅନ୍ତର୍ଭୁକ୍ତିମୂଳକ ଶାସନ ଓ ସାମାଜିକ ସୁରକ୍ଷା ଯୋଜନା ବାବଦରେ ନେଲେ ଜ୍ଞାନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା କ୍ୟାଡରର ଏକ ଆଇ.ଏ.ଏସ. ପ୍ରଶିକ୍ଷାର୍ଥୀ ଦଳ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ (ଏସ୍ଏସ୍ଇପିଡି ) ବିଭାଗ ପରିଦର୍ଶନ କରିଛନ୍ତି। ସେମାନଙ୍କ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣର ଏକ ଅଂଶସ୍ୱରୂପ, ଭବିଷ୍ୟତର ଏହି ପ୍ରଶାସକମାନଙ୍କୁ ସାମାଜିକ କଲ୍ୟାଣ, ଅନ୍ତର୍ଭୁକ୍ତିମୂଳକ ଶାସନ ଏବଂ ତୃଣମୂଳ ସ୍ତରରେ ସେବା ପ୍ରଦାନ ପ୍ରକ୍ରିୟା ସହ ପରିଚିତ କରାଇବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ଏହି ସମିଳନୀରେ ଏସ୍ଏସ୍ଇପିଡି ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ବିଭାଗର ବିଭିନ୍ନ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନା ଓ ସାଂସ୍ଥାନିକ ଭିତ୍ତିଭୂମି ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଏଥିରେ ମଧୁବାବୁ ପେନସନ ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ଜାତୀୟ ପରିବାର ମଙ୍ଗଳ ଯୋଜନା ଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରାଯାଇଥିଲା।

ଶାସନ ସଚିବ ସମାଜର ପଛୁଆ ଏବଂ ଅବହେଳିତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ



ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଉପଖଣ୍ଡ ସ୍ତରରେ ଏହିସବୁ ଯୋଜନାର ସଫଳ ରୂପାୟନ ଓ ତଦାରଖ କ୍ଷେତ୍ରରେ ଉପ-ଜିଲ୍ଲାପାଳ ମାନଙ୍କର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେ ବାବଦରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଯାଇଥିଲା। ଆଇଏଏସ ପ୍ରଶିକ୍ଷାର୍ଥୀ ଙ୍କୁ ସମ୍ବୋଧନ କରି ପ୍ରମୁଖ ଶାସନ ସଚିବ ଶ୍ରୀ ବଶିଷ୍ଠ କହିଲେ ଯେ: "ଭବିଷ୍ୟତର ପ୍ରଶାସନିକ ଅଧିକାରୀ ଭାବେ ଆପଣ ସମସ୍ତେ ଜିଲ୍ଲାପାଳଙ୍କ ସହ ସମନ୍ୱୟ ରକ୍ଷା କରି ଜିଲ୍ଲା ସ୍ତରୀୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ କାର୍ଯ୍ୟାଳୟଗୁଡ଼ିକ ପରିଦର୍ଶନ କରିବା ଆବଶ୍ୟକ, ଯାହାଦ୍ୱାରା କ୍ଷେତ୍ର ସ୍ତରୀୟ କାର୍ଯ୍ୟଧାରା ଓ ଆହ୍ୱାନଗୁଡ଼ିକ ସମ୍ପର୍କରେ ଏକ ସମ୍ୟକ ଧାରଣା ମିଳିପାରିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଶା କ୍ୟାଡରର ଆଇ.ଏ.ଏସ. ପ୍ରଶିକ୍ଷାର୍ଥୀ ଅଭି ଜୈନ, ଅନୁପ ନାୟକ, ଜସକରନ ସିଂ, ଜିତେନ୍ଦ୍ର କୁମାର, ଶରଣ୍ୟା ଏସ୍. ଏବଂ ସୁଧା ଚୌହାନ ଯୋଗ ଦେଇଥିଲେ।

# ପିଇବା ପାଣି ପାଇଲେ ପାଞ୍ଚଶହ ପରିବାର

ଗୋପ, (ସବ୍ୟୁ): ମୁନ୍ଦାଏ ପାନୀୟଜଳ ପାଇଁ ଦୀର୍ଘବର୍ଷ ଧରି ଅପେକ୍ଷା କରିଥିବା ଗୋପ ବ୍ଲକ କୁଆଁପଡ଼ା ପଞ୍ଚାୟତର ସୁଜାନଗଗର, ଆଳିଶି ଗାଁକୁ ସୋମବାର ଅପରାହ୍ନରେ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦିଆଯାଇଛି । କାର୍ଯ୍ୟକ୍ରମରେ କୁଆଁପଡ଼ା ସରପଞ୍ଚ ବଳିମଣି ପ୍ରଧାନ ଯୋଗଦେଇ ଉ"ାଟନ କରିଥିଲେ । ଏଥିରେ ମହିଳା ସରପଞ୍ଚ ଶ୍ରୀମନ୍ତି ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, ପଞ୍ଚାୟତର ସମିତି ସଭ୍ୟ ଦିବାକର ସାହୁ, ଯୁବନେତା ବିଚିତ୍ରାନନ୍ଦ ପ୍ରଧାନ, ଦୁର୍ଯ୍ୟୋଧନ ନାୟକ, ଶତ୍ରୁଘ୍ନ ରାଉତ, ସୋମନାଥ ଓଝାଙ୍କ ସମେତ ଅନ୍ୟ ଅତିଥିମାନଙ୍କୁ ବାଜା ବାଣ ବଜାଇ କଣ୍ଟାପଡ଼ା ସ୍ଥିତ ଜଳପରିମଳ ବିଭାଗର ପମ୍ପ ହାଉସ ନିକଟକୁ ଅଣା ଯାଇଥିଲା । ।ଅତିଥିଙ୍କ ଗ୍ର ଗ୍ରହଣରେ ବିଶୁଦ୍ଧ ପିଇବା ବା ପାଣି କାର୍ଯ୍ୟକ୍ରମକୁ ଅତିଥିମାନେ ଉ"ାଟନ କରିଥିଲେ । ଗୋପ ବ୍ଲକରେ ଚଳିତ ବର୍ଷ ବ୍ଲକସ୍ତରୀୟ ଜନଶୁଣାଣି ସମୟରେ ପଞ୍ଚାୟତ ଯୁବନେତା ବିଚିତ୍ରା ନନ୍ଦ ପ୍ରଧାନଙ୍କ ପକ୍ଷରୁ ବିଶୁଦ୍ଧ ପିଇବା ପାଣି ପାଇଁ ଅଭିଯୋଗ ହେବାପରେ ଜିଲା ପ୍ରଶାସନର ନିର୍ଦ୍ଦେଶରେ ଜଳ ପରିମଳ ବିଭାଗ ପକ୍ଷରୁ ପମ୍ପ ହାଉସ କରାଯାଇ ପାନୀୟ ଜଳ ଯୋଗାଇ ଦିଆଯାଇଛି ।

# ଜେ. କେ ନାୟକ ବିଶାଖାପାଟଣା ଉତ୍କଳ ସମାଜର ନୂଆ ସଭାପତି



ଭୁବନେଶ୍ୱର, (ସବ୍ୟୁ): ବିଶାଖାପାଟଣାରେ ଓଡ଼ିଆ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ଏକ ପ୍ରମୁଖ ସାମାଜିକ-ସାଂସ୍କୃତିକ ସଂଗଠନ, ଉତ୍କଳ ସାଂସ୍କୃତିକ ସମାଜ, ସିରିପୁରମର ସମାଜ ପରିସରରେ ଏହାର ବାର୍ଷିକ ସାଧାରଣ ସଭା ଆୟୋଜନ କରିଥିଲା। ୨୦୨୬-୨୭ ବର୍ଷ ପାଇଁ ଏକ ନୂତନ କାର୍ଯ୍ୟନିର୍ବାହୀ କମିଟି ନିର୍ବାଚିତ ହୋଇଥିଲା। ସଂଗଠନର ନେତୃତ୍ୱ ନେବା ପାଇଁ ସଭାପତି ଭାବେ ଜେ. କେ. ନାୟକ, ଉପ-ସଭାପତି ଭାବେ ସୋମନାଥ ସାହୁ ଏବଂ ବିରାଜ ଦାଶ, ସଚିବ ଭାବେ ସତ୍ୟବ୍ରତ ଦ୍ୱିବେଦୀ, ସାଂସ୍କୃତିକ ସଚିବ ଭାବେ ଶ୍ରୀମତୀ ସୀମା ମହାନ୍ତି ଓ କୋଷାଧକ୍ଷ ଭାବେ ସତ୍ୟ ନାରାୟଣ ବେହେରାଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି।

ନବନିର୍ବାଚିତ ଦଳ ଏହି ଅଞ୍ଚଳରେ ବିଭିନ୍ନ ସାଂସ୍କୃତିକ, ସାହିତ୍ୟିକ ଏବଂ ସାମୁଦାୟିକ ସେବା କାର୍ଯ୍ୟକଳାପ ମାଧ୍ୟମରେ ଓଡ଼ିଆ ସଂସ୍କୃତି, ଐତିହ୍ୟ ଏବଂ ସାମାଜିକ ସମନ୍ୱୟର ପ୍ରଚାର ଜାରି ରଖିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ବାର୍ଷିକ ସାଧାରଣ ସଭାରେ ସଦସ୍ୟ ଏବଂ ଶୁଭେଚ୍ଛୁମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଉତ୍କଳ ସାଂସ୍କୃତିକ ସମାଜ ସାଂସ୍କତିକ ଏକତାର ଏକ ଆଲୋକ ବର୍ତ୍ତିକା ହୋଇଛି, ଯାହା ଆନ୍ଧ୍ରପ୍ରଦେଶର ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ପରିଚୟ ଏବଂ ଏକତାର ଏକ ଦୃଢ଼ ଭାବନାକୁ ପ୍ରୋତ୍ସାହିତ କରିଛି।

# ଚୋରା ମହୁଲି ମଦ ସହିତ ତିନି ଗିରଫ, ଦୁଇ ଗାଡ଼ି ଜବତ

ଜଟଣୀ, (ସବ୍ୟୁ) : ଜଟଣୀ ଅବକାରୀ ବିଭାଗ ପକ୍ଷରୁ ଇନଫୋଭ୍ୟାଲି



ଥାନା ଅନ୍ତର୍ଗତ ଜାଗେଶ୍ୱର ପାଟଣା ଠାରେ ଥିବା ଏକ ଖୋଲା ପଡିଆରେ ବ୍ୟାପକ ପରିମାଣର ଚୋରା ମହୁଲି ମଦ କାରବାର ହେଉଥିବା ଖବର ପାଇ ଜଟଣୀ ଅବକାରୀ ଥାନା ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଅଚାନକ ଚଢ଼ାଉ କରାଯାଇ କାରବାରରେ ସମ୍ପୃକ୍ତ ତିନିଜଣଙ୍କୁ ଗିରଫ କରାଯାଇଥିଲା କ୍ଷ ଘଟଣା ସ୍ଥଳରୁ ୫୪୦ ଲିଟର ବ୍ୟାରେଲରେ ଥିବା ମହୁଲି ମଦ ଜବତ କରାଯିବା ସହିତ ଓଡ଼ି୦୫ଏୱାଇ ୦୮୫୨ ଏବଂ ଓଆର୦୨ଏଆର୮୪୫୯ ନମ୍ବର ବିଶିଷ୍ଟ ଦୁଇଟି ମୋଟର ସାଇକେଲ ଜବତ କରାଯିବା ସହିତ ଦେଉଳିଆ ପାଟଣାର ପରମେଶ୍ୱର ଜେନା (୪୭),କାଇମାଟିଆ ପାଟଣାର କାଳନ୍ଦୀ ସାହୁ (୫୮) ଓ କାଇମାଟିଆ ଗ୍ରାମର ବୈକୁଣ୍ଠ ନାଥ ଜୟସିଂହ (୫୫) ଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏ ନେଇ ଅବକାରୀ ଥାନାରେ ୨୭/୨୬-୨୭ ରେ ଏକ ମାମଲା ରୁଜୁ ହୋଇଛି । ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଏସଆଇ ମୀନକେତନ ମହାଲ୍ଲିକ,ଜିତେନ୍ଦ୍ର କୁମାର ବେହେରା, ପ୍ରଣବ କୁମାର ବେହେରା,ପ୍ରକାଶ ସାହୁ ଟିଟୁ ସାହୁ, ଚିନ୍ମୟୀ ସେଠୀ ଓ ଚିନ୍ମୟୀ ଦାଶ ପ୍ରମୁଖ ସାମିଲ ଥିଲେ ।

# ଲେଡ଼ିଜ ୱାର୍କର୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନ କାର୍ଯ୍ୟକ୍ରମ

କଟକ, (ସବ୍ୟୁ):ଲେଡ଼ିଜ ୱାର୍କର୍ସ କ୍ଲବ ପକ୍ଷରୁ ଅନୁଷ୍ଠାନର ସଭାପତି ସନ୍ଧ୍ୟା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଚାନ୍ଦିନୀ ଚୌକ ଠାରେ ଅନୁଷ୍ଠିତ ହୋଇଛି । ମନସ୍ତତ୍ୱବିତ୍ତ ଡାକ୍ତର ଚପଳା ମିଶ୍ର ମହିଳା ମାନଙ୍କୁ ମାନସିକ ଚାପର ନିରାକରଣ ଉପରେ ସଚେତନ କରାଇଥିଲେ । ଏଥିରେ ସମ୍ପାଦିକା ବିଜୟଲକ୍ଷ୍ମୀ କର, ଡାକ୍ତର ଅନୁସୂୟା ନନ୍ଦ, ମଞ୍ଜୁଲତା ଜେନା, ନୁରଜାହାନ ବେଗମ, ସୁଷମା ସାହୁ, ଶରତ କୁମାରୀ ମିଶ୍ର, ହରପ୍ରିୟା ସିଂହ, ଗାୟତ୍ରୀ ଦେବୀ, ବିଦ୍ୟୁତ କୁମାରୀ ଲାଲା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ଶାନ୍ତିଲତା ସେଠି ଧନ୍ୟବାଦ ଅର୍ପଣ କରିଥିଲେ।

## ଜମିକ୍ରେତା ମାନଙ୍କୁ ହଇରାଣ କରୁଛି ପି.ପି କନଷ୍ଟ୍ରକସନ

# ଡିସିପିଙ୍କ ହସ୍ତକ୍ଷେପ, ବାରଙ୍ଗ ପୋଲିସ ନେଉ କାର୍ଯ୍ୟାନୁଷ୍ଠାନ

କଟକ, (ସବ୍ୟୁ):ବିଦ୍ୟାଧରପୁର ବାରଙ୍ଗ ଅଞ୍ଚଳରେ ପି.ପି କନଷ୍ଟ୍ରକସନ ବିରୋଧରେ ଜମିକ୍ରେତାମାନଙ୍କ ଗୁରୁତର ଅଭିଯୋଗ ପରେ ଆଜି ଡିସିପି ହସ୍ତକ୍ଷେପ ଦେଖିବାକୁ ମିଳିଛି । ଜମି କ୍ରେତା ମାନଙ୍କୁ ବିଭିନ୍ନ ପ୍ରକାର ହଇରାଣ ହରକତ କରୁଥିବାରୁ ସୋସାଇଟି ଚେଞ୍ଜର୍ସ୍ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ଗ୍ରହଣ କରି ଡିସିପି ବାରଙ୍ଗ ଥାନା ଆଇ.ଆଇ.ସିଙ୍କୁ ତୁରନ୍ତ ଫୋନ ଯୋଗେ ଆଇନ ଭିତ୍ତିରେ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ହେଲେ ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା ପଦକ୍ଷେପ, ସହିତ ଗିରଫ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ



ନିଆ ଯାଇପାରେ। ଡିସିପି ଜମି କ୍ରେତାମାନଙ୍କୁ ବାରଙ୍ଗ ଥାନାକୁ ଯାଇ ଆବଶ୍ୟକ ଆଇନାନୁଯାୟୀ ପଦକ୍ଷେପ ନେବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ସୋସାଇଟି ଚେଞ୍ଜର୍ସ ରାଜ୍ୟ ସଭାପତି ଶ୍ରୀ ସାରଦା ପ୍ରସାଦ ଦାସଙ୍କ ନେତୃତ୍ୱରେ ଜମିକ୍ରେତାମାନେ ଡିସିପିଙ୍କୁ ଭେଟି ଦୀର୍ଘଦିନ ଧରି ପୋଜେସନ ନ ମିଳିବା, ରାସ୍ତା ବନ୍ଦ, ଧମକ ଓ ଅବୈଧ ଟଙ୍କା ଦାବି ସମ୍ପର୍କରେ ଅଭିଯୋଗ କରିଥିଲେ । ଏହି ଅବସରରେ ଜମିକ୍ରେତା ମାନଙ୍କ ମଧ୍ଯରୁ ଅଜଟରାଏ ରୁଦ୍ରପ୍ରସାଦ ଭୂୟାଁ, ଜୟଗୁରୁ ଦାସ, ବିଷ୍ଣୁପ୍ରିୟା ସାମଲ, ସ୍ୱର୍ଣ୍ଣମଣି ନାୟକ, ମାନସ ବଳବନ୍ତରାଏ, ସ୍ୱର୍ଣ୍ଣ ପ୍ରକାଶ ବେହେରା, ନରେନ୍ଦ୍ର ନାୟକ, ରଘୁନାଥ କର୍ମକାର, ବିନୋଦ ପାଇକରାଏ ପ୍ରମୁଖ ଉପସ୍ଥିତ ଥିଲେ ।ଜମିକ୍ରେତାମାନେ କହିଛନ୍ତି ଯେ, ଯଦି ଶୀଘ୍ର ସମାଧାନ ନ ହୁଏ, ତେବେ ସେମାନେ ଆଗାମୀ ଦିନରେ ଜିଲ୍ଲାପାଳ, ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ କରିବେ ।

## ସରକାରୀ ବିଦ୍ୟାଳୟରେ ତାଲା ବେସରକାରୀ ସ୍କୁଲ ଖୋଲା

ନିଶ୍ଚିନ୍ତକୋଇଲି ,(ସବ୍ୟୁ) :ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଶିକ୍ଷା ବିଭାଗର ଏକ ବିଚିତ୍ର ନୀତି ଦେଖିବାକୁ ମିଳିଛି । ଏହି ବ୍ଲକ ଅଂଚଳରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟ ଗୁଡିକରେ ତାଲା ଝୁଲୁଥିଲା ବେଳେ ବେସରକାରୀ ବିଦ୍ୟାଳୟ ଗୁଡିକ ଖୋଲା ରହିବା ଘଟଣାକୁ ନେଇ ଶିକ୍ଷା ବିଭାଗର ପ୍ରକୃତ ପାରିବା ପଣିଆ ପଦାରେ ପଡିଛି । ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ଗ୍ରାମପଂଚାୟତରେ ୪୦ଟି ବେସରକାରୀ ବିଦ୍ୟାଳୟ ରହିଛି । ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ଜାରି ରହିଥିବା କାରଣରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ସମସ୍ତ ସରକାରୀ ବିଦ୍ୟାଳୟ ଗୁଡିକୁ ଛୁଟି ଘୋଷଣା କରାଯାଇଛି । ଏପରିସ୍ଥଳେ ଏହି ବ୍ଲକ ଅଂଚଳରେ ଥିବା ୪୦ଟି ବେସରକାରୀ ବିଦ୍ୟାଳୟ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ଫୁ କରି ଉଡାଇ ଦେଇଛନ୍ତି । ପ୍ରଚଣ୍ଡ ରୌଦ୍ରତାପ ହେତୁ ସ୍ଥାନୀୟ ଅଂଚଳରେ ସକାଳ ୮ଟା ବାଜିଲାମାନେ ଡହଡହ ତାତି ଯୋଗୁ ଘରୁ ପଦାକୁ ବାହାରି ହେଉନାହିଁ । ଅସହ୍ୟ ଗୁଳୁଗୁଳି ଯୋଗୁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି । ଏପରିସ୍ଥଳେ ଏହି ବ୍ଲକରେ ଥିବା ବେସରକାରୀ ବିଦ୍ୟାଳୟ ଗୁଡିକ ଖୋଲା ରହିଥିବାର ଅଭିଯୋଗ ହୋଇଛି । ତେବେ କୋମଳମତୀ ଶିଶୁ ମାନଙ୍କର ଯଦି କୌଣସି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ହେବ ବୋଲି ଅଭିଭାବକ ମହଲରେ ପ୍ରଶ୍ନ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି ।

## ରାଜକନିକା ଥାନାଧିକାରୀଙ୍କ ବିରୋଧରେ ଗଣଧାରଣା

ରାଜକନିକା,(ସବ୍ୟୁ) : ରାଜକନିକା ଥାନାଧିକାରୀ ସଞ୍ଜୟ କୁମାର ମଲ୍ଲିକଙ୍କ ଆଚରଣରେ ତ୍ରୁଟି,ରୁକ୍ଷ ବ୍ୟବହାର,ମନମୁଖୀ କାରବାରରେ ଅତିଷ୍ଠ ଖଣ୍ଡେଇତା ଗାଁ ଓ ବ୍ଲକର ଅନ୍ୟ କେତେକ ବ୍ୟକ୍ତି କନିକା ତହସିଲ ଆଗରେ ଗଣଧାରଣା ଦେଇ ତୁରନ୍ତ ତାଙ୍କୁ ଏଠାରୁ ବଦଳି ଦାବୀ କରିଛନ୍ତି । ଅଭିଯୋଗ ଅନୁସାରେ ଖଣ୍ଡେଇତା ଗାଁ ର ଜଣେ ନାବାଳିକା କୁ ସେହି ଗାଁ ର ଜଣେ ବ୍ୟକ୍ତି ଅପହରଣ କରି ନେବାର ସିସିଟିଭି ପ୍ରମାଣ ଆଧାରରେ ଏତଲା ଅନୁସାରେ ସେହି ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖିବା,ସେହି ନାବାଳିକା ଧରା ପଡିବା ପରେ ତାକୁ ସୁଧାର ଗୃହକୁ ପଠାଇବା ପରେ ଅପହରଣକାରୀଙ୍କୁ ଛାଡ଼ିଦେବା,ଏହି ପୋଲିସ ଅଧିକାରୀ ଏଠାରେ ଅବସ୍ଥାପିତ ହେବା ଦିନ ଠାରୁ ୮ ରୁ ଅଧିକ ହତ୍ୟାକାଣ୍ଡ ଘଟିଥିଲେ ବି ଅଭିଯୁକ୍ତ ମାନଙ୍କ ବିରୁଧରେ କଡାକାର୍ଯ୍ୟାନୁଷ୍ଠାନ ବଦଳରେ ଅଭିଯୁକ୍ତ ମାନଙ୍କ ଠାରୁ ମୋଟା ଅର୍ଥ ଦ୍ୱାରା ଆପ୍ୟାୟିତ ହୋଇ ତାଙ୍କ ବିରୁଦ୍ଧରେ କୋହଳ ଦଫା ଲଗାଇବା ଦ୍ୱାରା ସେମାନେ




ଖୋଲା ଭାବରେ ବୁଲି ସାକ୍ଷୀ ମାନଙ୍କୁ ଭୟଭୀତ କରାଇବା, ମହିଳା ମାନଙ୍କୁ ଗାଳି ଗୁଲଜ କରିବା ଏବଂ ହାଜତରେ ପୁରାଇ ଧମକ ,ଅନେକ ମାଡିପିଟ କେଶରେ ହାତ ଗୋଡ଼ ଭାଙ୍ଗିଥିଲେ ବି ଅଭିଯୁକ୍ତ ମାନଙ୍କ ଠାରୁ ଟଙ୍କା ନେଇ ପାଲଟା କେଶ କରାଇବା,ଏଜେଣ୍ଟ ରଖି ପ୍ରତି କେଶରେ ଟଙ୍କା ଆଦାୟ କରିବା, ଏପରିକି ସେ ଥିବା ପୂର୍ ଥାନାରେ ଥିବା ବେଳେ ବିଭାଗୀୟ ତଦନ୍ତରେ ଥାଇ ନିୟମିତ ଦରମା ପାଉ ନ ଥିବାରୁ ଏଠାରେ ଦଲାଲ ରଖି କେଶ ଗୁଡିକୁ ନ୍ୟାୟ ନ ଦେଇ ଟଙ୍କା ଆଦାୟ କରିବା,ନିର୍ଦ୍ଦିଷ୍ଟ ଏକ ଗାଁ ର ଜଣେ ଦଲାଲ ଙ୍କୁ ସବୁବେଳେ ଥାନାରେ ବସାଇ ପ୍ରତି କେଶରେ ଚାନ୍ଦା ଆଦାୟ କରିବାର ପ୍ରମାଣ ଥାନା ସିସିଟିଭିରେ କଏଦ ଥିବା, ଚୋରା ବାଲି ପଥର, କୋଇଲା ଏବଂ ଗୋ ଚାଲାଣରେ ମୋଟା ଅଙ୍କର ଚାନ୍ଦା ଗୋଟାଇବା, ଥାନାର ତଳିଆ କର୍ମଚାରୀ ମାନଙ୍କୁ ଲଗାଇ ତାଙ୍କ ବିରୁଧରେ ପ୍ରତିବାଦ କରିଥିବା ବ୍ୟକ୍ତିଙ୍କ ନମରେ ମିଥ୍ୟା କେଶ କରାଇବା, ଥାନାରେ ଅହରହ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କୁଜିଙ୍କୁ ବସାଇ କେଶ ରଫା ଦଫା କରାଇବା ଭଳି ସଙ୍ଗୀନ ଅଭିଯୋଗ ଆଣି ଆଜି ସକାଳ ୮ ଟା ବେଲୁ କନିକା ତହସିଲରେ ଗଣଧାରଣା ଜାରି ରହିଛି । ପ୍ରକାଶଯୋଗ୍ୟ ଯେ ଏହି ମାସ ୫ ତାରିଖରେ ଏହି ଥାନାର ଏଏସଆଇ ପ୍ରଶାନ୍ତ ପ୍ରଧାନ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାବୁଡ଼ରେ ପଡି ଜେଲ ଯାଇଥିବା ବେଳେ ଥାନାର କାରବାର ନେଇ ଧାରଣାକାରୀ ପୋଲିସ ବିରୁଧରେ ଖୋଲା ବିରୋଧ ଜାରି ରଖିଛନ୍ତି ।

## ମୃତ୍ୟୁ ମାମଲାରେ ପୁଲିସ ଚୁପ

ପାଣିକୋଇଲି,(ସବ୍ୟୁ) :କୋରେଇ ଥାନା ଅନ୍ତର୍ଗତ ତୁଳତୀ ପଂଚାୟତର ରହେମାନ ପୁର ଗ୍ରାମର ଜଣେ ଯୁବକକୁ ଆକ୍ରମଣ କରି ମାରିଦେବା ଘଟଣାରେ ପୁଲିସ କେବଳ ମାମଲା ରୁଜୁ କରି ଚୁପ ବସିଥିବା ମୃତ୍ୟୁର କାରଣ ବା ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ ଫଳରେ ବାରମ୍ବାର ଥାନାକୁ ଦୌଡି ନିରାଶ ହୋଇ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏସପିଙ୍କୁ ଭେଟି ନ୍ୟାୟ ପାଇଁ ଗୁହାରୀ କରିଛନ୍ତି। ପ୍ରକାଶଯେ ରହେମାନପୁର ଗ୍ରାମର ଜଳଧର ଯେନାଙ୍କ ଅଭିଯୋଗ ମୁତାବକ ଗତ ଏପ୍ରିଲ ୧୫ ତାରିଖ ତାଙ୍କ ପୁଅ ଜିତେନ୍ଦ୍ର ଜେନା ରାତି ୧୦ଟା ସମୟରେ ପାଲା ଦେଖିବାକୁ କୋଗାଁ ଗ୍ରାମକୁ ଯାଇଥିଲା। ରାତି ଅଢେଇଟା ସମୟରେ ସେ ଖବର ପାଇଲେ ତାଙ୍କ ପୁଅକୁ କେହି ମରଣାନ୍ତକ ଆକ୍ରମଣ କରି ରକ୍ତାକ୍ତ ଅବସ୍ଥାରେ ରଘୁନାଥପୁର ମଣିଛକ ନିକଟରେ ପକାଇଦେଇଛନ୍ତି। ଖବରପାଇ ସେ ସେଠାରେ ପହଂଚି ଜିତେନ୍ଦ୍ରକୁ ଗୁରୁତର ଅବସ୍ଥାରେ ପ୍ରଥମେ ଯାଜପୁରରୋଡ ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରିଥିଲେ। ମାତ୍ର ୧୬ ତାରିଖ ଚିକିସିତ ଅବସ୍ଥାରେ ଜିତେନ୍ଦ୍ରର ମୃତ୍ୟୁ ଘଟିଥିଲା। ସେଠାରେ ଶବ ବ୍ୟବଚ୍ଛେଦ କରି ଘରକୁ ଆଣି ସକାର କରିଥିଲେ। ଏନେଇ ୨୧ ତାରିଖ ଦିନ କୋରେଇ ଥାନାରେ ଜଳଧର ଲିଖିତ ଅଭିଯୋଗ କରିଥିଲେ। ଏହି ଅକ୍ରମଣ ଘଟଣାରେ ପିମ୍ପଲ ଗ୍ରାମର ରାକେଶ ବାରିକ ଓ ତପନ ଯେନା ସମ୍ପୃକ୍ତି ନେଇ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ୧୫୪/୨୬ ରୁଜୁ କରୁଥିଲା। ହେଲେ ଘଟଣାକୁ ମାସେ ହେବାକୁ ବସିଲାଣି ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ଆଜି କାଲି କହି ଚୁପ ବସିଛି। ଫଳରେ ପୁଅକୁ ହରାଇ ଜଳଧର ନ୍ୟାୟ ପାଉନାହାଁ ତୁରନ୍ତ ଜିତେନ୍ଦ୍ରର ମୃତ୍ୟୁ ରହସ୍ୟର ପର୍ଦାଫାସ କରି ଅଭିଯୁକ୍ତଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଳଧର ଦାବି କରିଛନ୍ତି।

## ବିପ୍ଳବୀ ଲୋକନାଥ ଚୌଧୁରୀଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ

କୁଜଙ୍ଗ,(ସବ୍ୟୁ) :ସାମ୍ୟବାଦୀ ଆନ୍ଦୋଳନର ନେତୃତ୍ୱ ବିଶିଷ୍ଟ ଜନନେତା କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ସଂପାଦକ ବିଧାନସଭାରେ ପାର୍ଟିର ଦଳପ୍ରତି ଲୋକସଭାରେ ଉପନେତା ତଥା ପ୍ରଖ୍ୟାତ ପାର୍ଲାମେଂଟାରିଆନ୍ ବିପ୍ଳବୀ ଲୋକନାଥ ଚୌଧୂରୀଙ୍କର କୁଜଙ୍ଗଠାରେ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତି ଉନ୍ମୋଚିତ ହୋଇଛି । କମ୍ୟୁନିଷ୍ଟ ପାର୍ଟି ପରିସର ମଧ୍ୟରେ ଅନୁଷ୍ଠିତ ଏହି ପ୍ରତିମୂର୍ତି ଉନ୍ମୋଚନ କାଯ୍ୟକ୍ରମ ଲୋକନାଥ ଚୌଧୂରୀଙ୍କର ୧୦୧ ତମ ଜନ୍ମ ଉତ୍ସବରେ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ସଂପାଦକ କମ୍ରେଡ୍ ରାମକୃଷ୍ଣ ପଣ୍ଡା ପ୍ରତିମୂର୍ତିକୁ ଉନ୍ମୋଚନ କରି କହିଲେ ୧୯୪୦ ଦଶକରେ ଛାତ୍ରନେତା ଭାବେ ରେଭେନ୍‌ସା କଲେଜରେ ବ୍ରିଟିଶ୍ ବାଲାଙ୍କୁ ସେୟୁନିୟନ



ଜ୍ୟାକ୍ କୁ ଓହ୍ଲାଇ ଆଣି ତ୍ରିରଙ୍ଗା ପତାକା ଉଡାଇଦେଇଥିଲେ । ପୋଲିସ୍ ଲୋକନାଥ ଚୌଧୁରୀଙ୍କୁ ଧରିବା ପୂର୍ବରୁ ସେ ଢେଙ୍କାନାଳ ଚାଲିଯାଇ ପ୍ରଜା ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ବିଭିନ୍ନ ସ୍ଥାନରେ କାରାବରଣ ଓ ଆତ୍ମ ଗୋପନ ପରେ ପୁନର୍ବାର କୃଷକ, ଶ୍ରମିକ, ସରକାରୀ କର୍ମଚାରୀ ଓ ଖଟିଖିଆ ମଣିଷର ଆନ୍ଦୋଳନରେ ସେ ନେତୃତ୍ୱ ନେଇଥିଲେ । ସମୁଦ୍ର ଉପକୂଳ ବର୍ତି ଅଂଚଳକୁ ଲୁଣା ପାଣିରୁ ରକ୍ଷା କରିବା ପାଇଁ ସାଲାଇନ୍ ଡିଭିଜନ ମଧ୍ୟ ସୃଷ୍ଟି ତାଙ୍କର ଅମର କୃତିତ୍ୱ ବୋଲି ଉଦ୍‌ଘାଟକ ଶ୍ରୀ ପଣ୍ଡା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯୁବ ପିଢ଼ି ଲୋକନାଥ ଚୌଧୁରୀଙ୍କ ଆଦର୍ଶକୁ ଅନୁସରଣ କରିବା ଆବଶ୍ୟକ । ରାଜନୀତିଠାରୁ ବହୁ ଉର୍ଦ୍ଧ୍ୱରେ ରହି ସାଧାରଣ ଖଟିଖିଆ ମଣିଷର ସେବାକରି ମନ୍ତ୍ରୀ ମଣ୍ଡଳକୁ ଲୋକନାଥ ବାବୁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ଶଶୀ ଭୂଷଣ ବେହେରା, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପାରାଦ୍ୱୀପ ପୌରପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, କମ୍ୟୁନିଷ୍ଟ ନେତା ଡ. ପ୍ରଶାନ୍ତ ମିଶ୍ର, ବିଜୟ ମହାନ୍ତି, ଡ. ବିପିନ୍ ସାମନ୍ତରାୟ, ଶଶୀ ଭୂଷଣ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଲୋକନାଥ ଚୌଧୁରୀ ସ୍ମୃତି ସଂସଦର ସଭାପତି ଲୋକନାଥ ସାମଲଙ୍କ ଅଧକ୍ଷତାରେ ବ୍ଲକ୍ ପଡ଼ିଆଠାରେ ଆୟୋଜିତ ସଭାରେ ଶ୍ରୀନିବାସ ଜୁଝାରସିଂହ ଅତିଥିମାନଙ୍କ ମଂଚକୁ ଆମନ୍ତ୍ରଣ କରିଥିଲେ । ସୁବାସ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରକାଶିତ ସ୍ମରଣିକା ଉନ୍ମୋଚିତ ହୋଇଥିଲା । ଏହି ଉତ୍ସବରେ କମ୍ରେଡ୍ ଲୋକନାଥ ଚୌଧୁରୀଙ୍କ ଝିଅମାନେ ମଧ୍ୟ ଯୋଗଦେଇଥିଲେ । ଏହା ସହିତ ବିଭିନ୍ନ ସ୍ତରର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ମଂଚାସୀନ କରାଯାଇଥିଲା । ଜିନ୍ମୟୀ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ

## ୮୫୦ ଲିଟର ଚୋରା ଡିଜେଲ ଜବତ, ୨ କୋର୍ଟ ଚାଲାଣ

ନାଉଗାଁ,(ସବ୍ୟୁ) :ପ୍ରାଚ୍ୟ ଯୁଦ୍ଧ ଯୋଗୁ ଦେଶରେ ତେଲ ସଙ୍କଟ ଦେଖାଦେଇଛି । ଏହାର ସୁଯୋଗ ନେଇ ଅସାଧୁ ଚୋରା ବେପାରୀ ମାନେ ତେଲ କଳା ବଜାରରେ ବିକ୍ରି କରୁଥିବା ଜଣାଯାଇଛି । ତାହା ଉପରେ ତୀକ୍ଷଣ ନଜର ରଖାଯାଇଛି । ନାଉଗାଁ ଥାନା ପକ୍ଷରୁ ୨ ଟି ସ୍ଥାନରେ ଚଢାଉ କରାଯାଇ ୮୫୦ ଲିଟର ତେଲ ଜବତ କରାଯାଇଥିଲା । ଏସଂକ୍ରାନ୍ତରେ ମଙ୍ଗଳବାର ଥାନା ପରିସରରେ ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା । ଥାନାଧିକାରୀ ଦେବାଶୀଷ ପଣ୍ଡାଙ୍କ ତ%୦ବଧାନରେ ପ୍ରଦୀପ୍ତ ପ୍ରସନ୍ନ ନାୟକଙ୍କ ସମେତ ଏକ ଟିମ ନୂଆଗାଁ ପଂଚାୟତ ସରିଆବର ପାଟଣା ଗ୍ରାମର ରବିନ୍ଦ୍ର ନାରାୟଣ ସାହୁ ଓ ଗଜରାଜପୁର ପଂଚାୟତ ଭାତପଡା ଗ୍ରାମର ପଦ୍ମନାଭ ଆଚାର୍ଯ୍ୟଙ୍କ ଘର ଉପରେ ଚଢାଉ କରାଯାଇଥିଲା । ଉଭୟ ୧ ହଜାର ଲିଟର ଲେଖାଁଏ ଡିଜେଲ ଆଣିଥିବା ଚଢାଉ ବେଳେ ଜଣା ପଡିଥିଲା । ରବିନ୍ଦ୍ର ଏକ ହଜାର ଲିଟର ଡିଜେଲରୁ ୪ ଶହ ଲିଟର ତେଲ ବିକ୍ରି କରିଥିବା ବେଳେ ଅନ୍ୟ ୬ ଶହ ଲିଟର ତେଲ, ତେଲ ମାପ କରିବା ପାଇଁ ବ୍ୟବହୃତ ସାମଗ୍ରୀ ଓ ବିକ୍ରି କରିଥିବା ୪ ଶହ ଲିଟର ତେଲର ଟଙ୍କା ଜବତ କରାଯାଇଛି । ସେହିପରି ପଦ୍ମନାଭ ଆଣିଥିବା ୧ ହଜାର ଲିଟରରୁ ୭୫୦ ଲିଟର ବିକ୍ରି କରିଥିବା ବେଳେ ୨୫୦ ଲିଟର ଡିଜେଲ ସମେତ ବ୍ୟବହୃତ ଉପକରଣମାନ କବତ କରାଯାଇଥିଲା । ଏହି ତେଲକୁ ସେମାନେ ଜଗତସିଂହପୁର ଜଗଦ୍ଧାତ୍ରୀ ଓ ଗଙ୍ଗଦାରେ ଥିବା ମଉଳା ଭଣଜା ଫିଲିଙ୍ଗ ଷ୍ଟେସନରୁ ଅଣାଯାଇଥିବା ତଦନ୍ତ ବେଳେ ଜଣାଯାଇଛି । ଏହି ଦୁଇ ଜଣଙ୍କ ବ୍ୟତିତ ଉକ୍ତ ଥାନା ଅଂଚଳରେ ଥାଉ ଜେହି ବ୍ୟକ୍ତି ତେଲ ଚୋରା ବେପାରରେ ସଂପୃକ୍ତି ରହିଛନ୍ତି । ସେ ବିଷୟରେ ତଦନ୍ତ ଜାରି ରହିଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାସ ସୂଚନା ଦେଇଥିଲେ । ଅଭିଯୋଗକୁ ଭିତି କରି ଥାନା ପକ୍ଷରୁ ୧୩୬/ ୨୬ ଓ ୧୩୭/ ୨୬ ମାମଲା ରୁଜୁ କରାଯିବା ସହ ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ । ଏତେ ତେଲ କିପରି ପେଟ୍ରୋଲ ପମ୍ପରୁ ଜଣେ ବ୍ୟକ୍ତିଙ୍କୁ ପ୍ରଦାନ ଜରାଗଲା । ସେ ବିଷୟରେ ତଦନ୍ତ ଜାରି ରହିଥିବା ଦାସ ସୂଚନା ଦେଇଥିଲେ । ଜବତ ତେଲକୁ ଗଙ୍ଗଡା ଓ ଜଗତସିଂହପୁର ପେଟ୍ରୋଲ ପମ୍ପ ଜିମା ଦିଆଯାଇଥିବା ଜଣାଯାଇଛି । ଏହି ଖବରଦାତା ସମ୍ମିଳନୀରେ ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦାସ, ଏସଡିପିଓ ରଶ୍ମିରଂଜନ ଦାସ, ଥାନାଧିକାରୀ ଦେବାଶିଷ ପଣ୍ଡା, ବ୍ଲକ ଯୋଗାଣ ନିରୀକ୍ଷକ ନାୟକ ଉପସ୍ଥିତ ଥିଲେ ।

## ସଂଗୀତ ନୃତ୍ୟ ଏକାଡେମୀର ୨୨ତମ ବାର୍ଷିକ ଉତ୍ସବ

ସାଲେପୁର ,(ସବ୍ୟୁ) :ସଂସ୍କୃତି ଓ ପରମ୍ପରା ଭିତିକ ସର୍ବପୁରାତନ ଅଗ୍ରଣୀ ସାଂସ୍କୃତିକ ଶିକ୍ଷାନୁଷ୍ଠାନ ସଂଗୀତ ନୃତ୍ୟ ଏକାଡେମୀର ୨୨ତମ ବାର୍ଷିକ ଉତ୍ସବ ସାଲେପୁର ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଉଦଯାପିତ ହୋଇଯାଇଛି। ଉଦଘାଟନ ଦିବସରେ ଅନୁଷ୍ଠାନର ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ସଦସ୍ୟା ଶ୍ରୀମତୀ ଚନ୍ଦନା ଦାସ ଯୋଗଦେଇ ଓଡିଶାର ସଂସ୍କୃତି, ସଂଗୀତ ଓ ନୃତ୍ୟ କଳାର ବିକାଶରେ ସଂଗୀତ ନୃତ୍ୟ ଏକାଡେମୀର ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତାଭାବେ ଓଡିଶା ସଂଗୀତ ନାଟକ ଏକାଡେମୀର ବିଶିଷ୍ଟ ତବଲା ଗୁରୁ ଗୋପୀନାଥ ବେହେରା, ସମ୍ମାନିତ ଅତିଥିଭାବେ ଅର୍ଗୁସ ଡିଜିଟାଲ ସମ୍ପାଦକ ସଂଗ୍ରାମ ଷଡଙ୍ଗୀ, ମୁଖ୍ୟ ଅତିଥିଭାବେ ପୂର୍ବତନ ଓଡ଼ିଆ ଚଳଚିତ୍ର ଅଭିନେତ୍ରୀ ତଥା ପ୍ରଫେସର ଶ୍ରୀମତୀ ତ୍ରିପୁରା ମିଶ୍ର, ଡ଼ଃ ଗୌତମ ମହାରଣା ଯୋଗ ଦେଇଥିଲେ । ଉପଦେଷ୍ଟା ପ୍ରଫେସର ପ୍ରସନ୍ନ କୁମାର ମହାପାତ୍ର ଉପସ୍ଥିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପ-ସଭାପତି ବିଷ୍ଣୁଚରଣ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର କୋଷାଧକ୍ଷ ହୁରେନ୍ଦ୍ର ପରିଡା ବାର୍ଷିକ ବିବରଣୀ ପଠନ କରିଥିଲେ। ଅନୁଷ୍ଠାନର



ସମ୍ପାଦକ ଅଜୟ କୁମାର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ସର୍ବଶେଷରେ ଅଧକ୍ଷା ଶ୍ରୀମତୀ ପ୍ରୀତିଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଛାତ୍ର -ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଘରୁ ସ୍ୱଷ୍ଟ ଦିବାଲୋକରେ ଚୋରି

ସାଲେପୁର ,(ସବ୍ୟୁ) :ପୁଣି ସାଲେପୁର ପୋଲିସକୁ ଖୋଲା ଚାଲେଞ୍ଜ ଦେଲେ ଲୁଟେରା ଦିନ ଦ୍ୱିପ୍ରହରରେ ଥାନା ପାଖରୁ ମାତ୍ର ଦୁଇ ଶହ ମିଟର ଦୂରରେ ଥିବା ଘରେ ପଶି ଲୁଟିନେଲେ ନଗଦ ଟଙ୍କା । ଘଟଣା ରୁ ପ୍ରକାଶ ସାଲେପୁର ବିଜେପି ମଣ୍ଡଳ ସଭାପତି ଅସିତ ମହାନ୍ତିଙ୍କ ଥାନା ପଛପଟ ୬ନଂ କେନାଲ ପାଶ୍ୱର୍, ଲୁଣାହାର ଗ୍ରାମସ୍ଥିତ ଘରୁ ମଙ୍ଗଳବାର ଖରାବେଳେ ଆଲମାରୀ ଖୋଲି ପାଖାପାଖି ୨୫ ହଜାରରୁଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇଛି ବୋଲି ସାଲେପୁର ଥାନାରେ ଅଭିଯୋଗ ହୋଇଛି । । ଅସିତଙ୍କ ପରିବାର ଉପର ମହଲାରେ ଘର ଭିତରେ ଥିବା ବେଳେ ବାହାରପଟୁ କବାଟ ଦେଇ ଚୋର ଅସିତଙ୍କ ରୁମରେ ଆଲମାରୀ ଖୋଲି ପାଖାପାଖି ୨୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଯାଇଛନ୍ତି । ତାଙ୍କ ଡ୍ରାଇଭର ଦହି ନେଇ ଆସିଥିବା ବେଳେ ଦେଖିଲେ କି ଜଣେ ପୁରୁଷ, ଜଣେ ମହିଳା ଗୋଟେ ଛୋଟ ପିଲାକୁ ଧରି ତରବରିଆ ଭାବେ ଗେଟରୁ ବାହାରି ଯାଉଛି ।ଏହା ପରେ ଡ୍ରାଇଭର ଉପରକୁ ଯାଇ ଦେଖେତ ପରିବାର ଲୋକେ ଥିବା ଘରର କବାଟ ବାହାରପଟୁ ବନ୍ଦ ରହିଛି । ସେ କବାଟ ଖୋଲିଲା ପରେ ଅସିତଙ୍କ ଭାଇ ଦେଖନ୍ତିତ ଅସିତଙ୍କ ରୁମର ଆଲମାରୀ ଖୋଲା ଯାଇଛି ଓ ଜିନିଷ ପତ୍ର ଏପଟ ସେପଟ ହୋଇ ପଡିଛି । ସେ ଏ ବିଷୟ ଜାଣିବା ପରେ ଓ ଡ୍ରାଇଭର ଠାରୁ ଘଟଣା ଶୁଣି ଅସିତକୁ ଫୋନ ଯୋଗେ ଜଣାଇବାରୁ ଅସିତ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଯୋଗ ପ୍ରତିଯୋଗୀତା

କେନ୍ଦ୍ରାପଡା,(ସବ୍ୟୁ) :ଜିଲ୍ଲାସ୍ତରୀୟ ଯୋଗ ଶୟନ ସଂଘ ପକ୍ଷରୁ ଏସ୍‌ଟି ଜାଭିଅର୍ସ ହାଇସ୍କୁଲ୍ ପରିସରରେ ଜିଲ୍ଲାସ୍ତରୀୟ ଯୋଗସାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ନିରଞ୍ଜନ ବେହେରା, ଉପଦେଷ୍ଟା ସ୍ୱପ୍ନାଂଶୁ କୁମାର ଦାସ, ଯୋଗ ଗୁରୁ ସଂଜୟ କୁମାର ମଥାନ ଏହାର ଶୁଭାରମ୍ଭ କରିଥିଲେ । ଯୋଗଗୁରୁ ଭରତ କୁମାର ସାହୁ, ସମୀର କୁମାର ସାହୁ, ଅଲେଖ ବେହେରା, ପିଙ୍କିରାଣୀ ମହାରଣା, ସସ୍ମିତା ପଣ୍ଡା, ମନୋଜ କୁମାର ସାହୁ, ମାନସ କୁମାର ଓଝା ଓ ବରିଷ୍ଠ ସାମ୍ବାଦିକ ସୋମନାଥ ସାହୁ, ବିଚାରକ ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୧୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଯୋଗ ପ୍ରଦର୍ଶନ କରିଥିଲେ । ପ୍ରତିଯୋଗୀତାରୁ ୩ ଜଣ ଲେଖା ସର୍ବମୋଟ୍ ୩୬ ଜଣ କୃତୀ ପ୍ରତିଯୋଗୀମାନେ ଆସନ୍ତା ୨୧ ତାରିଖରେ ରାୟଗଡାଠାରେ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗୀତାରେ ଭାଗ ନେବାପାଇଁ ମନୋନୀତ କରିଥିଲେ । ପ୍ରଥମଥର ପାଇଁ ଦିବ୍ୟାଙ୍ଗ ମାନଙ୍କ ମଧ୍ୟରେ କରାଯାଇଥିବା ପ୍ରତିଯୋଗୀତାରେ ଦୃଷ୍ଟିବାଧିତ ଆୟୁଷ ରାୟ, ମାନସିକ ଅନଗ୍ରସର ଲକ୍ଷ୍ମୀପ୍ରିୟା ବେହେରା ମନୋନୀତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଚିକିତ୍ସାଳୟର ପ୍ରଶାସକ ଦିଲ୍ଲୀପ କୁମାର ନାୟକ ସମ୍ମାନୀତ ଅତିଥି ଭାବେ, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ଯୋଗଦେଇ ମଣିଷ ଜୀବନର ଯୋଗର ଆବଶ୍ୟକ ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଧାରଣାରେ ସମିତି ସଭ୍ୟ ,ସରପଞ୍ଚ

ରଘୁନାଥପୁର,(ସବ୍ୟୁ) :ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ କରାଯିବାକୁ ନେଇ ବିଦ୍ରୋହର ସୂତ୍ରପାତ ଆରମ୍ଭ ହୋଇଛି ।ଗତ ରାଜ୍ୟସଭା ନିର୍ବାଚନରେ ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ କ୍ରସ ଭୋଟିଂ କରି ବିଜେଡିରୁ ନିଲମ୍ବିତ ହେବାପରେ ଏହି ବିଦ୍ରୋହ ତେଜିବାରେ ଲାଗିଛି ।ଗତ ମେ ୧୩ ତାରିଖରେ ଅନୁଷ୍ଠିତ ପଞ୍ଚାୟତସମିତି ବୈଠକରେ ବିଭିନ୍ନ ଯୋଜନାରେ ହେବାକୁ ଥିବା କାର୍ଯ୍ୟ ଗାଇଡଲାଇନ ଅନୁଯାଇ ଉଭୟ ଅଧକ୍ଷା ଓ ବିଡିଓଙ୍କ ସହମତି ଭିତ୍ତିରେ ହେବାକୁ ସ୍ଥିର ହୋଇଥିଲା ।ତେବେ ବିଡିଓ ଏହି ପ୍ରସ୍ତାବକୁ ଆଗ୍ରାହ୍ୟ କରିଦେବାରୁ ପରିସ୍ଥିତି ଜଟିଳ ରୂପ ଧାରଣ କରିଥିଲା ।ମଙ୍ଗଳବାର ବିଜେଡି ସମର୍ଥିତ ସମିତି ସଭ୍ୟ ଓ ସରପଞ୍ଚମାନେ ବିଡିଓଙ୍କ ଅସହଯୋଗ ମନୋଭାବକୁ ବିରୋଧ କରି ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରାଙ୍କ ନେତୃତ୍ୱରେ ସକାଳ ୮ ଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ପଞ୍ଚାୟତସମିତି ଗାଇଡଲାଇନ ଆଧାରରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ପରାମର୍ଶ କ୍ରମେ ସରକାରଙ୍କ ବିଭିନ୍ନ ଯୋଜନାରେ ଆସୁଥିବା ଅନୁଦାନକୁ ଖର୍ଚ୍ଚ କରାଯାଉ ବୋଲି ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ଦାବି କରିଥିଲେ ।ବିଡିଓ ଧାରଣା ସ୍ଥଳରେ ପହଞ୍ଚି ଲିଖିତ ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ସାଧାରଣଜନତାଙ୍କ ହିତ ପାଇଁ ଧାରଣା ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ ।ଅନ୍ୟପକ୍ଷେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ବିନା ମୁଁ ଏଥିରେ କିଛି କରିପାରିବି ନାହିଁ ବୋଲି ବିଡିଓ ବିରଞ୍ଚି ନାରାୟଣ ବେହେରା ପ୍ରକାଶ କରିଥିଲେ ।ଏହାଛଡା ପଞ୍ଚାୟତ ଗାଇଡଲାଇନୀକୁ ସେ ଗୁରୁତ୍ୱଦେବେ ବୋଲି ପ୍ରକାଶ କରିଥିଲେ ।ଏଭଳି ଛକାପଂଝା ଲାଗିରହିଥିବା ବେଳେ ଭାଜପା ଦଳର କର୍ମକର୍ତ୍ତା ଅଶୋକ ମହାରଣାଙ୍କ ନେତୃତ୍ୱରେ ମଣ୍ଡଳ ସଭାପତି ସ୍ୱରାଜ ସାମଲ ଓ ବନୋଜ ନାୟକ,ସରୋଜ କୁମାର ଦାସ,ଶେଷଦେବ ସେଠୀ ଓ ଦଳୀୟ କର୍ମୀମାନେ ବିଡ଼ିଓଙ୍କୁ ଭେଟି ଆଲୋଚନା କରିବା ସହ ଦଳୀୟ କର୍ମୀଙ୍କୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଉ ବୋଲି ଦାବି କରିଥିଲେ ।ଦୀର୍ଘଦିନ ଧରି ବିଭିନ୍ନ ସରକାରୀ ଯୋଜନାରେ ଆସୁଥିବା ଅନୁଦାନ ଅର୍ଥ ଖର୍ଚ୍ଚ ହୋଇନପାରେ ପଡି ରହିଥିବାବେଳେ ସାଧାରଣ ଜନତାଙ୍କ ଜନକଲ୍ୟାଣ ମୂଳକ କାର୍ଯ୍ୟ ଦିଗହରା ହୋଇପଡିଛି ବୋଲି ଚର୍ଚ୍ଚା ହେଉଛି ।ବିଭିନ୍ନ ଗ୍ରାମର କାର୍ଯ୍ୟ ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ କରାଯିବା ପାଇଁ ଧାରଣାରତ ସଭ୍ୟ ଓ ସରପଞ୍ଚମାନେ ଦାବୀ କରୁଥିବାବେଳେ ଏପରି ନିୟମ ନାହିଁ ବୋଲି ବିଡିଓ ବେହେରା ପ୍ରକାଶ କରିଛନ୍ତି ।ତେବେ ପଂଚାୟତରାଜ ବିଧିବ୍ୟବସ୍ଥା ଅନୁଯାଇ ସରକାରୀ କର୍ମଚାରୀଙ୍କ ନାମରେ କାର୍ଯ୍ୟାଦେଶ ରହି କାର୍ଯ୍ୟ କରାଯିବ ବୋଲି ବିଡିଓ ବେହେରା ପ୍ରକାଶ କରିଛନ୍ତି ।ଏହାଛଡା ଭାଜପା କର୍ମକର୍ତ୍ତାମାନେ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବାକୁ ଆସିଥିଲେ ବୋଇ ସେ ପ୍ରକାଶ କରିଥିଲେ ।ବିଡିଓ ବେହେରା ଧାରଣା ସ୍ଥଳକୁ ଆସି ବୁଝାସୁଝା କରିଥିଲେ ବି ଧାରଣାକାରୀ ନିଜ ଜିଦିରେ ଅଟଳ ରହିଥିଲେ ।ଧାରଣା ଜାରି ରହିଥିବାବେଳେ ସୁଫଳ ନମିଳିବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଉପାଧ୍ୟକ୍ଷ ତ୍ରିପାଠୀ ସୂଚନା ଦେଇଥିଲେ ।ଏଥିରେ ସରପଞ୍ଚ ବଟକୃଷ୍ଣ ନାୟକ,କିଶୋର ଚନ୍ଦ୍ର ବେହେରା,ବନମାଳୀ ସାହୁ,ନଳିନୀପ୍ରଭା ମୁଦୁଲି,ମନୋଜିନି ସାହୁ, ସମିତି ସଭ୍ୟ ଶାନ୍ତିଲତା ଦ୍ୱିବେଦୀ, ବିଶ୍ୱଜିତ ଦାଶ,କମଳାକାନ୍ତ ପରିଡା,ସ୍ୱଦେଶ ଦାସ, ରଞ୍ଜନ ସ୍ୱାଇଁ, ପ୍ରଭାସିନୀ ପ୍ରଧାନ, ସୁଷମା ମଲ୍ଲିକ, ଶିବରାମ ସାହୁ, ପ୍ରିୟତମା ରାଉତ, କିଶୋର କୁମାର ବେହେରା, ପ୍ରମିଳା ବେହେରା, ବିଦ୍ୟାଧରପୁର ସରପଞ୍ଚଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## କୋଅପରେଟିଭ ବ୍ୟାଙ୍କ କର୍ମଚାରୀଙ୍କ ପରଲୋକ

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଂଚାୟତ ପାଳସାହି ଗ୍ରାମର ଅବସର ପ୍ରାପ୍ତ କଟକ କେନ୍ଦ୍ର କୋଅପରେଟିଭ ବ୍ୟାଙ୍କ କର୍ମଚାରୀ ଶତ୍ରୁଘନ ସାହୁ(୬୭) ଙ୍କର ପରଲୋକ ହୋଇଯାଇଛି । ସେ ଜଣେ ପରୋପକାରୀ, ଧର୍ମ ପରାୟଣ ବ୍ୟକ୍ତି ଭାବେ ମଧୁବନ ଅଂଚଳରେ ପରିଚିତ ଥିଲେ । ତାଙ୍କ ପରଲୋକରେ ସହଧର୍ମିଣୀ ଶୈଳବାଳାସାହୁ, ପୁଅ ସୁବ୍ରତ, ପ୍ରଭାତ, ଝିଅ ସଞ୍ଜୁଲତା, ମଞ୍ଜୁଲତା, ପ୍ରଦୀପ ସାହୁ, ସୁବ୍ରତ, ଶ୍ୟାମ ସୁନ୍ଦର, ମନୀଷ, ସୋନି, ଟିକିଲି, ବକଟି, ସ୍ୱିଟି, ହାପି, ଲକି, ବନ୍ଧୁ, ନାତି, ଅଣ ନାତି ଓ ଗ୍ରାମବାସୀଅବସର ପ୍ରାପ୍ତ ଶିକ୍ଷକ ରାଜ କିଶୋର ସାହୁ, ଚନ୍ଦନ ସାହୁ ପ୍ରମୁଖ ଶୋକ ପ୍ରକଟ କରିଛନ୍ତି ।

## ବିଜେଡିର ନାରୀ ଅଧିକାର ଅଭିଯାନ

ମଙ୍ଗଳପୁର, (ସବ୍ୟୁ) : ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦଶରଥପୁର ବ୍ଲକରେ ନାରୀ ଅଧିକାର ଅଭିଯାନ ନେଇ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଯାଜପୁର ଓ ବିଂଝାରପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧିନ ୩୫ ପଞ୍ଚାୟତରୁ ଆସିଥିବା ଦଳର ହାଜର ହଜାର ସଂଖ୍ୟାରେ ମହିଳା ସମର୍ଥକ କୁଆଖିଆ-କଁୟାଗୋଲା ୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ ଦଶରଥପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖ ପଡିଆରେ ପହଂଚିଥିଲେ । ସେଠାରେ ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହିଳା ସମାବେଶରେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ବିଧାୟକ ତଥା ବିଜେଡି ଉପ ସଭାପତି ପ୍ରଣବ ପ୍ରକାଶ ଦାସ,ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ,ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ,ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ,ମନସ୍ୱିନୀ ଦାସ, ନିନାରାଣୀ ସାମଲ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରଞ୍ଜିତା ରାଉତ, ବ୍ଲକ ସଭାପତି ଅଜୟ ମହାନ୍ତି ପ୍ରମୁଖ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ମହିଳାଙ୍କୁ ୩୩% ସଂରକ୍ଷଣ ଦେବାରେ ବିଫଳ ହେବା ସହିତ ନାରୀ ନିର୍ଯାତନା ନିୟନ୍ତ୍ରଣରେ ସରକାରଙ୍କ ଅସମର୍ଥତାନେଇ ସରକାରଙ୍କୁ ସମାଲୋଚନା କରିଥିଲେ । ସମାବେଶରେ ମହିଳା ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ବିଜୟଲକ୍ଷ୍ମୀ ଶତପଥୀ,ସସ୍ମିତା ଧଳ,ରଶ୍ମିତା ଦାସ, ରଞ୍ଜିତା ଦାସ ଯୋଗ ଦେଇଥିଲେ । । ପରେ ସଭା ସ୍ଥଳରୁ ଏକ ଶୋଭାଯାତ୍ରାରେ ବିଧାୟିକା ପ୍ରମିଳା ମଲ୍ଲିକ,ସୁଜାତା ସାହୁ ଓ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀଙ୍କ ନେତୃତ୍ୱରେ ବିଜେଡିର ଏକ ମହିଳା ପ୍ରତିନିଧି ମଣ୍ଡଳୀ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ନାରୀ ଅଧିକାର ସମ୍ପର୍କିତ ଏକ ଦାବିପତ୍ର ଦଶରଥପୁର ବ୍ଲକର ଏବିଡ଼ିଓ ତ୍ରିଲୋଚନ ସେଠୀଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ ।

## ଅଗ୍ନିକାଣ୍ଡ : ଜଳିଗଲା ଲକ୍ଷାଧିକ ଟଙ୍କାର ଟ୍ରକ ଟାୟାର

ଚଣ୍ଡିଖୋଲ/ଚଡେଇଧରା ,(ସବ୍ୟୁ) : ଯାଜପୁର ଜିଲ୍ଲାର ଜେନାପୁର ଥାନା ତଥା ଚଡେଇଧରା ପୋଲିସ ଚେକପୋଷ୍ଟ ଅଧିନ ଚଡେଇଧରା ଉପର ବଜାଳ ନିକଟରେ ୫୩ ନମ୍ବର ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ଆଦିଲ ଟାୟାର ଦୋକାନରେ ଅଗ୍ନିକାଣ୍ଡ ଘଟି ଶତାଧିକ ସଂଖ୍ୟାରେ ଟ୍ରକ ଟାୟାର ଜଳିଯାଇଛି । ମଙ୍ଗଳବାର ଭୋର ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ତେବେ ନିଆ ଲାଗିବାର ପ୍ରକୃତ କାରଣ ଜଣାପଡି ନଥିଲେ ମଧ୍ୟ ସଟ ସର୍କିଟ ଯୋଗୁଁ ଏହା ଘଟିଥାଇପାରେ ବୋଲି ଦମକଳ ବାହିନୀ ଅନୁମାନ କରିଛନ୍ତି । ସୁଦୂର ବିହାରରୁ ଆସି ।ଦୀର୍ଘ ଦିନ ହେ ଆଦିନ ଏଠାରେ ଟାୟାର ଦୋକାନ କରିଥିଲେ । ଏକ ଘର ଭଡା ନେଇ ସେଠାରେ ଶତାଧିକ ରିସଲ ଓ ପୁରୁଣା ଟ୍ରକ ଟାୟାର ବିକ୍ରି ପାଇଁ ରଖିଥିଲେ । ଏହି ଅଗ୍ନିକାଣ୍ଡରେ ଘରଭିତରେ ଗଚ୍ଛିତ ଥିବା ସମସ୍ତ ଟ୍ରକ ଟାୟାର ଜଳି ଭସ୍ମୀଭୂତ ହୋଇଯାଇଥିଲା । ଜଳି ଯାଇଥିବା ଟାୟାରର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଉଛି । ଅଗ୍ନିକାଣ୍ଡ ପରେ ସମଗ୍ର ଅଞ୍ଚଳ ଘନ କଳା ଧୂଆଁରେ



ଆଚ୍ଛାଦିତ ହୋଇଯାଇଥିଲା । ଚଡେଇଧରା ସ୍ଥିତ ଦମକଳ ବାହିନୀର ଦୁଇଟି ଗାଡି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ହେଲେ ସେତେବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିଲା ।

## ସୂର୍ଣ୍ଣଲତା ହତ୍ୟାକାଣ୍ଡ ଘଟଣା : ହତ୍ୟାକାରୀଙ୍କ ପତ୍ନୀ କଲେ ଆତ୍ମହତ୍ୟା

କୁଆଁପାଳ,(ସବ୍ୟୁ) :ଜମିବାଡି ଜନିତ ବିବାଦକୁ ନେଇ ପୂର୍ବ ଆକ୍ରୋଷରୁ ଗତ ସୋମବାର ସକାଳେ ମାହାଙ୍ଗା ଥାନା ପଣସପୁର ପଂଚାୟତ ଅନ୍ତର୍ଗତ ଅକରପଡା ଗ୍ରାମରେ ଖୁଡୀତାଶ୍ୱଶୁରର କଟୁରୀ ଚୋଟରେ ପୁତୁରା ବୋହୁର ମୃତ୍ୟୁ ହୋଇଥିଲା। ଏହି ହତ୍ୟାକାଣ୍ଡ ଘଟଣାରେ ହତ୍ୟାର ଶିକାର ହୋଇଥିବା ଅକରପଡା ଗ୍ରାମର ଦିବ୍ୟାଙ୍ଗ ରଞ୍ଜନ କୁମାର ସାହୁଙ୍କ ପନୀ ସୂର୍ଣ୍ଣଲତା ସାହୁ (୪୦)ଙ୍କୁ ବିଲରେ ଘାସ କାଟୁଥିବା ସମୟରେ କଟୁରୀରେ ଖୁଡୀତାଶ୍ୱଶୁର ଚନ୍ଦ୍ରମଣି ସାହୁ ଅତି ନୃଶଂସ ଭାବେ ହତ୍ୟା କରିଥିଲେ। ଏହି ଘଟଣାରେ ଅଭିଯୋଗ ପାଇ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଚନ୍ଦ୍ରମଣୀକୁ ପୋଲିସ ଗିରଫ କରି ଥାନାରେ ଅଟକ ରଖିଥିଲା। ଏହି ଘଟଣାର ତଦନ୍ତ ଚାଲୁ ରହିଥିବା ବେଳେ ମାହାଙ୍ଗା ଥାନା ଆଇଆଇସି ଯୁଗଳ କିଶୋର ଦାସ ଅଭିଯୁକ୍ତ ଚନ୍ଦ୍ରମଣୀକୁ ଆଜି ସୋରଳ ଗ୍ରାମକୁ ନେଇ ତାଙ୍କ ଝିଅଙ୍କ ଘରୁ ଏକ କଟୁରୀ ଜବତ କରିବା ସହ ହତ୍ୟାକାରୀଙ୍କୁ ମାହାଙ୍ଗା ଜେ.ଏମ. ଏଫ.ସି କୋର୍ଟରେ ହାଜର କରିବା ପରେ ଅଭିଯୁକ୍ତଙ୍କ ବେଲ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଯାଇଥିବା ଜଣାଯାଇଛି। ଏହି ଘଟଣା ଘଟିବା ପରେ ଅଭିଯୁକ୍ତ ଚନ୍ଦ୍ରମଣୀଙ୍କୁ ପୋଲିସ ଗିରଫ କରିବା ପରେ ତାଙ୍କ ପନୀ ସରସ୍ୱତୀ ସାହୁ(୬୦) ଙ୍କ ତାଙ୍କ ଘରେ ଏକୁଟିଆ ରହୁଥିଲେ। ଗତକାଲି ସରସ୍ୱତୀ ତାଙ୍କ ସ୍ୱାମୀ ଏଭଳି ଜଘନ୍ୟ କାଣ୍ଡ ଘଟାଇଥିବାରୁ ତାଙ୍କ ସ୍ୱାମୀଙ୍କୁ ଭର୍ସନା କରିବା ସହ ତାଙ୍କ ସ୍ୱାମୀଙ୍କୁ କଠୋର ଦଣ୍ଡ ବିଧାନ ଦାବି କରିଥିଲେ। କିନ୍ତୁ ହତ୍ୟାକାଣ୍ଡ ଘଟିବାର ଦୁଇ ଦିନ ନ ପୁରୁଣୁ ସରସ୍ୱତୀ ଆଜି ଅପରାହ୍ନ ପ୍ରାୟ ୩ଟା ସମୟରେ ନିଜ ଘରର କବାଟ ବନ୍ଦ କରି ଏକ ପଙ୍ଖାରେ ତାଙ୍କ ଲୁଗା ଦ୍ୱାରା ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ସରସ୍ୱତୀ ସକାଳେ ନିଜ ଘରଅଗଣାରେ କାରବାର କରୁଥିଲେ। କିନ୍ତୁ ୨ଟା ପରେ ସରସ୍ୱତୀ ପଦାକୁ ନ ବାହାରିବାରୁ ଏବଂ ଘରର ଉଭୟ ପଟ କବାଟ ଦିଆଯାଇଥିବାରୁ ସନ୍ଦେହରେ ପଡୋଶୀ ମାନେ ଏକତ୍ରିତ ହୋଇ କୋଠରୀର ଏକ ଝରକା ବାଟେ ଦେଖିବା ବେଳକୁ ସରସ୍ୱତୀ ପଙ୍ଖାରେ ଲୁଗା ଲଗାଇ ଝୁଲି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଏ ସଂପର୍କରେ ସେଠାରେ ମୃତୟନ ଥିବା ପୋଲିସ ଫୋର୍ସ ଥାନାକୁ ସୂଚନା ଦେବା ପରେ ମାହାଙ୍ଗା ପୋଲିସ ଘଟଣା ସ୍ଥଳରେ ପହଂଚି ସରସ୍ୱତୀଙ୍କ ପରିବାରରେ କେହି ନ ଥିବାରୁ କବାଟ ଖୋଲି ନଥିଲେ ,ପରେ ଆତ୍ମସ୍ୱଜନଙ୍କୁ ଖୋଜଖବର କରୁଛନ୍ତି। ସେମାନେ ଆସିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭଙ୍ଗା ଯାଇ ଶବକୁ ଜବତ କରାଯାଇ ଶବ ବ୍ୟବଚ୍ଛେଦ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ସରସ୍ୱତୀ ମାନସିକ ସ୍ତରରେ ଭାଙ୍ଗି ପଡିଥିଲେ ଏବଂ ସ୍ୱାମୀଙ୍କ ଏପରି କୁକାର୍ଯ୍ୟ ପାଇଁ ଲୋକ ଲଜ୍ୟା ସହି ନ ପାରି ଆତ୍ମହତ୍ୟା କରିଥିବା ଶୁଣିବାକୁ ମିଳୁଛି।

# ରାଜସ୍ୱ ଓ ଜଙ୍ଗଲ ଜାଗାରେ ସୌର ପ୍ରକଳ୍ପ ନିର୍ମାଣ ଅଭିଯୋଗ
# ପ୍ରଶାସନର ଜାଗା ଚିହ୍ନଟ ଆରମ୍ଭ

ଖଣ୍ଡପଡା, (ସବ୍ୟୁ): ଖଣ୍ଡପଡ଼ା ତହସିଲର ସିଂଘାପଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ନୂଆଗାଁ ଓ ହରିହର ପ୍ରସାଦ ମୌଜା ସ୍ଥିତ ରାଜସ୍ୱ ଓ ଜଙ୍ଗଲ ଜାଗାରେ ଭୁବନେଶ୍ୱର ଅଞ୍ଚଳର ଜନୈକ ବ୍ୟକ୍ତି ଏକ ସୌର ଶକ୍ତି ପ୍ରକଳ୍ପ ନିର୍ମାଣ କରୁଥିବା ନେଇ ସିଙ୍ଘାପଡ଼ା ପଞ୍ଚାୟତବାସୀ ଅଭିଯୋଗ ଉଠାଇ ସେ ସଂର୍ପକରେ ତଦନ୍ତ ସହ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଲିଖିତ ଭାବେ ଖଣ୍ଡପଡ଼ା ତହସିଲ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏକର ଏକର ସରକାରୀ ଜାଗାରେ ସୌର ପ୍ରକଳ୍ପ ନିର୍ମାଣ ଚାଲିଥିବା ବେଳେ କେତେକ ଅସାଧୁ ପ୍ରଶାସନିକ ଅଧିକାରୀମାନଙ୍କୁ କରାୟତ କରି ଭୁବନେଶ୍ୱର ଅଞ୍ଚଳର ଏହି ବ୍ୟକ୍ତି ଉକ୍ତ ସୌର ଶକ୍ତି ପ୍ରକଳ୍ପ ନିର୍ମାଣ ଆଳରେ ପାଖାପାଖି ୧୦୦ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜାଗା ମାଡି ବସିଥିବା ନେଇ ଅଭିଯୋଗ ଉଠିଥିଲା। ଅଭିଯୋଗ ଆଧାରରେ ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ମଙ୍ଗଳବାର ନିର୍ମାଣଧୀନ ସୌର ପ୍ରକଳ୍ପ ସ୍ଥାନରେ ସରକାରୀ ଜାଗା ଚିହ୍ନଟ ନେଇ ମାପଚୁପ ଆରମ୍ଭ ହୋଇଥିଲା।

ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଜାଗା ମାପଚୁପ ବେଳେ ୭୦ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜାଗାରେ ଅନଧିକାର ଭାବେ ସୌର ଶକ୍ତି ପ୍ରକଳ୍ପ ନିର୍ମାଣ କରାଯାଇଥିବା ନେଇ ପ୍ରଶାସନିକ ଅଧିକାରୀମାନଙ୍କ ନଜରକୁ ଆସିଥିବା ଖଣ୍ଡପଡ଼ା ତହସିଲ ପ୍ରଶାସନ ସୂତ୍ରରୁ ଜଣାଯାଇଛି।ପ୍ରଶାସନ ପକ୍ଷରୁ ସରକାରୀ ଜାଗା ଚିହ୍ନଟ ପରେ ଉକ୍ତ ସ୍ଥାନରେ ସୌରଶକ୍ତି ପ୍ରକଳ୍ପ ନିର୍ମାଣ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପ୍ରଶାସନ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ସିଙ୍ଘାପଡ଼ା ଓ ଆଖପାଖ ପଞ୍ଚାୟତବାସୀଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଉକ୍ତ ସୌର ଶକ୍ତି ପ୍ରକଳ୍ପରୁ ଖଳିସାହି ପଞ୍ଚାୟତ ଅଧୀନ କୋଟପୋଖରୀ ଗ୍ରାମସ୍ଥିତ ବିଦ୍ୟୁତ ଗ୍ରୀଡକୁ ତାର ସଂଯୋଗୀକରଣ ନିମନ୍ତେ ଏକାଧିକ ଗଜା ଶାଳଗଛ ଗୁଡିକୁ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରୁଥିବା ବ୍ୟକ୍ତିଙ୍କ ପ୍ରରୋଚନାରେ କାଟି ଦିଆଯାଇଥିବା ଜଣାପଡିଛି।

ତେବେ ଏକର ଏକର ସରକାରୀ ଜମି ଓ ଗଜା ଶାଳଗଛ ଗୁଡିକୁ କାଟି ନଷ୍ଟ କରି କାହା ସ୍ୱାର୍ଥରେ ଓ କାହା ନିର୍ଦ୍ଦେଶରେ ଉକ୍ତ ସ୍ଥାନରେ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରାଯାଉଛି ବୋଲି ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୟାଗଡ ଜିଲ୍ଲାପାଳ ଓ ନୟାଗଡ ବନଖଣ୍ଡ ଅଧିକାରୀଙ୍କ ସମେତ ସରକାରଙ୍କ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ସେଥିପ୍ରତି ଦୃଷ୍ଟି ଦେବାକୁ ଖଣ୍ଡପଡା ଅଞ୍ଚଳବାସୀ ଦାବି କରିଛନ୍ତି। ଅପରପକ୍ଷେ ସୌର ଶକ୍ତି ପ୍ରକଳ୍ପ ନିର୍ମାଣ କରୁଥିବା ବ୍ୟକ୍ତି ବିଦ୍ୟୁତ ବିତରଣ କମ୍ପାନୀ (ଟିପିସିଓଡିଏଲ) କର୍ତ୍ତୃପକ୍ଷଙ୍କୁ ପ୍ରତି ମାସରେ ବିଦ୍ୟୁତ ଶକ୍ତି ବିକ୍ରୟ କରି ମୋଟା ଅଙ୍କର ଅର୍ଥ ଆୟ କରିବାକୁ ମସୁଧା ଚଳାଇଥିବା ବେଳେ ସଂରକ୍ଷିତ ଜଙ୍ଗଲ ଜମି ଓ ମୂଲ୍ୟବାନ ଶାଳଗଛ ଗଛ ଗୁଡିକ ନଷ୍ଟ ହେବା ଯୋଗୁଁ ଜନସାଧାରଣଙ୍କ ସ୍ୱାର୍ଥ ବଳି ପଡିବା ସାର ହୋଇଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଖଣ୍ଡପଡ଼ା ଅଞ୍ଚଳର ପରିବେଶବିତ ଓ ବୁଦ୍ଧିଜୀବୀମାନେ ଘୋର ଉଦବେଗ ପ୍ରକାଶ କରିଥିବା ଜଣାଯାଇଛି।

## ନୂତନ ଥାନାଧିକାରୀଙ୍କୁ ସାମ୍ବାଦିକ ସଂଘର ସମ୍ବର୍ଦ୍ଧନା



ବାଲିଅନ୍ତା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନାର ନୂତନ ଥାନା ଅଧିକାରିଣୀ (ଆଇଆଇସି) ରଶ୍ମିତା ବେହେରାଙ୍କୁ ବାଲିଅନ୍ତା ବ୍ଲକ କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସ୍ଥାନୀୟ ଥାନା ପରିସରରେ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ନୂତନ ଥାନା ଅଧିକାରିଣୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସାକ୍ଷାତକାର କାଳରେ ବାଲିଅନ୍ତା ଅଞ୍ଚଳରେ ଆଇନ ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ, ମାଦକ ଦ୍ରବ୍ୟ କାରବାର ରୋକିବା ଏବଂ ସାମ୍ବାଦିକ ଓ ପୁଲିସଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗଣମାଧ୍ୟମ ସମାଜର ଆଇନା ହୋଇଥିବାରୁ, ଅଞ୍ଚଳର ସଠିକ ଖବର ପୋଲିସ ପ୍ରଶାସନ ନିକଟରେ ପହଞ୍ଚାଇବାରେ ସାମ୍ବାଦିକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ନୂତନ ଥାନା ଅଧିକାରିଣୀ ପ୍ରକାଶ କରିଥିଲେ। ଏଥିସହିତ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସେ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ସହଯୋଗ କାମନା କରିଥିଲେ। ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ମାନେ ଉପସ୍ଥିତ ରହି ଥାନା ଅଧିକାରିଣୀଙ୍କୁ ସମସ୍ତ ପ୍ରକାର ସକାରାତ୍ମକ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ କିଶୋରଚନ୍ଦ୍ର ନାୟକ, ପିତବାସ ଦାଶ, ସୂର୍ଯ୍ୟକାନ୍ତ ଭୋଳ, ପ୍ରଭାତେଂଶୁ ସାମନ୍ତରାୟ, ଲୁକେଶ ସାହୁ,ଗଦାଧର ଜେନା, ବିଭୁତି ପ୍ରଧାନ, ଗୋବର୍ଦ୍ଧନ ଦାସ, ରୂପକ ପଟ୍ଟନାୟକ, ବାସୁଦେବ ସାହୁ, ଆଶୁତୋଷ ଚୌଧୁରୀ, ପ୍ରଳୟ କୁମାର ଦାସ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## କାଳବୈଶାଖୀ : ଘର ଉପରେ ପଡିଲା ଗଛ

କଣ୍ଟିଲୋ, (ସବ୍ୟୁ): ମଙ୍ଗଳବାର ଅପରାହ୍ନ ରେ କଣ୍ଟିଲୋ ଓ ଆଖ ପାଖ ଅଞ୍ଚଳରେ କାଳ ବୈଶାଖୀ ପ୍ରଭାବ ଅନୁଭୂତ ହୋଇଥିଲା। ପବନରେ କଣ୍ଟିଲୋ ହାଟମୁଣ୍ଡ ପାଟଣା ଚାପ ପୋଖରୀ ଉତ୍ତର ପାର୍ଶ୍ୱ ଜନବସତି ମଧ୍ୟରେ ଥିବା ଅଶସ୍ତ ଗଛରୁ ବୃହତ୍ତକାୟ ଡାଳ ଘର ଉପରେ ମାଡ଼ିବସିଥିଲା। ଏଥିରେ କପିଳେଶ୍ୱର ଓ ସନ୍ତୋଷ ସାହୁଙ୍କ ଗୃହ କ୍ଷତିଗ୍ରସ୍ତ ହୋଇଛି। ଉଭୟଙ୍କ ପରିବାର ଲୋକେ ଗୃହରେ ବିଶ୍ରାମ ନେଉଥିବା ସମୟ ରେ ହଠାତ ଡାଳଟି ଖସିପଡ଼ିଥିଲା।ଅଘଟଣ ଘଟିନଥିବା ଜଣାପଡିଛି। ଜନବସତି ସ୍ଥାନରୁ ଉକ୍ତ ଆଶ୍ୱସ୍ତ ଗଛ କଟାଯିବା ପାଇଁ ସ୍ଥାନୀୟ ଗ୍ରାମବାସୀ ବନବିଭାଗକୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ପଦକ୍ଷେପ ନିଆଯାଉନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଘଟଣ ହେଲେ ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ଗ୍ରାମ ମଧ୍ୟରୁ ଉକ୍ତ ଆଶ୍ୱସ୍ତ ଗଛ କଟାଯିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଟିପି ଓଡ଼ିଶା ଡିସ୍କମର 'ମୋ ଛାତ, ମୋ ସଞ୍ଚୟ' ଅଭିଯାନ

ଭୁବନେଶ୍ୱର, (ସବ୍ୟୁ) : ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଲି ଯୋଜନା ଅଧୀନରେ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର (ଏମଏନଆରଇ) ଦେଶବ୍ୟାପୀ 'ମନ୍ଥ ଅଫ୍ ସୋଲାର' ଅଭିଯାନର ଅଂଶ ସ୍ୱରୂପ, ଟାଟା ପାୱାର୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଓଡ଼ିଶା ଡିସକମ୍ ଗୁଡ଼ିକ ପକ୍ଷରୁ 'ମୋ ଛାତ, ମୋ ସଞ୍ଚୟ' ଶୀର୍ଷକ ଏକ ବ୍ୟାପକ ରାଜ୍ୟ ସ୍ତରୀୟ ଉପଭୋକ୍ତା ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସୌର ଶକ୍ତିର ଲାଭ ବିଷୟରେ ବ୍ୟାପକ ଉପଭୋକ୍ତା ସଚେତନତା ସୃଷ୍ଟି କରିବା, ରୁଫ୍‌ଟପ୍ ସୋଲାର୍ ପାଇଁ ଆବେଦନକୁ ପ୍ରୋତ୍ସାହିତ କରିବା ଏବଂ ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧୀନରେ ସୋଲାର୍ ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଅଭିଯାନର ପରିକଳ୍ପନା କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ, ଟାଟା ପାୱାର୍ ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡ଼ିକ ରାଜ୍ୟର ସମସ୍ତ ଜିଲ୍ଲା ଏବଂ ସମସ୍ତ ବର୍ଗର ଗ୍ରାହକଙ୍କ ପାଖରେ ପହଞ୍ଚୁଛନ୍ତି, ଯାହାଦ୍ୱାରା ସର୍ବାଧିକ ନାଗରିକ ରୁଫ୍‌ଟପ୍ ସୋଲାର୍ ଏବଂ ଏହା ସହ ଜଡ଼ିତ ସରକାରୀ ସବ୍‌ସିଡିର ଲାଭ ଉଠାଇ ପାରିବେ। ଆଜି ଓଡ଼ିଶା ରୁଫ୍‌ଟପ୍ ସୋଲାର୍ ଆପଣେଇବାରେ ଦେଶର ଅଗ୍ରଣୀ ରାଜ୍ୟଗୁଡ଼ିକ ମଧ୍ୟରେ ସ୍ଥାନ ପାଇଛି। ଯୋଗ୍ୟ ଉପଭୋକ୍ତାମାନେ ରୁଫ୍‌ଟପ୍ ସୋଲାର୍ ସ୍ଥାପନ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ସବ୍‌ସିଡି ବାବଦକୁ ୧,୩୮,୦୦୦ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ, ଯାହା ପ୍ରାରମ୍ଭିକ ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରୁଛି ଏବଂ ସହରାଞ୍ଚଳ ତଥା ଗ୍ରାମାଞ୍ଚଳର ସମସ୍ତ ପରିବାର ପାଇଁ ସ୍ୱଚ୍ଛ ଶକ୍ତି ଆପଣେଇବାକୁ ଅଧିକ ଶସ୍ତା ଓ ସହଜସାଧ୍ୟ କରୁଛି।

## ମିଲିପ୍ରିୟା ହତ୍ୟାକାଣ୍ଡ ଘଟଣା
## ଆଖିବୁଜିଲେ ହତ୍ୟାକାରୀ

କାକଟପୁର, (ସବ୍ୟୁ): ଗତ ୧୫ ତାରିଖ ଦିନ କାକଟପୁର ଥାନା ଅଧିନସ୍ଥ ଶଙ୍କରେଶ୍ୱର ଠାରେ ଯୁବତୀ ମିଲିପ୍ରିୟାଙ୍କ ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ହତ୍ୟାକାରୀ ସ୍ମୃତିରଞ୍ଜନ ସ୍ୱାଇଁଙ୍କ ଚିକିତ୍ସାଧୀନ



ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି । ହତ୍ୟାକାରୀ ସ୍ମୃତିରଞ୍ଜନ ପୁଲିସ ନିକଟରେ ନିଜେ ହତ୍ୟାକରିଥିବା ସ୍ୱୀକାର କରିଥିଲେ ମଧ୍ୟ ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ଘଟିବା ପରେ ତଦନ୍ତରେ ଯବନିକା ପଡିଛି।

ଏ ସଂକ୍ରାନ୍ତରେ ନିମାପଡା ଆରକ୍ଷୀ ଉପଖଣ୍ଡ ନିରୀକ୍ଷକ ଜନାର୍ଦ୍ଦନ ପାଢୀଙ୍କୁ ପଚାରିବାରେ ଅଭିଯୁକ୍ତ ର ମତ୍ୟୁ ଘଟିବା ପରେ ତଦନ୍ତ ଆଗକୁ ଯିବନାହିଁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ । ଅନ୍ୟ ପକ୍ଷରେ ଉକ୍ତ ହତ୍ୟାକାଣ୍ଡ ଘଟଣା ଦୁଇଟି ପରିବାରକୁ ସ୍ତବ୍ଧ କରିଦେଇଥିବା ବେଳେ ଦୁଇ ଦୁଇଟି ନିରୀହ ଜୀବନ ଚାଲିଯିବାକୁ ଅଞ୍ଚଳବାସୀ ସହଜେ ଗ୍ରହଣ କରିପାରୁ ନାହାନ୍ତି ।

## କଳ୍ପତରୁ ଖୁଣ୍ଟିଆ ମହୀଧରପଡ଼ା ଆରକେଏସ ନୂତନ ସଦସ୍ୟ

ଫୁଲନଖରା, (ସବ୍ୟୁ): ସଦର ଥାନା ଅନ୍ତର୍ଗତ ନଗରୀ ଅଞ୍ଚଳର ଜଣାଶୁଣା ସମାଜସେବୀ, ସୁସଂଗଠକ, ମାନବାଧିକାର କର୍ମୀ ତଥା ବିଜେପିର ଯୁବ ସଂଗଠକ କଳ୍ପତରୁ ଖୁଣ୍ଟିଆଙ୍କୁ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି (ଆରକେଏସ) ର ନୂତନ ସଦସ୍ୟ ଭାବେ ମନୋନୀତ କରାଯାଇଛି। ନିଆଳି ବିଧାୟକ ଇଂ ଛବି ମଲ୍ଲିକଙ୍କ ସୁପାରିସ କ୍ରମେ ତାଙ୍କୁ ଏହି ସମ୍ମାନଜନକ କମିଟିରେ ସ୍ଥାନ ମିଳିଥିବା ଜଣାପଡ଼ିଛି। ଏହି ନିଯୁକ୍ତି ପରେ ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଯୁବ ସଂଗଠନ ପକ୍ଷରୁ ଶ୍ରୀ ଖୁଣ୍ଟିଆଙ୍କୁ ଅଭିନନ୍ଦନର ସୁଅ ଛୁଟିଛି।



କଳ୍ପତରୁ ଖୁଣ୍ଟିଆ ଦୀର୍ଘଦିନ ଧରି ସମାଜସେବା, ଯୁବ ସଂଗଠନ, ରକ୍ତଦାନ ଶିବିର, ଗରିବ ଓ ଅସହାୟଙ୍କ ସହାୟତା, ପରିବେଶ ସୁରକ୍ଷା ଓ ମାନବାଧିକାର କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ଏହି କାରଣରୁ ତାଙ୍କୁ ଆରକେଏସ ଭଳି ଗୁରୁତ୍ୱପୂର୍ଣ୍ଣ କମିଟିରେ ସ୍ଥାନ ଦିଆଯାଇଥିବାକୁ ବୁଦ୍ଧିଜୀବୀ ମହଲ ସ୍ୱାଗତ କରିଛନ୍ତି। ଏହି ଅବସରରେ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ସୁଭାଷଚନ୍ଦ୍ର ଗୋଚ୍ଛାୟତ ଶ୍ରୀ ଖୁଣ୍ଟିଆଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଅନ୍ୟପକ୍ଷରେ ଯୁବ ଜାଗ୍ରତ ମଞ୍ଚ, ପ୍ରାଚୀ ପ୍ରଜ୍ଞା ପରିଷଦ, ସିଦ୍ଧେଶ୍ୱର ଯୁବକ ସଂଘ, ଚିନ୍ତାମଣି ପରିବେଶ ସମିତି, କପିଳେନ୍ଦ୍ରଦେବ ଉନ୍ନୟନ ପରିଷଦ ଓ ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଚେତନା ପରିଷଦ ସହିତ ବହୁ ସାମାଜିକ ସଂଗଠନ ଓ ଅଞ୍ଚଳବାସୀ ଶ୍ରୀ ଖୁଣ୍ଟିଆଙ୍କ ନିଯୁକ୍ତିକୁ ସ୍ୱାଗତ କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କଳ୍ପତରୁ ଖୁଣ୍ଟିଆ କହିଥିଲେ ଯେ, ଅଞ୍ଚଳର ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ଓ ସାଧାରଣ ଲୋକଙ୍କ ଆବଶ୍ୟକତାକୁ ସେ ସର୍ବାଧିକ ଗୁରୁତ୍ୱ ଦେବେ। ଏଭଳି ଏକ ସମ୍ମାନଜନକ କମିଟିରେ ସ୍ଥାନ ମିଳିଥିବାରୁ ସେ ନିଆଳି ବିଧାୟକ ଇଂ ଛବି ମଲ୍ଲିକଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ସାମାଜିକ କାର୍ଯ୍ୟ ପ୍ରତି ନିରନ୍ତର ସମର୍ପଣ ଓ ଜନସେବାରେ ତାଙ୍କ ସକ୍ରିୟ ଭୂମିକାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶରେ କଳ୍ପତରୁ ଖୁଣ୍ଟିଆଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି ।

## ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ସିପିଏମର ଗଣ ପ୍ରତିବାଦ

ରଣପୁର,(ସବ୍ୟୁ): ରାଜ୍ୟର ର ବିଶିଷ୍ଟ ଶ୍ରମିକ ନେତା,ସିଆଇଟିୟୁ ର ରାଜ୍ୟ ସାଧାରଣ ସମ୍ପାଦକ ଓ କେନ୍ଦ୍ରୀୟ ଉପ ସଭାପତି ତଥା ସିପିଆଇ (ଏମ) ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସାଥୀ ବିଷ୍ଣୁ ଚରଣ ମହାନ୍ତିଙ୍କ ବିୟୋଗରେ ପାର୍ଟି ରଣପୁର ଆଞ୍ଚଳିକ କମିଟି ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସାଥୀ ଦୁଃଶାସନ ଜେନାଙ୍କ ସଭାପତିତତ୍ୱରେ ଶହୀଦ ରଘୁ-ଦିବାକର ଭବନରେ ଅନୁଷ୍ଠିତ ହୋଇ ଯାଇଅଛି। ବକ୍ତାମାନେ ସାଥୀ ବିଷ୍ଣୁ ମହାନ୍ତି ଙ୍କ ସ୍ମୃତି ଚାରଣ କରି ତାଙ୍କ ର ଜୀବନ ଆଦର୍ଶ ସମ୍ପର୍କରେ ଆଲୋକ ପାତ କରିଥିଲେ।୧୯୫୦ ମସିହାରେ କେନ୍ଦ୍ରାପଡ଼ା ର ନିଆଳି ଅଞ୍ଚଳରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ମହାନ୍ତି ଛାତ୍ର ରାଜନୀତି ରେ ପ୍ରବେଶ କରି ୧୯୭୦ ମସିହାରେ କେନ୍ଦ୍ର ସରକାରଙ୍କ ଜରୁରୀ ପରିସ୍ଥିତି ବିରୋଧରେ ସାଲିସ ହୀନ



ଲଢ଼େଇ କରି ମିଶା ଆଇନ ବଳରେ ୨୪ ମାସ କାରାବରଣ କରିଥିଲେ।ଶ୍ରମିକ ଶ୍ରମ ଜୀବି ଜନ ଗଣ ଙ୍କ ଅଗ୍ରଣୀ ଭୂମିକା ରେ ସେନାପତି ଭାବେ କାର୍ଯ୍ୟ କରି ରାଉରକେଲା ଇସ୍ପାତ ନଗରୀ ର ଇସ୍ପାତ ମଣିଷ ଭାବେ ସମସ୍ତ ମନକୁ ଛୁଇଁ ପାରିଥିଲେ। ଦୀର୍ଘ ୫୫ ବର୍ଷ ରାଜନୈତିକ ଜୀବନ ରେ ସେ କେତେ ବେଳେ ପଛଘୁଞ୍ଚା ନ ଦେଇ ସାମ୍ୟବାଦୀ ଦର୍ଶନ ପ୍ରତି ଅଙ୍ଗିକାର କରି ଅବିଚଳିତ ଭାବେ ଗରୀବ,ଶୋଷିତ ଓ ଶ୍ରମିକ ଶ୍ରମ ଜୀବି ଙ୍କ ପାଇଁ କାର୍ଯ୍ୟ କରିଥିଲେ। ତାଙ୍କ ଅଧୁରା ସ୍ୱପ୍ନକୁ ସାକାର କରି ପାରିଲେ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତା ମାନେ ଆହ୍ୱାନ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ପାର୍ଟି ତରଫରୁ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ଆକାଶ ଛୁଆଁ ପେଟ୍ରୋଲ,ଡିଜେଲ ଓ ଗ୍ୟାସ ଦର ବୃଦ୍ଧିର ପ୍ରତିବାଦରେ ଏକ ପ୍ରତିବାଦ ସଭା ରଣପୁର ପଞ୍ଚୁଦୋଳ ପଡ଼ିଆ ଠାର ସାଥୀ ଦୁଃଶାସନ ଜେନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଥିଲା। ବାଲିଅନ୍ତା ଅଞ୍ଚଳରେ ସୌମ୍ୟଙ୍କୁ ହତ୍ୟା, କଣାସରେ ବୁଲେଟ ମଡାଇ ଯୁବକଙ୍କୁ ହତ୍ୟା, ଗଞ୍ଜାମ ରେ ଗର୍ଭିଣୀ ମହିଳାଙ୍କୁ ହତ୍ୟା, ନୟାଗଡ଼ ଓଡ଼ଗାଁ ରେ ଖଣି ମାଫିଆ ଙ୍କ ଯୁବକଙ୍କୁ ନିର୍ମମ ହତ୍ୟା, ଗଣିଆ ରେ ଯୁବକ ଙ୍କୁ ପୋଡ଼ି ହତ୍ୟା ଆଦି ଲୋମ ହର୍ଷଣ କାରୀ ଘଟଣା ପଛରେ ସରକାରୀ ଦଳର କର୍ମୀଙ୍କ ସମ୍ପୃକ୍ତି ଥିଲା ବେଳେ ପୋଲିସ ହାତବାରିସ ସାଜିଛି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଗୁଡିକ ରେ ପାର୍ଟି ନେତା ନିତ୍ୟାନନ୍ଦ ପରିଡ଼ା,ସୁରେଶ ସ୍ୱାଇଁ, ସବ୍ୟସାଚୀ ସେନାପତି, ଶୁଶିଲ ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇ ଥିଲେ।

## ରାଣୀ ପଣ୍ଡାଙ୍କ ବିରୋଧରେ ଅଭିଯୋଗ

ନିମାପଡା, (ସବ୍ୟୁ): ଯାତ୍ରା ଅଭିନେତ୍ରୀ ତଥା ଯାତ୍ରା ନାଟ୍ୟମଣ୍ଡପର ମାଲିକାଣୀ ପୁଷ୍ପଲତା ପଣ୍ଡା ଓରଫ ରାଣୀ ପାର୍ଟିରେ ଗ୍ରୁପ ଡାନ୍ସ କରୁଥିବା କଳାକାରଙ୍କ ପାରିଶ୍ରମିକ ନଦେଇ ଓଲଟି ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଗତ ରବିବାର ନିମାପଡା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ହେବା ପରେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଅଭିଯୋଗରୁ ପ୍ରକାଶ ଯେ, ଯାତ୍ରା ନାଟ୍ୟ ମଣ୍ଡପ ପାର୍ଟିରେ ଗ୍ରୁପ ଡାନ୍ସ ପାଇଁ ନିମାପଡା ଖେଲାର ସ୍ଥିତ ରକଅନ୍ ଡାନ୍ସ ଗ୍ରୁପର ମୁଖ୍ୟ ସୁଧାଂଶୁ ଦାସଙ୍କ ସହିତ ଚୁକ୍ତି ପତ୍ର ହୋଇଥିଲା । ସୁଧାଂଶୁ ନାଟ୍ୟ ମଣ୍ଡପ ଯାତ୍ରା ପାର୍ଟିରେ ପିଲାଙ୍କୁ ନେଇ ନଚାଇଥିଲେ । ତେବେ ଗ୍ରୁପର ଡାନ୍ସ କରିଥିବା କଳାକାରଙ୍କ ୧୧ ଦିନର ପାରିଶ୍ରମିକ ବାକି ରହିଥିଲା । ବାକି ଥିବା ଟଙ୍କା ମାଗିବାରୁ ରାଣୀ ଟଙ୍କା ଦେବା ପରିବର୍ତ୍ତେ ସୁଧାଂଶୁ ଏବଂ ଗ୍ରୁପର ଅନ୍ୟ ନୃତ୍ୟ କଳାକାରମାନଙ୍କୁ ଗାଳିଗୁଲଜ,ବିଭିନ୍ନ ଧମକ ଚମକ ଦେଇଥିଲେ । ଟଙ୍କା ନପାଇ ନିରାଶ ହେବା ପରେ ସୁଧାଂଶୁ ଏବଂ ଅନ୍ୟ ନୃତ୍ୟ ସହକଳାକାର କାହ୍ନା ମଲ୍ଲିକ,ରାଜା ଭୋଇ,ସାଗର କୁମାର ଦାସ,ଲିଜାରାଣୀ ମଲ୍ଲିକ ପ୍ରମୁଖ ରାଣୀଙ୍କ ବିରୋଧରେ ନିମାପଡା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୁଲିସ ତଦନ୍ତ ଚଳାଇଛି । ରାଣୀଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ ।


**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

24001/135/2627

**No. RDM-LAA-BLS-0013-2023-8388 R&DM, Dated. 03 MAR 2025**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( **RFCTLAR & R. Act, 2013**) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା - ବାରହାପାଳ, ଥାନା-ବସ୍ତା ନଂ. ୧୫୫, ତହସିଲ-ବସ୍ତା, ଜିଲ୍ଲା-ବାଲେଶ୍ୱର**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ଓଡ଼ିଆ ଶାସନ ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (**RFCTLAR & R Act, 2013**)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୫୭୫୨ ତା. ୨୯.୦୨.୨୦୨୪ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା - ବାରହାପାଳ, ଥାନା-ବସ୍ତା ନଂ. ୧୫୫, ତହସିଲ-ବସ୍ତା, ଜିଲ୍ଲା-ବାଲେଶ୍ୱର**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା - ମୟୂରଭଞ୍ଜ | ତହସିଲ- ବସ୍ତା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାରହାପାଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୫.୫୩ | ଏକର ୨.୯୩୫ | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା - ମୟୂରଭଞ୍ଜ | ତହସିଲ- ବସ୍ତା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୧୯.୦୫.୨୦୨୪ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା/- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

ଭୂଅର୍ଜନ ମାମଲା ସଂଖ୍ୟା : ୧୯/୨୦୨୨
ଏ. ୨.୯୩୫ ଡି.

**ଭୂମି ଅନୁସୂଚୀ**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଞ୍ଚ କେନାଲ, ହରିପୁର ଡିଷ୍ଟ୍ରିବ୍ୟୁଟାରୀ ଓଡ଼ିଆ ଶାସନ ମାଇନର**
**ମୌଜା- ବାରହାପାଳ, ଥାନା- ବସ୍ତା ନଂ-୧୫୫, ତହସିଲ-ବସ୍ତା, ଜିଲ୍ଲା-ବାଲେଶ୍ୱର**

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୪ | ୨୩୦ | ୦.୮୯ | ୦.୧୯ | ଚକ ନଂ ୪୯ | ଅପର୍ତ୍ତି ପାଣିଗ୍ରାହୀ, ପି: ବୃନ୍ଦାବନ ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ନିଜଗା |
| ୧୯ | ୧୩୧<br>୧୨୯ | ୦.୩୨<br>୦.୧୪ | ୦.୦୪<br>୦.୦୧ | ଘରବାରି<br>ଜଳାଶୟ ଦୁଇ | ସେଖ ଅହମ୍ମଦ, ସେଖ କାଙ୍ଗାଳି, ଅମିନା ବିବି, ପି: ସେଖ ସମଦ, ଜା-ମୁସଲମାନ, ବା : ନିଜଗାଁ |
| ୨୦ | ୧୩୦ | ୦.୦୫ | ୦.୦୩ | ଆଡି | ସେକ୍ ଅହମ୍ମଦ : ସେକ୍ କାଙ୍ଗଳି, ପି: ସେକ୍ ସମଦ, ଜାଲିମା ବିବି, ପି: ସେକ୍ କୁଟୀ, ଜା: ମୁସଲମାନ, ବା: ନିଜଗାଁ, ଅମିନା ବିବି, ସ୍ୱା: ସତାର ଖାଁ, ଜା: ମୁସଲମାନ, ବା: ମାଣିଖମ୍ବ, ଥା : ବାଲେଶ୍ୱର |
| ୨୮ | ୨୨୫ | ୦.୪୦ | ୦.୦୪ | ଚକ ନଂ ୪୪ | ଉପେନ୍ଦ୍ର ବାରିକ, ପି: ଦର୍ଶନ ବାରିକ, ଜା: ଭଣ୍ଡାରୀ ବା: ନିଜଗାଁ |
| ୫୬ | ୨୩୧ | ୦.୨୨ | ୦.୦୬ | ଚକ ନଂ ୦ | ଗଣେଶ ଦାଶ, ପି: ଲାଲ ମୋହନଦାଶ, ଜା: ବ୍ରାହ୍ମଣ, ବା: ଓଡ଼ିଆ ଶାସନ |
| ୬୩ | ୨୧୦ | ୦.୨୨ | ୦.୦୫ | ଚକ ନଂ-୩୦ | ଗିରିଧାରୀ ଲେଙ୍କା, ପି: ବୃନ୍ଦାବନ ଲେଙ୍କା, ଜା: ଖଣ୍ଡାୟତ, ବା: ବାଖରା ବାଦ |
| ୭୮ | ୨୨୯ | ୦.୦୭ | ୦.୦୧ | ଚକ ନଂ ୪୮ | ସେକ୍ ଚାନ୍ଦ, ପି: ରହିମ ତୁଲ୍ଲା, ସେକ୍ ରହେମାନ, ସେକ୍ ଆକବର, ପି: ସେକ ଚାନ୍ଦ, ସେକ୍ ଗଫାର, ପି: ସେକ୍ ଜବାର, ସାଦେଖାନ ବିବି, ସ୍ୱା: ସେକ୍ ବୁଲୁ ଜା : ମୁସଲମାନ, ବା: ନିଜଗାଁ |
| ୮୦ | ୨୨୭ | ୦.୩୪ | ୦.୦୬ | ଚକ ନଂ ୪୬ | ଚୈତନ୍ୟ ଦାସ, ପି: ଲକ୍ଷ୍ମୀଧର ଦାସ, ଜାନକୀ ଦାସ ସ୍ୱା: ଲକ୍ଷ୍ମୀଧର ଦାସ, ଉମାକାନ୍ତ ଦାସ, ପି ବୃନ୍ଦାବନ ଦାସ ଜା: ବୈଷ୍ଣବ, ବା: ନିଜଗାଁ, ସାବିତ୍ରୀ ଦାସ ସ୍ୱା : ହରେକୃଷ୍ଣ ଦାସ, ଜା: ବୈଷ୍ଣବ, ବା: ମେଦିନୀ ପୁର, ଥା- ବାଲେଶ୍ୱର |
| ୮୩ | ୧୭୩ | ୦.୪୨ | ୦.୦୪ | ଶାରଦ ଦୁଇ | ଜଗନ୍ନାଥ ଜେନା, ପି: ଭଗବାନ ଜେନା, ଜା: ରାଜୁ, ବା: ନିଜଗାଁ |
| ୯୯ | ୨୦୭ | ୦.୭୮ | ୦.୦୮ | ଚକ ନଂ ୨୭ | ଯୁଗଲ ମାଝୀ, ପି: ଠକର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୫୮ | ୧୬୧ | ୦୦୩ | ୦.୦୨ | ଘରବାରି | ପୁରସ୍ତମ ପାଣିଗ୍ରାହୀ, ପି: ଗୋପିନାଥ ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୯୮ | ୮୯<br>୯୦ | ୧.୦୩<br>୦.୮୨ | ୦.୧୨<br>୦.୨୨ | ଶାରଦ ତିନି<br>ଶାରଦ ତିନି | ମଦନ ମୋହନ ଜେନା, କାଳି ଚରଣ ଯେନା, ଜଳଧର ଯେନା, ଘନଶ୍ରାମ ଯେନା, ବିଷ୍ଣୁପ୍ରିୟା ଯେନା, ପି: ମହେନ୍ଦ୍ର ଯେନା, କଟିବୁଢ଼ି ଯେନା, ସ୍ୱା: ମହେନ୍ଦ୍ର ଯେନା, ଜା: ପାଣ, ବା: ନିଜଗାଁ |
| ୨୧୭ | ୧୦୩<br>୧୦୭ | ୦.୧୯<br>୦.୨୨ | ୦.୦୬<br>୦.୧୩ | ଶାରଦ ତିନି<br>ପଡିତ | ରଘୁନାଥ ଯେନା, ମାୟାଧର ଯେନା, ବେଣୁଧର ଯେନା, ପି: ହଗର ଯେନା, ଦୁର୍ଗାମଣି ଯେନା, ସ୍ୱା: ମାୟାଧର ଯେନା ଜା: ପାଣ, ବା: ନିଜଗାଁ |
| ୨୩୧ | ୧୭୪ | ୦.୪୨ | ୦.୦୯ | ଶାରଦ ଦୁଇ | ରାମଚନ୍ଦ୍ର ଯେନା, ପି: ଭଗବାନ ଯେନା, ଜା: ରାଜୁ, ବା: ନିଜଗାଁ |
| ୨୫୧ | ୧୮୫ | ୧.୭୨ | ୦.୧୦ | ଚକ ନଂ ୦୬ | ଶାନ୍ତନୁ କୁମାର ମହାପାତ୍ର, ପ୍ରଶାନ୍ତନୁ କୁମାର ମହାପାତ୍ର ପି: ହରିପଦ ମହାପାତ, ଜା: ଗୋଲା, ବା: ବାଖରାବାଦ |
| ୨୬୨ | ୨୦୦ | ୦.୪୦ | ୦.୦୬ | ଚକ ନଂ ୨୦ | ଶୁକମଣି ସାହୁ, ସ୍ୱା: ହରେକୃଷ୍ଣ ସାହୁ, ଜା: କୁବେର, ବା: ବାଖରାବାଦ |
| ୨୭୦ | ୧୮୬ | ୧.୫୮ | ୦.୧୩ | ଚକ ନଂ ୦୭ | ସୁରେନ୍ଦ୍ର କର, ପି: ଝି କର, ଜା: କୈବର୍ତ୍ତ, ବା: ବାଖରାବାଦ |
| ୨୮୦ | ୨୨୮ | ୦.୨୦ | ୦.୧୩ | | ହରିହର ତ୍ରିପାଠୀ, ପି: ଚକ୍ରଧର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୯୩/୬୭ | ୧୭୫ | ୦.୮୧ | ୦.୧୫ | ଶାରଦ ଦୁଇ | ଯୋଗେନ୍ଦ୍ର ନାଥ ଜେନା, ଯତିନ୍ଦ୍ର ନାଥ ଜେନା, ପି : ଜଗନ୍ନାଥ ଜେନା, ଜା: ରାଜୁ, ବା ନିଜଗାଁ |
| ୨୯୩/୮୭ | ୧୦୩/୧୦୮୨<br>୧୦୪/୧୦୮୩ | ୦.୦୬<br>୦.୦୬ | ୦.୦୪<br>୦.୦୫ | ଶାରଦ ତିନି<br>ଶାରଦ ତିନି | ରାମଚନ୍ଦ୍ର ଜେନା, ପି: କପିଳ ଜେନା, ଜା: ପାଣ, ବା: ରାଉତପଡା |
| ୨୯୩/୯୯ | ୧୦୪/୧୦୮୭<br>୧୦୪ | ୦.୦୩<br>୦.୧୦ | ୦.୦୧<br>୦.୦୩ | ଶାରଦ ତିନି<br>ଶାରଦ ତିନି | ରାମଚନଦ୍ର ଜେନା, ପି: କପିଳ ଜେନା ଜା: ପାଣ, ବା: ରାଉତପଡ଼ା |
| ୨୯୩/୧୩୦ | ୨୦୨ | ୦.୫୬ | ୦.୦୪ | ଚକ ନଂ ୨୨ | ବିଜୟ କୁମାର ସେନାପତି, ପି: ଗଙ୍ଗାଧର ସେନାପତି ଜା: ଗୋଲା, ବା: ଓଡ଼ିଆଶାସନ |
| ୨୯୩/୧୩୩ | ୧୭୬<br>୧୬୦/୧୧୧୯<br>୧୬୧/୧୧୨୪<br>୧୨୮/୧୧୨୭ | ୦.୪୪<br>୦.୫୯<br>୦.୧୩୫<br>୦.୨୫ | ୦.୦୬<br>୦.୦୩<br>୦.୦୮<br>୦.୧୪ | ଶାରଦ ଦୁଇ<br>ଶାରଦ ଦୁଇ<br>ଘରବାରି<br>ପଡିତ | ଜଗନ୍ନାଥ ପାଣିଗ୍ରାହି, ପି: ପୁରସ୍ତମ ପାଣିଗ୍ରାହି, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୯୩/୧୪୦ | ୧୭୨<br>୧୬୦<br>୧୬୨<br>୧୬୧/୧୧୩୧ | ୦.୨୫<br>୦.୪୧<br>୦.୧୯<br>୦.୦୫୫ | ୦.୦୭<br>୦.୧୭<br>୦.୦୩<br>୦.୦୫୫ | ଶାରଦ ଦୁଇ<br>ଶାରଦ ଦୁଇ<br>ଶାରଦ ତିନି<br>ଘରବାରି | ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହି, ପି: ପୁରସ୍ତମ ପାଣିଗ୍ରାହି, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୯୩/୧୫୮ | ୨୦୬ | ୦.୬୬ | ୦.୧୫ | ଚକ ନଂ ୨୬ | ଅକ୍ଷୟ କୁମାର ସେନାପତି, କିସ୍ମତ ୧/୩, ଅଜୟ କୁମାର ସେନାପତି, କିସ୍ମତ ୨/୩ ପି: ଗଙ୍ଗାଧର ସେନାପତି, ଜା: ଗୋଲା, ବା: ଓଡ଼ିଆଶାସନ |
| ୨୯୩/୧୮୨ | ୨୦୯<br>୨୦୮ | ୦.୧୯<br>୦.୨୮ | ୦.୦୬<br>୦.୧୦ | ଚକ ନଂ ୨୯<br>ଚକ ନଂ ୨୮ | ଶୁଭଶ୍ରୀ ଜେନା, ସ୍ୱା: ଖଗେଶ୍ୱର ଜେନା, ଜା: ଗୋଲା, ବା: ଆଗିରିଆ |
| ମୋଟ | ୩୮ ପ୍ଲଟ | ଏ. ୧୫.୫୩ ହେ.ମି. | ଏ. ୨.୯୩୫ ହେ.ମି. | | |

Sd/- Amin Deuli Zone | Sd/- Revenue Inspector Deuli Zone | Sd/- Zone Officer-cum-L.A.Collector, S.I.P. Deuli Zone | Sd/- Land Acquisition Officer SIP BARIPADA

OIPR : 24001/24001/3/26-27/0034

## ସମ୍ପାଦକୀୟ

# ମହିଳାଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି

କେରଳର ନୂତନ ମୁଖ୍ୟମନ୍ତ୍ରୀ ଭାବେ ୟୁଡିଏଫ୍ ଦଳର ନେତୃତ୍ୱ ନେଇ ଭି.ଡି. ସତୀଶାନ ଶପଥ ଗ୍ରହଣ କରିବା ପରେ କେରଳ ଷ୍ଟେଟ ରୋଡ ଟ୍ରାନ୍ସପୋର୍ଟର ବସ୍‌ରେ ମହିଳାମାନଙ୍କ ପାଇଁ ମାଗଣା ବସ୍ ଯାତ୍ରା ବ୍ୟବସ୍ଥା କରିଛନ୍ତି । ଭଲ କଥା । ରାଜନୀତିକ ଦଳଗୁଡ଼ିକ ଏବେ ଭୋଟ ପାଇଁ ମହିଳାଙ୍କ ସୁବିଧା କରୁଥିବା ମଧ୍ୟ କୁହାଯାଇଛି । ମାତ୍ର ଗତ ସଂସଦ ଅଧିବେଶନରେ ମହିଳାମାନଙ୍କ ପାଇଁ ଲୋକସଭା ଓ ବିଧାନସଭାମାନଙ୍କରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ କରାଇ ନ ଦେବାକୁ ଦେଶର ବିରୋଧୀ ଦଳମାନେ ଯେପରି ଉଦ୍ୟମ କଲେ, ତାହା ସେମାନଙ୍କର ହୀନମନ୍ୟତା ବୋଲି କୁହାଯାଇ ପାରେ । ଦୀର୍ଘ ପ୍ରାୟ ବାର ବର୍ଷ ପର୍ଯ୍ୟନ୍ତ କ୍ଷମତାସୀନ ରହିଥିବା ଏନ୍‌ଡିଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଈର୍ଷାପରାୟଣ ହୋଇ ବିରୋଧୀ ଦଳ ଏପରି କାର୍ଯ୍ୟ କରିଥାଇ ପାରନ୍ତି ବୋଲି ମଧ୍ୟ କୁହାଯାଉଛି ।

କିନ୍ତୁ ଆରମ୍ଭରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ନେତୃତ୍ୱରେ ଏନ୍.ଡି.ଏ ସରକାର ମହିଳାମାନଙ୍କ ପାଇଁ ଯାବତୀୟ ସୁବିଧା କରିଛନ୍ତି, ଏଥିରେ ସନ୍ଦେହ ନାହିଁ । ଅତୀତରେ କଂଗ୍ରେସ ଯେଉଁ ଦଶବର୍ଷ ପାଇଁ କ୍ଷମତାସୀନ ଥିଲା, ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିଲେ ମଧ୍ୟ ପ୍ରକୃତରେ ଉପା (ୟୁନାଇଟେଡ ପ୍ରୋଗେସିଭ ଆଲାଏନ୍ସ)ର ଶାସନକୁ ଅଧ୍ୟକ୍ଷା ସୋନିଆ ଗାନ୍ଧି ହିଁ ଚଳାଉଥିଲେ । ମହିଳାମାନଙ୍କ ପାଇଁ କିଛି ଆଖିଦୃଶିଆ କାମ ସେ କରି ନଥିଲେ ବୋଲି କୁହାଯାଉଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତେର ବର୍ଷ କାଳ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ପରେ ଏବେ ବାର ବର୍ଷ କାଳ ଭାରତର ପ୍ରଧାନମନ୍ତ୍ରୀ ରହିଛନ୍ତି । ସରକାରୀ କ୍ଷମତାରେ ସେ ୨୫ ବର୍ଷରୁ ଉର୍ଦ୍ଧ୍ୱ କାଳ ରହି ବହୁ ଅଭିଜ୍ଞତା ଅର୍ଜନ କରିଛନ୍ତି । ବହୁ ନୂଆ ନୂଆ କଥା ସେ ମହିଳାଙ୍କ ପାଇଁ କରିଛନ୍ତି । ଅଥଚ ୨୦୦୫ରେ ସେ ଗୁଜରାଟରେ ମୁଖ୍ୟମନ୍ତ୍ରୀ ଥିବାବେଳେ ଉପାର ଅଧ୍ୟକ୍ଷା ସୋନିଆ ଗାନ୍ଧି ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ କହି ମୋଦି ଯେପରି ଆମେରିକା ଯାଇ ନ ପାରିବେ ସେଥିପାଇଁ ତାଙ୍କର ଭିଜା ବାତିଲ କରି ଦେଇ ଥିଲେ ।

**ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତେର ବର୍ଷ କାଳ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ପରେ ଏବେ ବାର ବର୍ଷ କାଳ ଭାରତର ପ୍ରଧାନମନ୍ତ୍ରୀ ରହିଛନ୍ତି । ସରକାରୀ କ୍ଷମତାରେ ସେ ୨୫ ବର୍ଷରୁ ଉର୍ଦ୍ଧ୍ୱ କାଳ ରହି ବହୁ ଅଭିଜ୍ଞତା ଅର୍ଜନ କରିଛନ୍ତି । ବହୁ ନୂଆ ନୂଆ କଥା ସେ ମହିଳାଙ୍କ ପାଇଁ କରିଛନ୍ତି । ଅଥଚ ୨୦୦୫ରେ ସେ ଗୁଜରାଟରେ ମୁଖ୍ୟମନ୍ତ୍ରୀ ଥିବାବେଳେ ଉପାର ଅଧ୍ୟକ୍ଷା ସୋନିଆ ଗାନ୍ଧି ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ କହି ମୋଦି ଯେପରି ଆମେରିକା ଯାଇ ନ ପାରିବେ ସେଥିପାଇଁ ତାଙ୍କର ଭିଜା ବାତିଲ କରି ଦେଇ ଥିଲେ ।**

ପ୍ରଧାନମନ୍ତ୍ରୀ ହେବା ପରେ ମହିଳାମାନଙ୍କ ଗୁରୁତ୍ୱ ଅନୁଭବ କରି ନରେନ୍ଦ୍ର ମୋଦି ଅନେକ ପଦକ୍ଷେପ ନେଇଥିଲେ ଯେଉଁଥି ପାଇଁ ଦେଶବାସୀ ତାଙ୍କୁ ମନେ ରଖି ପାରିଛନ୍ତି । ସେହି ଯୋଜନାଗୁଡ଼ିକ ହେଉଛି 'ବେଟୀ ବଚାଓ, ବେଟୀ ପଢ଼ାଓ', 'ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା', 'ମହିଳା ଏ ହାଟ', 'ଉଜ୍ଜ୍ୱଳା ଯୋଜନା','ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନା', 'ପ୍ରଧାନମନ୍ତ୍ରୀ କୌଶଳ ଯୋଜନା', 'ନିର୍ଭୟା' ଆଇନର ଫୌଜଦାରୀ (ସଂଶୋଧନ) ଯୋଜନା ୨୦୧୩, ମାତୃତ୍ୱ ହିତାଧିକାରୀ (ସଂଶୋଧନ)ଆଇନ ୨୦୧୭, 'ଯୌନ ଉତ୍ପୀଡନରୁ ଶିଶୁମାନଙ୍କୁ ଉଦ୍ଧାର କରାଯିବା ଆଇନ ୨୦୧୯', 'ତିନିଥର ତଲାକ୍' ବ୍ୟବସ୍ଥା ରଦ୍ଦ କରାଯିବା ଫଳରେ ଏହି ଅତ୍ୟାଚାର ପ୍ରାୟ ୮୦ ପ୍ରତିଶତ ହ୍ରାସ ପାଇବା, 'ମୁସଲମାନ ମହିଳା (ବିବାହ ସଂକ୍ରାନ୍ତୀୟ ଅଧିକାର ଆଇନ ୨୦୧୯'ଏବଂ କର୍ମ କ୍ଷେତ୍ରରେ ମହିଳାମାନଙ୍କୁ ଯୌନ ନିର୍ଯ୍ୟାତନାର ( ପ୍ରତିକାର, ନିରାକରଣ ଓ ପ୍ରତିଷେଧକ) ଆଇନ ୨୦୧୩ ।

ଏଗୁଡ଼ିକ ସଂସ୍କାରବାଦୀ ଯୋଜନା ରାଜନୀତିକ ଉଦ୍ଦେଶ୍ୟ ରଖି ପ୍ରଧାନମନ୍ତ୍ରୀ ଏହି ସବୁ ଯୋଜନା କରି ନାହାନ୍ତି । ଆମର ପ୍ରତିରକ୍ଷା ବାହିନୀରେ ମହିଳାମାନଙ୍କୁ ନିଯୁକ୍ତି ସୁଯୋଗ ମିଳିବା ମଧ୍ୟ ଗୋଟିଏ ଉତ୍ତମ ଯୋଜନା । ସେ ଯାହା ହେଉ, ମହିଳାମାନଙ୍କୁ ବସ୍ ବା ଟ୍ରେନ୍‌ରେ ଯାତ୍ରା କଲାବେଳେ ଏପରି ସୁବିଧା କରାଯାଉ, ଯାହା ଫଳରେ ସେମାନେ ସହଜରେ ତଳୁ ଟ୍ରେନ ବା ବସ୍ ଉପରକୁ ଚଢ଼ି ପାରିବେ ବା ଓହ୍ଲାଇ ପାରିବେ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭାରତ-ଇଟାଲୀ ସମ୍ପର୍କ: ଭାରତ-ଭୂମଧ୍ୟସାଗର କ୍ଷେତ୍ର ପାଇଁ ଏକ ରଣନୀତିକ ଭାଗୀଦାରୀ



**ନରେନ୍ଦ୍ର ମୋଦି**
ପ୍ରଧାନମନ୍ତ୍ରୀ



**ଜର୍ଜିଆ ମେଲୋନି**
ଇଟାଲୀ ମନ୍ତ୍ରୀ ପରିଷଦର ଅଧ୍ୟକ୍ଷ

ଭାରତ ଓ ଇଟାଲୀ ମଧ୍ୟରେ ସମ୍ପର୍କ ଏବେ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି । ଗତ କିଛିବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଭୂତପୂର୍ବ ଗତିରେ ବିସ୍ତାରିତ ହୋଇ ଛି । ଏହି ସମ୍ପର୍କ କେବଳ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତ । ମଧ୍ୟରେ ସୀମିତ ହୋଇ ରହି ନାହିଁ, ବରଂ ଏହା ଏବେ ସ୍ୱାଧୀନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ଭବିଷ୍ୟତର ସହଭାଗୀ ଦୃଷ୍ଟିକୋଣ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀରେ ପରିବର୍ତ୍ତିତ ହୋଇଛି ।

ସମ୍ପ୍ରତି ସମଗ୍ର ବିଶ୍ୱର ବ୍ୟବସ୍ଥା ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଥିବା ସମୟରେ, ଭାରତ ଓ ଇଟାଲୀ ସମ୍ପର୍କ ଉଚ୍ଚ ରାଜନୈତିକ ଏବଂ ସଂସ୍ଥାଗତ ସ୍ତରରେ କ୍ରମାଗତ ଆଲୋଚନା ଠାରୁ ଆ ଗକୁ ବଢୁଛି । ଏହି ସମ୍ପର୍କ ଏବେ ଏକ ନୂଆ ଓ ଅଧିକ ବ୍ୟାପକ ସ୍ତରରେ ପହଞ୍ଚିଛି । ଏଥିରେ ଦୁଇ ଦେଶର ଆର୍ଥିକ ଶକ୍ତି, ସାମାଜିକ ସୃଜନଶୀଳତା ଏବଂ ହଜାର ହଜାର ବର୍ଷ ପୁରୁଣା ସଭ୍ୟତାଗତ ଐତିହ୍ୟ ସାମିଲ ରହିଛି ।

ଏକବିଂଶ ଶତାବ୍ଦୀରେ ନବସୃଜନ କ୍ଷମତା, ଶକ୍ତି ପରିବର୍ତ୍ତନ ପରିଚାଳନା ଏବଂ ରଣନୀତିକ ଆତ୍ମନିର୍ଭରଶୀଳତାକୁ ମଜବୁତ କରିବା ଉପରେ ଦେଶର ସମୃଦ୍ଧି ଓ ସୁରକ୍ଷା ନିର୍ଭର କରିଥାଏ । ଆମ ସହଯୋଗ ଏହି ସହଭାଗୀ ଦୃଷ୍ଟିକୋଣକୁ ଦର୍ଶାଇଥାଏ । ଏହି ଉଦ୍ଦେଶ୍ୟ ନେଇ ଆମେ ଆମ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର ତଥା ବିବିଧ କରିବା ଲାଗି ସଂକଳ୍ପ ନେଇଛୁଁ, ଯାହାଫଳରେ ନୂଆ ଲକ୍ଷ୍ୟ ହାସଲ କରାଯାଇ ପାରିବ ଏବଂ ଦୁଇଦେଶର ସହଯୋଗୀ ସାମର୍ଥ୍ୟକୁ ଉନ୍ନତ ଢଙ୍ଗରେ ଉପଯୋଗ କରାଯାଇପାରିବ । ଡିଜାଇନ୍ କ୍ଷମତା, ଉନ୍ନତ ଉତ୍ପାଦନ କୌଶଳ ଏବଂ ବିଶ୍ୱସ୍ତରୀୟ ସୁପରକମ୍ପ୍ୟୁଟର୍ ପ୍ରଯୁକ୍ତି ବିଦ୍ୟା ଇଟାଲୀକୁ ଏକ ଶିଳ୍ପ ମହାଶକ୍ତିରେ ପରିଣତ କରିଛି। ଆମେ ଏହାକୁ ଭାରତର ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ଇଞ୍ଜିନିୟରିଂ ପ୍ରତିଭା, ବ୍ୟାପକ କ୍ଷମତା, ନବସୃଜନ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ତଥା ୨ଲକ୍ଷ ଷ୍ଟାର୍ଟଅପ୍ ଆଧାରିତ ଉଦ୍ୟୋଗ ଇକୋସିଷ୍ଟମ ସହ ଯୋଡ଼ି ଏକ ଶକ୍ତିଶାଳୀ ସନ୍ତୁଳନ ସୃଷ୍ଟି କ ରିବାକୁ ଚାହୁଁଛୁ । ଏହା କେବଳ ଏକ ସାଧାରଣ ସମନ୍ୱୟ ନୁହେଁ, ବରଂ ସହଭାଗୀ ମୂଲ୍ୟ ସୃଷ୍ଟି ଯେଉଁଥିରେ ଆମ ଦୁଇ ଦେଶର ଶିଳ୍ପ ସାମର୍ଥ୍ୟ ପରସ୍ପରକୁ ଅଧିକ ସୁଦୃଢ଼ କରିବ ।

ୟୁରୋପୀୟ ସଂଘ ଏବଂ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଉଭୟ ଦିଗରେ ବାଣିଜ୍ୟ ଓ ନିବେଶ ବଢ଼ାଇବାର ମାର୍ଗ ଖୋଲିଥାଏ । ୨୦୨୯ ସୁଦ୍ଧା ଭାରତ ଓ ଇଟାଲୀ ମଧ୍ୟରେ ବ୍ୟବସାୟିକ କାରବାରକୁ ୨୦ ବିଲିୟନ ୟୁରୋ ଠାରୁ ଆଗକୁ ବଢ଼ାଇବା ଲାଗି ଆମେ ଲକ୍ଷ୍ୟ ରଖିଛୁଁ । ଏଥିରେ ପ୍ରତିରକ୍ଷା ଓ ଏରୋସ୍ପେସ୍, ସ୍ୱଚ୍ଛ ପ୍ରଯୁକ୍ତି ବିଦ୍ୟା, ଯନ୍ତ୍ରାଂଶ, ଯାନବାହନ ସରଞ୍ଜାମ, ରସାୟନ, ଔଷଧ, ବୟନ, କୃଷି-ଖାଦ୍ୟକ୍ଷେତ୍ର ଏବଂ ପର୍ଯ୍ୟଟନ ସମେତ ଅନେକ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯିବ । ''ମେଡ୍ ଇନ୍ ଇଟାଲୀ'' ସବୁବେଳେ ସାରା ବିଶ୍ୱରେ ଉତ୍କୃଷ୍ଟତାର ପ୍ରତୀକଭାବେ ଖ୍ୟାତି ଅର୍ଜନ କରିଛି । ଆଜି ''ମେକ୍ ଇନ୍ ଇଣ୍ଡିଆ'' କାର୍ଯ୍ୟକ୍ରମର ଉଚ୍ଚ ଗୁଣବତ୍ତା ଆଧାରିତ ଲକ୍ଷ୍ୟ ସହ ଏହାର ସ୍ୱାଭାବିକ ତାଳ ମେଳ ଦେଖିବାକୁ ମିଳୁଛି । ଏହି ପରିପ୍ରେକ୍ଷୀରେ, ଭାରତ ପାଇଁ ଉତ୍ପାଦନରେ ଇଟାଲୀୟ କମ୍ପାନୀଗୁଡ଼ିକର ଆଗ୍ରହ ବୃଦ୍ଧି ପାଇବା ଏବଂ ଇଟାଲୀରେ ଭାରତୀୟ ଉଦ୍ୟୋଗଗୁଡ଼ିକର ପ୍ରଭାବ ମଜବୁତ ହେବ । ଏକ ସକାରାତ୍ମକ ସଂକେତ ଦେଉଛି । ବର୍ତ୍ତମାନ ଦୁଇପକ୍ଷକୁ ମିଶାଇଲେ ୧୦୦୦ରୁ ଅଧିକ ଉଦ୍ୟୋଗ ଉଭୟ ଦେଶରେ କାର୍ଯ୍ୟ କରୁଛନ୍ତି । ଏହା ଆମ ଯୋଗାଣ ଶୃଙ୍ଖଳର ଏକୀକରଣକୁ ଆହୁରି ଅଧିକ ମଜବୁତ କରିବ ।

ବୈଷୟିକ ନବସୃଜନ ଆମ ଭାଗୀଦାରୀର ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଆଧାର । ଆଗାମୀ ଦଶନ୍ଧିରେ ବିଶ୍ୱରେ ଏକ ବଡ଼ ବୈଷୟିକ ପରିବର୍ତ୍ତନ ଦେଖାଦେବ । ଏଥିରେ କୃତ୍ରିମ ବୁଦ୍ଧିମତା, କ୍ୱାଣ୍ଟମକମ୍ପ୍ୟୁଟିଂ, ଅତ୍ୟାଧୁନିକ ଉତ୍ପାଦନ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଡିଜିଟାଲ ମୌଳିକ ଭିତ୍ତିଭୂମି ଭଳି କ୍ଷେତ୍ରରେ ଦ୍ରୁତ ପ୍ରଗତି ହେବ । ଭାରତରେ ଦ୍ରୁତ ଗତିରେ ବଢୁଥିବା ନବସୃଜନ ପରିବେଶ ଏବଂ ବହୁସଂଖ୍ୟକ କୁଶଳୀ ପେସାଦାର ତଥା ଇଟାଲୀର ଉନ୍ନତ ଶିଳ୍ପ କ୍ଷମତା ଏସବୁ କ୍ଷେତ୍ରରେ ଦୁଇଦେଶର ସହଯୋଗକୁ ସ୍ୱାଭାବିକ ଏବଂ ରଣନୀତିକ କରିଥାଏ । ଦୁଇ ଦେଶର ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ବର୍ଦ୍ଧିତ ଭାଗୀଦାରୀ ମଧ୍ୟ ଏହାକୁ ଆହୁରି ମଜବୁତ କରିବ ।

ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ବିଶ୍ୱର ଅନେକ ଦେଶ, ବିଶେଷକରି ଗ୍ଲୋବାଲ ସାଉଥ ପାଇଁ ଆକର୍ଷଣର କେନ୍ଦ୍ର ହୋଇ ପାରିଛି । ମୁଖ୍ୟତଃ କୃତ୍ରିମ ବୁଦ୍ଧିମତା (ଏଆଇ) ଆଜି ଆମ ସମାଜ ଏବଂ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି । ଭାରତ ଓ ଇଟାଲୀ ଦୀର୍ଘ ସମୟ ଧରି ଏ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଉଛନ୍ତି, ଯାହା ଫଳରେ ଏଆଇର ବିକାଶ ସୁରକ୍ଷିତ ଡିଜିଟାଲ ସହଯୋଗ, କ୍ଷମତା-ନିର୍ମାଣ ଏବଂ ମଜବୁତ ସାଇବର ଭିତ୍ତିଭୂମି ସହ ଜଡ଼ିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବା ଜରିଆରେ ଆମେ ଏକ ଖୋଲା, ବିଶ୍ୱସନୀୟ ଏବଂ ସମାନ ଡିଜିଟାଲ ବାତାବରଣ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁଁ ଯେଉଁଥିରେ ପ୍ରତ୍ୟେକ ଦେଶ ଏଆଇକୁ ଉପଯୋଗ କରିପାରିବେ ଏବଂ ଏଥିରୁ ଲାଭ ପାଇ ପାରିବେ । ଏହି ଦୃଷ୍ଟିକୋଣକୁ ଆଧାର କରି ଇଟାଲୀ ଅଧ୍ୟକ୍ଷତାରେ ଜି-୭ବୈଠକ ଏବଂ ୨୦୨୬ରେ ନୂଆଦିଲ୍ଲୀରେ ଆୟୋଜିତ ଏଆଇ ଇମ୍ପାକ୍ଟ ସମ୍ମିଳନୀର ନିଷ୍କର୍ଷ ପ୍ରସ୍ତୁତ କରା ଯାଇଥିଲା । ଏଆଇକୁ ମଣିଷଦ୍ୱାରା ଏବଂ ମଣିଷ ପାଇଁ ସୃଷ୍ଟି କରାଯାଇଥିବା ଏକ ପ୍ରଯୁକ୍ତି ବିଦ୍ୟା ଭାବରେ ସ୍ୱୀକାର କରିବାର ଅର୍ଥ ହେଉଛି ଏହା ସ୍ପଷ୍ଟ କରିବା ଯେ ପ୍ରଯୁକ୍ତି ବିଦ୍ୟା ମଣିଷର ସ୍ଥାନ ଗ୍ରହଣ କରିପାରିବ ନାହିଁ କିମ୍ବା ସେମାନଙ୍କର ମୌଳିକ ଅଧିକାରକୁ ଦୁର୍ବଳ କରିପାରିବ ନାହିଁ । ଜନମତକୁ ପ୍ରଭାବିତ କରିବା କିମ୍ବା ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତ କ୍ଷେପ କରିବା ଲାଗି ମଧ୍ୟ ଏହାର ଉପଯୋଗ କରାଯିବା ଉଚିତ ନୁହେଁ । ବ୍ୟାପକ ଭାବେ ପରସ୍ପର ସହ ଜଡ଼ିତ ବିଶ୍ୱରେ ସ୍ୱାଧୀନତା ଏବଂ ମାନବ ମର୍ଯ୍ୟାଦାକୁ ରକ୍ଷା କରିବା ଲାଗି ଆମର ଦୃଷ୍ଟିକୋଣ ଏହି ଆହ୍ୱାନ ଉପରେ ଆଧାରିତ ।

**ଏହି ପରିପ୍ରେକ୍ଷୀରେ, ଭାରତ ପାଇଁ ଉତ୍ପାଦନରେ ଇଟାଲୀୟ କମ୍ପାନୀଗୁଡ଼ିକର ଆଗ୍ରହ ବୃଦ୍ଧି ପାଇବା ଏବଂ ଇଟାଲୀରେ ଭାରତୀୟ ଉଦ୍ୟୋଗଗୁଡ଼ିକର ପ୍ରଭାବ ମଜବୁତ ହେବ । ଏକ ସକାରାତ୍ମକ ସଂକେତ ଦେଉଛି । ବର୍ତ୍ତମାନ ଦୁଇପକ୍ଷକୁ ମିଶାଇଲେ ୧୦୦୦ରୁ ଅଧିକ ଉଦ୍ୟୋଗ ଉଭୟ ଦେଶରେ କାର୍ଯ୍ୟ କରୁଛନ୍ତି । ଏହା ଆମ ଯୋଗାଣ ଶୃଙ୍ଖଳର ଏକୀକରଣକୁ ଆହୁରି ଅଧିକ ମଜବୁତ କରିବ ।**

ଉତ୍ତରଦାୟୀ ଏବଂ ମାନବ କୈନ୍ଦ୍ରିକ ହୋଇ ପାରିବ ।

ଏହି ପରିପ୍ରେକ୍ଷୀରେ ଭାରତ ଓ ଇଟାଲୀ ଏଆଇକୁ ସମାବେଶୀ ବିକାଶର ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି । ବିଶେଷକରି ଗ୍ଲୋବାଲ୍ ସାଉଥ୍ ଦେଶଗୁଡ଼ିକରେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ସହଜରେ ଉପଲବ୍ଧ ବହୁଭାଷୀ ଜ୍ଞାନକୌଶଳ ଜରିଆରେ ଏଆଇ ସାମାଜିକ ଓ ଡିଜିଟାଲ ବ୍ୟବଧାନକୁ ଅଧିକ ବଢ଼ାଇବା ପରିବର୍ତ୍ତେ ଭରଣା କରିପାରିବ । ମଣିଷକୁ ପ୍ରଯୁକ୍ତି ପ୍ରୟୋଗର କେନ୍ଦ୍ରରେ ରଖିବା ଲାଗି ଭାରତର 'ମାନବ କୈନ୍ଦ୍ରିକ' ଦୃଷ୍ଟିକୋଣ ଏବଂ ମାନବବାଦୀ ପରମ୍ପରା ଉପରେ ଆଧାରିତ ଇଟାଲୀର ମାନବ କୈନ୍ଦ୍ରିକ ''ଏଲ୍ଗୋର-ଏଥିକ୍ସ'' ଅବଧାରଣାକୁ ଆମେ ଆଗକୁ ବଢ଼ାଉଛୁଁ । କୃତ୍ରିମ ବୁଦ୍ଧିମତ୍ତାକୁ ସାମାଜିକ ସଶକ୍ତିକରଣର ମାଧ୍ୟମରେ ପରିଣତ କରିବା ଆମ ଭାଗୀଦାରୀର ଉଦ୍ଦେଶ୍ୟ । ଭାରତର ବିଶାଳ ଡିଜିଟାଲ କ୍ଷମତାକୁ ଇଟାଲୀର ନୈତିକ ଏବଂ ଔଦ୍ୟୋଗିକ ବିଶେଷଜ୍ଞତା ସହ ଯୋଡ଼ିବାକୁ ଆମେ ଲକ୍ଷ୍ୟ ରଖିଛୁଁ, ଯାହା ଫଳରେ ପ୍ରଯୁକ୍ତିବିଦ୍ୟା ମାନବ ମର୍ଯ୍ୟାଦାକୁ ରକ୍ଷା କରିବାରେ ବିନିଯୋଗ ହୋଇ ପାରିବ ।

ଆମ ସହଯୋଗ ମହାକାଶ କ୍ଷେତ୍ରରେ ମଧ୍ୟ ବିସ୍ତାରିତ । ମହାକାଶ ଗବେଷଣା ଏବଂ ଉପଗ୍ରହ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି । ସେହିପରି ମହାକାଶ ଇଞ୍ଜିନିୟରିଂରେ ଇଟାଲୀର ଉତ୍କର୍ଷତା ରହିଛି । ଏହା ମିଳିତ ପ୍ରକଳ୍ପ ଏବଂ ନୂତନ ପିଢ଼ିର ପ୍ରଯୁକ୍ତି ବିଦ୍ୟା ବିକାଶ ପାଇଁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରେ ।

ରାଷ୍ଟ୍ରଗୁଡ଼ିକର ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ଓ ସ୍ଥିରତା ଅତ୍ୟନ୍ତ ଜରୁରୀ । ତେଣୁ, ଇଟାଲୀ ଓ ଭାରତ ପ୍ରତିରକ୍ଷା, ସୁରକ୍ଷା ଏବଂ ରଣନୀତିକ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ସେମାନଙ୍କର ସହଯୋଗକୁ ଆହୁରି ମଜବୁତ କରିବାକୁ ଚାହାନ୍ତି । ଆମ ସହଯୋଗ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗର ସୁରକ୍ଷା ସୁନିଶ୍ଚିତ କରିବା ତଥା ଆତଙ୍କବାଦ, ଅନ୍ତର୍ଜାତୀୟ ଅପରାଧ ନେଟୱର୍କ, ନିଶାଦ୍ରବ୍ୟ ଚୋରା କାରବାର, ସାଇବର ଅପରାଧ ଏବଂ ମାନବ ତସ୍କରି ଭଳି ସମସ୍ୟାର ମୁକାବିଲାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ ।

ଶକ୍ତି ହେଉଛି ଆମ ସହଭାଗୀତାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ବିଶ୍ୱରେ ବିବିଧ ଶକ୍ତି ଉତ୍ସ ଦିଗରେ ହେଉଥିବା ପରିବର୍ତ୍ତନ ଲାଗି ନବସୃଜନ, ନିବେଶ ଏବଂ ସହଯୋଗ ଆବଶ୍ୟକ । ଭାରତ ଓ ଇଟାଲୀ ଅକ୍ଷୟ ଶକ୍ତିଠାରୁ ଆରମ୍ଭ କରି ହାଇଡ୍ରୋଜେନ ପ୍ରଯୁକ୍ତି ଏବଂ ସ୍ମାର୍ଟ ଗ୍ରୀଡ ଠାରୁ ଆରମ୍ଭ କରି ସୁଦୃଢ଼ ଭିତ୍ତିଭୂମି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏକାଠି କାମ କରୁଛନ୍ତି । ସବୁଜ ହାଇଡ୍ରୋଜେନ ରପ୍ତାନିର ବିଶ୍ୱସ୍ତରୀୟ କେନ୍ଦ୍ର ହେବପାଇଁ ଭାରତର ପ୍ରୟାସରେ ଅପାର ସମ୍ଭାବନା ରହିଛି । ଏହା ଇଟାଲୀର ଉନ୍ନତ ଅକ୍ଷୟ ଶକ୍ତି ଭିତ୍ତିଭୂମି ଏବଂ ୟୁରୋପ ଲାଗି ଏକ ଶକ୍ତି ପ୍ରବେଶ ଦ୍ୱାର ରୂପେ ଏହାର ରଣନୀତିକ ଭୂମିକା ସହ ସମ୍ପୂର୍ଣ୍ଣ ମେଳ ଖାଉଛି । ଏହି ପରିପ୍ରେକ୍ଷୀରେ, ଭାରତ ନେତୃତ୍ୱରେ ହେଉଥିବା ପ୍ରମୁଖ ପ୍ରୟାସ - ଅନ୍ତର୍ଜାତୀୟ ସୌରମେଣ୍ଟ (ଆଇଏସଏ), ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମେଣ୍ଟ (ସିଡିଆରଆଇ) ଏବଂ ଗ୍ଲୋବାଲ୍ ବାୟୋ ଫୁଏଲସ ଆଲାଏନ୍ସ (ଜିବିଏ)ରେ ଅନ୍ୟ ଦେଶ ସହ ଆମ ସହଯୋଗ ମଧ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ଭୌତିକ, ଡିଜିଟାଲ ଏବଂ ମାନବୀୟ ସମ୍ପର୍କର ଖିଅରେ ଆମେ ପରସ୍ପର ସହ ବାନ୍ଧି ହୋଇ ରହିଛୁଁ । ଭାରତ ଓ ଇଟାଲୀ ଉଭୟ ଭାରତ-ପ୍ରଶାନ୍ତ ମହାସାଗର ଏବଂ ଭୂମଧ୍ୟସାଗର କ୍ଷେତ୍ର ଭଳି ବିଶ୍ୱ ଅର୍ଥ ବ୍ୟବସ୍ଥାର ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର କେନ୍ଦ୍ରରେ ରହିଛନ୍ତି । ଏବେ ଏହି କ୍ଷେତ୍ରଗୁଡ଼ିକୁ ଭିନ୍ନ ଭିନ୍ନ ନୁହେଁ, ବରଂ ପରସ୍ପର ସହ ଜଡ଼ିତ ଅଞ୍ଚଳ ରୂପରେ ଦେଖାଯାଉଛି । ବାସ୍ତବରେ ଏକ ନୂଆ ''ଭାରତ-ଭୂମଧ୍ୟସାଗର'' (ଇଣ୍ଡୋ-ମେଡିଟେରେ ନିୟାନ) କ୍ଷେତ୍ର ବିକଶିତ ହେଉଥିବା ଆମେ ଦେଖୁଛୁଁ । ଏହି କ୍ଷେତ୍ର ବାଣିଜ୍ୟ କାରବାର, ପ୍ରଯୁକ୍ତି ବିଦ୍ୟା, ଶକ୍ତି, ଡାଟା ଏବଂ ବିଚାରଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ କରିଡର୍ ଯାହା ଭାରତ ମହାସାଗରକୁ ୟୁରୋପ ସହ ଯୋଡ଼ିଥାଏ । ପରସ୍ପର ସହ ଜଡ଼ିତ ଏହି କ୍ଷେତ୍ରରେ ଆମ ସମ୍ପର୍କ ସ୍ୱାଭାବିକ ଭାବେ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀ ରୂପେ ବିକଶିତ ହେଉଛି । ଏପରି ଭାଗୀଦାରୀ ଦୁଇଟି ମହାଦେଶକୁ ଯୋଡ଼ିଥାଏ ଏବଂ ନୂଆ ବିଶ୍ୱ ପରିସ୍ଥିତିକୁ ଆକାର ଦେଇଥାଏ ।

ଏହି ପରିପ୍ରେକ୍ଷୀରେ, ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଆର୍ଥିକ କରିଡର (ଆଇଏମଇସି) ଏକ ଦୂରଦୃଷ୍ଟି ପୂର୍ଣ୍ଣ ଯୋଜନା । ଏହାର ଲକ୍ଷ୍ୟ ହେଉଛି, ଆଧୁନିକ ପରିବହନ ଓ ଭିତ୍ତିଭୂମି, ଡିଜିଟାଲ ନେଟୱାର୍କ, ଶକ୍ତିବ୍ୟବସ୍ଥା ଏବଂ ଦୃଢ଼ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ଆମ କ୍ଷେତ୍ରଗୁଡ଼ିକୁ ସଂଯୋଗ କରିବା । ଭାରତ ଓ ଇଟାଲୀ ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପଦେବା ପାଇଁ ଅନ୍ୟ ଅଂଶୀଦାର ଦେଶମାନଙ୍କ ସହିତ ମିଶି କାମ କରିବାକୁ ସଂକଳ୍ପବଦ୍ଧ ଅଛନ୍ତି ।

ଦୁଇଦେଶ ମଧ୍ୟରେ ଗଭୀର ସମ୍ପର୍କ ଏବଂ ଲମ୍ବା ସାଂସ୍କୃତିକ ସଂଲଗ୍ନତା ଆଧାରରେ ଆମେ ଆମ ସହଭାଗୀ ସମସ୍ୟାର ସମାଧାନ କରି ପାରିବା । ଭାରତୀୟ ସଂସ୍କୃତିରେ ''ଧର୍ମ''ର ବିଚାର ସେହିଉତ୍ତରଦାୟୀ ଭାବନାକୁ ଦର୍ଶାଇଥାଏ ଯାହା ଆମ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ଉଚିତ । ସେହିପରି ''ବସୁଧୈବ କୁଟୁମ୍ବକମ୍''-ଅର୍ଥାତ୍ ''ସାରା ବିଶ୍ୱ ଏକ ପରିବାର''ର ସିଦ୍ଧାନ୍ତ ବର୍ତ୍ତମାନ ପରସ୍ପର ସହ ଜଡ଼ିତ ଡିଜିଟାଲ ଯୁଗରେ ଆହୁରି ଅଧିକ ପ୍ରାସଙ୍ଗିକ ପ୍ରତୀୟମାନ ହେଉଛି ।ଏହି ମୂଲ୍ୟବୋଧ ନବଜାଗରଣ କାଳରେ ସୃଷ୍ଟି ହୋଇଥିବା ଇଟାଲୀର ମାନବତାବାଦୀ ପରମ୍ପରା ସହ ମଧ୍ୟ ମେଳ ଖାଉଛି । ଏହି ପରମ୍ପରା ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ସଂସ୍କୃତିର ସେହି ଶକ୍ତି ଉପରେ ଗୁରୁତ୍ୱାରୋପ କରିଥାଏ ଯାହା ସମାଜ ଓ ଲୋକମାନଙ୍କୁ ଏକଜୁଟ କରିପାରେ । ସେଥିପାଇଁ ଲୋକମାନଙ୍କୁ କେନ୍ଦ୍ରରେ ରଖି ଭାରତ-ଇଟାଲୀ ସମ୍ପର୍କକୁ ଅଧିକ ସୁଦୃଢ଼, ଆଧୁନିକ ଏବଂ ଭବିଷ୍ୟଉନ୍ମୁଖୀ ଆଧାର ପ୍ରଦାନ କରିବା ଆମ ସହଭାଗୀ ଦୃଷ୍ଟିକୋଣର ଉଦ୍ଦେଶ୍ୟ ।

******

# ସାମ୍ବାଦିକତାରେ ନୋବେଲ ପୁଲିଜର ପୁରସ୍କାର



**ବିଜନ କୁମାର ମହାପାତ୍ର**

ସାମ୍ବାଦିକତା କ୍ଷେତ୍ରରେ 'ପୁଲିଜର ପୁରସ୍କାର' ସବୁଠାରୁ ପ୍ରତିଷ୍ଠିତ ସମ୍ମାନ ଭାବେ ସ୍ୱୀକୃତ । ମୂଳତଃ ଆମେରିକୀୟ ପୁରସ୍କାର ହେଲେ ମଧ୍ୟ ଆମେରିକା ସ୍ଥିତ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ପାଇଁ କାର୍ଯ୍ୟରତ ଅନ୍ୟ ଦେଶର ନାଗରିକମାନଙ୍କୁ ଉତ୍କର୍ଷ ସାମ୍ବାଦିକତାରେ ପୁଲିଜର ସମ୍ମାନ ଦିଆଯାଏ । କଲମ୍ବିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରାଯାଏ ପୁଲିଜର ପୁରସ୍କାର । ଏ ବର୍ଷ ପୁଲିଜର ପୁରସ୍କାର ବିଜେତାଙ୍କ ମଧ୍ୟରେ ଅଛନ୍ତି ଦୁଇ ଭାରତୀୟ ସାମ୍ବାଦିକ । ଆମେରିକୀୟ ଗଣମାଧ୍ୟମ ସଂସ୍ଥା ବ୍ଲୁମବର୍ଗ ପାଇଁ କାର୍ଯ୍ୟରତ ଆନନ୍ଦ ଆରକେ ଓ ସୁପର୍ଣ୍ଣା ଶର୍ମା 'ଇଲେଷ୍ଟ୍ରେଟେଡ୍ ରିପୋର୍ଟିଂ ଆଣ୍ଡ୍ କମେଣ୍ଟ୍ରି' ଶ୍ରେଣୀରେ ପୁଲିଜର ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ପୂର୍ବରୁ ମଧ୍ୟ ଅନେକ ଭାରତୀୟ ଓ ଭାରତୀୟ ବଂଶୋଦ୍ଭବ ସାମ୍ବାଦିକ ଏହି ପୁରସ୍କାର ପାଇଛନ୍ତି ।

ଆମେରିକାର ଜଣେ ପ୍ରତିଷ୍ଠିତ ପ୍ରକାଶକ ଓ ସାମ୍ବାଦିକ ଯୋଶେଫ ପୁଲିଜରଙ୍କ ନାଁରେ ପୁଲିଜର ପୁରସ୍କାରର ନାମକରଣ ହୋଇଛି । ଯୋଶେଫ ପୁଲିଜର ଥିଲେ ଜଣେ କର୍ମଠ, ଦକ୍ଷ ଓ ନିର୍ଭିକ ସାମ୍ବାଦିକ । ଗଣମାଧ୍ୟମର ଏକ ଅଂଶ ଭାବେ ସମ୍ବାଦପତ୍ରର ଭୂମିକାକୁ ଆହୁରି ଶକ୍ତିଶାଳୀ କରିବାରେ ପୁଲିଜରଙ୍କ ଅଗ୍ରଣୀ ଭୂମିକା ଥିଲା । ଖବରକାଗଜ ସବୁଶ୍ରେଣୀର ଲୋକଙ୍କ ପାଖରେ କେମିତି ପହଞ୍ଚିପାରିବ, ସେ ଦିଗରେ ପ୍ରୟାସ କରିଥିଲେ ପୁଲିଜର । ଆଉ ଏଥିପାଇଁ ଖବରକାଗଜର ଚିରାଚରିତ ସ୍ୱରୂପରେ ପରିବର୍ତ୍ତନ କରିଥିଲେ ପୁଲିଜର । ମନୋରଞ୍ଜନ, ଫ୍ୟାସନ, କ୍ରୀଡା ଖବର ଓ କମିକ୍ ଛାପିବା ଉପରେ ମଧ୍ୟ ପ୍ରାଥମିକତା ଦେଇଥିଲେ ପୁଲିଜର । ଭଲ ସାମ୍ବାଦିକ ସୃଷ୍ଟି ପାଇଁ ପ୍ରୟାସରତ ଥିଲେ ପୁଲିଜର । ଅନୁସନ୍ଧାନମୂଳକ ରିପୋର୍ଟିଂ ଜରିଆରେ ସରକାରୀ ସ୍ତରରେ ହେଉଥିବା ଦୁର୍ନୀତିର ପର୍ଦ୍ଦାଫାଶ ସହ ପ୍ରଚଳିତ ସାମାଜିକ ବ୍ୟାଧି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସାମ୍ବାଦିକମାନଙ୍କୁ ସେ ଆହ୍ୱାନ ଦେଇଥିଲେ । ଯୋଶେଫ ପୁଲିଜର ହଙ୍ଗେରୀର ମାକୋ ସହରରେ ୧୮୪୭ ମସିହା ଏପ୍ରିଲ ୧୦ ତାରିଖରେ ଜନ୍ମଗ୍ରହଣ କରିଥିଲେ । ବାପା ଥିଲେ ଜଣେ ଧନାଢ୍ୟ ଶସ୍ୟ ବେପାରୀ ଯିଏ କି ଯୋଶେଫଙ୍କୁ ପଢାଇବା ପାଇଁ ଘରୋଇ ଶିକ୍ଷକମାନଙ୍କୁ ନିଯୁକ୍ତ କରିଥିଲେ । ହଙ୍ଗେରୀ, ଜର୍ମାନ ଓ ଫରାସୀ ଭାଷାରେ ଦକ୍ଷ ଥିଲେ ପୁଲିଜର । ଆମେରିକା ଗୃହଯୁଦ୍ଧ ଶେଷ ପର୍ଯ୍ୟାୟରେ ଜଣେ ସୈନ୍ୟ ଭାବେ ଲଢିଥିଲେ ପୁଲିଜର । ଗୃହ ଯୁଦ୍ଧ ଶେଷ ହେବା ପରେ ସେ ଆମେରିକା ମିଶୋରୀର ସେଣ୍ଟ୍ ଲୁଇସ ସହରରେ ବସବାସ କଲେ । କର୍ମସଂସ୍ଥାନ ଅନ୍ୱେଷଣରେ ଥିବା ବେଳେ ସେଠାରୁ ପ୍ରକାଶ ପାଉଥିବା ଏକ ଜର୍ମାନ ଖବରକାଗଜରେ ତାଙ୍କୁ ରିପୋର୍ଟର ଭାବେ ନିଯୁକ୍ତି ମିଳିଲା । ୧୮୭୮ ମସିହାରେ ପୁଲିଜର 'ସେଣ୍ଟ୍ ଲୁଇସ ଡିସପାଚ୍' ନାମକ ଖବରକାଗଜର ମାଲିକାନା ହାସଲ କରିଥିଲେ । ଖବରକାଗଜ ମାଲିକ ତଥା ସାମ୍ବାଦିକ ଭାବେ ଅପାର ସଫଳତା ହାସଲ କଲା ପରେ ୧୮୮୩ ମସିହାରେ ନ୍ୟୁୟର୍କ ଚାଲିଯାଇଥିଲେ ପୁଲିଜର । ସେଠାରେ ନିଜ ଖବରକାଗଜ ବ୍ୟବସାୟର ସଂପ୍ରସାରଣ କଲେ । କ୍ଷତିରେ ଚାଲୁଥିବା 'ଦି ନ୍ୟୁୟର୍କ ୱାର୍ଲଡ' ଖବରକାଗଜକୁ କିଣି ଏହାକୁ ଏକ ଲୋକପ୍ରିୟ ଓ ସର୍ବାଧିକ ବିକ୍ରି ହେଉଥିବା ଖବରକାଗଜରେ ପରିଣତ କରିଥିଲେ ପୁଲିଜର ।

ସତ୍ୟ ଉଜାଗର କରୁଥିବା ଆକ୍ରମଣାତ୍ମକ ସାମ୍ବାଦିକତା, ଅନୁସନ୍ଧାନମୂଳକ ରିପୋର୍ଟିଂ ଓ ସବୁ ବୟସର ପାଠକଙ୍କ ରୁଚି ପ୍ରତି ଧ୍ୟାନ ଦେଇଥିବାରୁ ପୁଲିଜରଙ୍କ ମାଲିକାନାରେ ପରିଚାଳିତ ସବୁ ଖବରକାଗଜ ବେଶ୍ ସଫଳ ରହିଥିଲା । ସାମ୍ବାଦିକତା ସହ ଜଡିତ ଥିବା ବେଳେ ସେ ରିପବ୍ଲିକାନ ପାର୍ଟିରେ ଯୋଗ ଦେଇଥିଲେ । କିନ୍ତୁ ମତଭେଦ ଯୋଗୁଁ ପରେ ରିପବ୍ଲିକାନ ପାର୍ଟି ସହ ସଂପର୍କ ଛିନ୍ନ କରିଥିଲେ ।

୧୮୯୨ ମସିହାରେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ବିଶ୍ୱର ପ୍ରଥମ ସାମ୍ବାଦିକତା ସ୍କୁଲ୍ ଖୋଲିବାକୁ ପ୍ରସ୍ତାବ ଦେଇଥିଲେ ପୁଲିଜର । ବିଶ୍ୱବିଦ୍ୟାଳୟର ତତ୍କାଳୀନ ସଭାପତି ସେଥ୍ ଲୋ'ଙ୍କୁ ଆର୍ଥିକ ସହାୟତା ଯୋଗାଇବାକୁ ପ୍ରସ୍ତାବ ଦେଇଥିଲେ ପୁଲିଜର । ଆର୍ଥିକ ସହାୟତା ଗ୍ରହଣ ପାଇଁ ପ୍ରଥମେ ଅମଙ୍ଗ ହୋଇଥିଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ । ହେଲେ ୧୯୦୨ ମସିହାରେ କଲମ୍ବିଆ ବିଶ୍ୱବିଦ୍ୟାଳୟର ନୂଆ ସଭାପତି ନିକୋଲାସ ମୁରେ ବଟଲର୍ ସାମ୍ବାଦିକତା ସ୍କୁଲ୍ ପାଇଁ ପୁଲିଜରଙ୍କ ଆର୍ଥିକ ସହାୟତା ପ୍ରସ୍ତାବ ପ୍ରତି କୋହଳ ମନୋଭାବ ପୋଷଣ କରିଥିଲେ । ହେଲେ ୧୯୧୧ ମସିହାରେ ପୁଲିଜରଙ୍କ ମୃତ୍ୟୁ ପରେ ହିଁ ବିଶ୍ୱର ପ୍ରଥମ ସାମ୍ବାଦିକତା ସ୍କୁଲ୍ ପ୍ରତିଷ୍ଠା ସ୍ୱପ୍ନ ସାକାର ହୋଇ ପାରିଥିଲା । ୧୯୦୪ରେ ପ୍ରସ୍ତୁତ କରିଥିବା ନିଜର ଇଚ୍ଛାପତ୍ରରେ ଯୋଶେଫ ପୁଲିଜର କଲମ୍ବିଆ ବିଶ୍ୱବିଦ୍ୟାଳୟ ପାଇଁ ୨ ମିଲିୟନ ଆମେରିକୀୟ ଡଲାର ଅନୁଦାନ କଥା ଉଲ୍ଲେଖ କରିଥିଲେ ।

ଏହି ଅନୁଦାନରେ ସାମ୍ବାଦିକତା ସ୍କୁଲ ପ୍ରତିଷ୍ଠା ଓ ଉତ୍କର୍ଷ ସାମ୍ବାଦିକତା ପାଇଁ ପୁରସ୍କାର ପ୍ରଦାନ କରିବାକୁ କଲମ୍ବିଆ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ପୁଲିଜର । ସାମ୍ବାଦିକତା ସହ ସାହିତ୍ୟ, ଇତିହାସ ଓ ଶିକ୍ଷା କ୍ଷେତ୍ରରେ ମଧ୍ୟ ପୁରସ୍କାର ପ୍ରଦାନ ପାଇଁ ଇଚ୍ଛା ପ୍ରକାଶ କରିଥିଲେ ଯୋଶେଫ ପୁଲିଜର । ୧୯୧୧ରେ ପୁଲିଜରଙ୍କ ମୃତ୍ୟୁ ହୋଇଥିଲା । ତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ୧୯୧୨ରେ ପ୍ରତିଷ୍ଠା ହୋଇଥିଲା କଲମ୍ବିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠା ହୋଇଥିଲା 'କଲମ୍ବିଆ ସ୍କୁଲ୍ ଅଫ ଜର୍ଣ୍ଣାଲିଜିମ୍' । ୧୯୧୭ରେ କଲମ୍ବିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାମ୍ବାଦିକତା କ୍ଷେତ୍ରରେ ପ୍ରଦାନ କରାଯାଇଥିଲା ପ୍ରଥମ ପୁଲିଜର ପୁରସ୍କାର । ପରବର୍ତ୍ତୀ ସମୟରେ ଅନ୍ୟ ଶ୍ରେଣୀରେ ମଧ୍ୟ ପୁଲିଜର ପୁରସ୍କାର ଦେବା ପାଇଁ ନିଷ୍ପତ୍ତି ହୋଇଥିଲା । ବର୍ତ୍ତମାନ ୨୩ଟି ବିଭାଗରେ ପୁଲିଜର ପୁରସ୍କାର ଦିଆଯାଉଛି । ଏଥିମଧ୍ୟରୁ ବିଭିନ୍ନ ପ୍ରକାର ସାମ୍ବାଦିକତା ପାଇଁ ସର୍ବାଧିକ ୧୫ଟି ପୁଲିଜର ପୁରସ୍କାର ଦିଆଯାଉଛି । ଆଉ ୭ଟି ପୁରସ୍କାର ସାହିତ୍ୟ ଓ ସଂଗୀତ ପାଇଁ ବି ଦିଆଯାଉଛି । ସାମ୍ବାଦିକତା ପାଇଁ ଦିଆଯାଉଥିବା ପୁଲିଜର ପୁରସ୍କାର ମଧ୍ୟରେ 'ଜନସେବା ପୁରସ୍କାର' ସର୍ବଶ୍ରେଷ୍ଠ । ଏହି ପୁରସ୍କାର କୌଣସି ବ୍ୟକ୍ତିବିଶେଷଙ୍କୁ ନୁହେଁ, ବରଂ ଏକ ଗଣମାଧ୍ୟମ ସଂସ୍ଥାକୁ ଦିଆଯାଏ । ଉଦାହରଣ ସ୍ୱରୂପ ଏଥର ଏହି ପୁରସ୍କାର ୱାଂଶିଟନ ପୋଷ୍ଟକୁ ମିଳିଛି । ଜାତୀୟ, ସ୍ଥାନୀୟ, ଆନ୍ତର୍ଜାତିକ ଓ ଅନୁସନ୍ଧାନମୂଳକ ରିପୋର୍ଟିଂ ଓ ବ୍ରେକିଂ ନ୍ୟୁଜ, ବ୍ୟାଖ୍ୟାତ୍ମକ ରିପୋର୍ଟିଂ, ପ୍ରବନ୍ଧ, ଫିଚର ଫଟୋଗ୍ରାଫି ଆଦି ଶ୍ରେଣୀରେ ମଧ୍ୟ ପ୍ରଦାନ କରାଯାଏ ପୁଲିଜର ପୁରସ୍କାର । ପୁଲିଜର ପୁରସ୍କାରକୁ 'ସାମ୍ବାଦିକତାର ନୋବେଲ' ମଧ୍ୟ କୁହାଯାଏ । ଏକାଧିକ ଭାରତୀୟ ବଂଶୋଦ୍ଭବ ଓ ଭାରତୀୟ ନାଗରିକଙ୍କୁ ମଧ୍ୟ ମିଳିଛି ପୁଲିଜର ପୁରସ୍କାର ।

**୧୯୧୭ରେ କଲମ୍ବିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାମ୍ବାଦିକତା କ୍ଷେତ୍ରରେ ପ୍ରଦାନ କରାଯାଇଥିଲା ପ୍ରଥମ ପୁଲିଜର ପୁରସ୍କାର । ପରବର୍ତ୍ତୀ ସମୟରେ ଅନ୍ୟ ଶ୍ରେଣୀରେ ମଧ୍ୟ ପୁଲିଜର ପୁରସ୍କାର ଦେବା ପାଇଁ ନିଷ୍ପତ୍ତି ହୋଇଥିଲା । ବର୍ତ୍ତମାନ ୨୩ଟି ବିଭାଗରେ ପୁଲିଜର ପୁରସ୍କାର ଦିଆଯାଉଛି ।**

ପ୍ରଥମ ଭାରତୀୟ ଭାବେ ପୁଲିଜର ପୁରସ୍କାର ପାଇଥିଲେ ସାମ୍ବାଦିକ ଗୋବିନ୍ଦ ବିହାରୀ ଲାଲ୍ । ୧୯୩୭ ମସିହାରେ ରିପୋର୍ଟିଂ ବିଭାଗରେ ତାଙ୍କୁ ମିଳିଥିଲା ଏହି ପୁରସ୍କାର । ୨୦୦୩ରେ ଲେଖିକା ଝୁମ୍ପା ଲାହିରୀଙ୍କୁ କଥା ସାହିତ୍ୟ ଶ୍ରେଣୀରେ ମିଳିଥିଲା ପୁଲିଜର ପୁରସ୍କାର । ୨୦୦୩ରେ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟର ଗୀତା ଆନନ୍ଦଙ୍କୁ ବ୍ୟାଖ୍ୟାତ୍ମକ ରିପୋର୍ଟିଂ ପାଇଁ ମିଳିଥିଲା ପୁଲିଜର ପୁରସ୍କାର । ୨୦୧୧ରେ ଲେଖକ ସିଦ୍ଧାର୍ଥ ଆନନ୍ଦ କ୍ୟାନସର ଉପରେ ଲେଖିଥିବା ପ୍ରବନ୍ଧ ପାଇଁ ପୁଲିଜର ପୁରସ୍କାର ପାଇଥିଲେ । ରଏଟର୍ସ ସମ୍ବାଦ ସରବରାହ ସଂସ୍ଥାରେ କାର୍ଯ୍ୟରତ ଫଟୋଗ୍ରାଫର ଦାନିସ ସିଦ୍ଦିକୀ, ଅଦନାନ ଆବିଦୀ ୨୦୨୨ରେ ଏବଂ ସାନ୍ନା ଇର୍ସାଦ ମାଟ୍ଟୁ ଓ ଅମିତ ଡଭେଙ୍କୁ ଫିଚର ଫଟୋଗ୍ରାଫି ଶ୍ରେଣୀରେ ପୁଲିଜର ପୁରସ୍କାର ଦିଆଯାଇଥିଲା ।

**ଉମା ନଗର, ଚତୁର୍ଥ ଲେନ୍ , ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮ ମୋ-୮୮୪୭୮୪୨୪୨୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କୃଷକ...

ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ । କୃଷକମାନଙ୍କ ସମ୍ମାନରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କୃଷକ ହେଉଛି ଆମର ଅନ୍ନଦାତା ଏବଂ ଯଦି ଏହି ଧରାପୃଷ୍ଠରେ କେହି ଦ୍ୱିତୀୟ ଭଗବାନ ଥାଏ, ତେବେ ସେ ହେଉଛି ଜଣେ କୃଷକ । ପୂର୍ବ ଭାରତର ଉର୍ବର ଭୂମି, ପ୍ରଚୁର ଜଳସମ୍ପଦ ଏବଂ ଅନୁକୂଳ ଜଳବାୟୁ ଆଗାମୀ ଦିନରେ ଏହି ଅଞ୍ଚଳର ଚାଷୀଙ୍କ ବିକାଶ ପାଇଁ ନିଶ୍ଚିତ ରୂପେ ଏକ ଶକ୍ତିଶାଳୀ ଇନ୍ଧନ ସାଜିବ ବୋଲି ଶ୍ରୀ ଚୌହାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ବର୍ତ୍ତମାନର ବିଶ୍ୱସ୍ତରୀୟ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ପ୍ରାକୃତିକ ଚାଷ ବା 'ନେଚୁରାଲ୍ ଫାର୍ମିଂ' ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଛନ୍ତି । ସେ ସମ୍ମିଳନୀରେ ଉପସ୍ଥିତ ସମସ୍ତ ପ୍ରତିନିଧି ଓ ଚାଷୀଙ୍କୁ ଅନୁରୋଧ କରି କହିଛନ୍ତି ଯେ, ପ୍ରତ୍ୟେକ କୃଷକ ନିଜ ଚାଷ ଜମିର ଅତିକମରେ ପାଞ୍ଚ ଭାଗରୁ ଭାଗେ (୨୦ ପ୍ରତିଶତ) ଜମିରେ ନିଶ୍ଚିତ ଭାବେ ପ୍ରାକୃତିକ ଚାଷ କରିବା ଆବଶ୍ୟକ । ଏହାଦ୍ୱାରା ରାସାୟନିକ ସାରର ଆବଶ୍ୟକତା ଧୀରେ ଧୀରେ ହ୍ରାସ ପାଇବ ଏବଂ ମାଟିର ଉର୍ବରତା ବଜାୟ ରହିବ । ଏଥିସହ ନକଲି ସାର ଓ କୀଟନାଶକ କାରବାର କରୁଥିବା ଅସାଧୁ ବ୍ୟକ୍ତିଙ୍କ ବିରୋଧରେ କେନ୍ଦ୍ର ସରକାର ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିବେ ଏବଂ ଆଗାମୀ ଦିନରେ କୃଷକଙ୍କ ସୁରକ୍ଷା ପାଇଁ ଏକ ନୂଆ 'ପେଷ୍ଟିସାଇଡ୍ ଆକଟ' ଅଣାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ଅଭିଭାଷଣରେ ମାଟିର ସୁରକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇ କହିଛନ୍ତି, ଯେ ଆମକୁ ପ୍ରାକୃତିକ କୃଷିକୁ ଆପଣାଇବାକୁ ହେବ । ଅଧିକରୁ ଅଧିକ ରାସାୟନିକ ସାର ଏବଂ କୀଟନାଶକର ଉପଯୋଗ ଦ୍ୱାରା ଆମ ମାଟି ଧୀରେ ଧୀରେ ବିଷାକ୍ତ ହେବାରେ ଲାଗିଛି ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତିରେ ବର୍ତ୍ତମାନ ଓଡ଼ିଶାର ଜୈବିକ ଚାଉଳ ବ୍ୟବହାର କରାଯାଉଛି । ଏହା ଓଡ଼ିଶାବାସୀଙ୍କ ପାଇଁ ବଡ଼ ଗୌରବର ବିଷୟ ଏବଂ ଆଗାମୀ ଦିନରେ କେମିତି ପୂର୍ବ ପ୍ରାନ୍ତରେ ଅଧିକରୁ ଅଧିକ ଜୈବିକ ଚାଷ ହୋଇପାରିବ, ସେଥିପାଇଁ ବ୍ୟାପକ ଗବେଷଣା କରିବାକୁ ସେ କୃଷି ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏହାସହ ବିଲୁପ୍ତ ହୋଇଯାଉଥିବା ସ୍ଥାନୀୟ କିସମର ପାରମ୍ପରିକ ଖାଦ୍ୟ ଶସ୍ୟ ଗୁଡ଼ିକର ପୁନରୁଦ୍ଧାର ପାଇଁ ବ୍ଲକ ସ୍ତରରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ରୟାସ କରାଯାଉଥିବା ସଂପର୍କରେ ସେ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ଦୋହରାଇ ସେ ରାସାୟନିକ ସାରର ବ୍ୟବହାର କମାଇବାକୁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରିଛନ୍ତି ।

ଓଡ଼ିଶା ସରକାର ଚାଷୀଙ୍କୁ ଆର୍ଥିକ ମୁଖ୍ୟଧାରାକୁ ଆଣିବା ପାଇଁ ନେଇଥିବା ଐତିହାସିକ ପଦକ୍ଷେପ ବାବଦରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ସମୃଦ୍ଧ କୃଷକ ଯୋଜନା'ରେ ଚାଷୀଙ୍କୁ ବଡ଼ ଆଶ୍ୱାସନା ଦେଇ ପ୍ରତି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦରରେ ଧାନ କିଣାଯାଉଛି, ଯାହାଦ୍ୱାରା ଗତ ଖରିଫ୍ ଋତୁରେ ପ୍ରାୟ ୧୯ ଲକ୍ଷ ଚାଷୀ ସିଧାସଳଖ ଉପକୃତ ହୋଇଛନ୍ତି । ରାଜ୍ୟରେ କୃଷି ଭିତ୍ତିଭୂମି ଓ ବଜାର ସଂଯୋଗୀକରଣକୁ ମଜବୁତ କରିବା ପାଇଁ ସରକାର ବ୍ୟାପକ ପଦକ୍ଷେପ ନେଇଛନ୍ତି । ରାଜ୍ୟର ସମସ୍ତ ୫୮ ଟି ସବ୍-ଡିଭିଜନରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଆର୍ଥିକ ସହାୟତା ଯୋଜନା ଆରମ୍ଭ କରାଯାଇଛି ଏବଂ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ କୃଷି କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି । ଓଡ଼ିଶାରେ ୧୮୦୦ରୁ ଅଧିକ କୃଷକ ଉତ୍ପାଦକ ସଂଗଠନ ସଫଳତାର ସହ କାର୍ଯ୍ୟ କରି ଗତ ଦୁଇ ବର୍ଷରେ ୧୨୬ କୋଟି ଟଙ୍କାର କାରବାର କରିଛନ୍ତି ।

ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ପୂର୍ବ ଭାରତରେ କୃଷି ଉତ୍ପାଦକତା କମ୍ ଥିବାରୁ ଏହି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ସୁଯୋଗ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଭୁବନେଶ୍ୱର କୃଷି ସମ୍ମିଳନୀରୁ ବାହାରିବାକୁ ଥିବା ନିଷ୍କର୍ଷ ପୂର୍ବ ଭାରତର ସମସ୍ତ ରାଜ୍ୟକୁ କୃଷି କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ କରିବ ଏବଂ ଏହି ରୋଡମ୍ୟାପ୍ ପ୍ରଧାନମନ୍ତ୍ରୀଙ୍କ "ପୂର୍ବୋଦୟ' ମିଶନକୁ ସଫଳ କରିବାରେ ଏକ ଐତିହାସିକ ମାଇଲଖୁଣ୍ଟ ସାଜିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପ୍ରକଟ କରିଛନ୍ତି ।

ଏହି ସମ୍ମିଳନୀରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବିହାରର କୃଷିମନ୍ତ୍ରୀ ବିଜୟ କୁମାର ସିହ୍ନା ଏବଂ ଛତିଶଗଡ଼ର କୃଷିମନ୍ତ୍ରୀ ରାମ ବିଚାର ନେତାମ ପ୍ରମୁଖ ଉପସ୍ଥିତ ଥିଲେ । ଏମାନଙ୍କ ସହିତ କେନ୍ଦ୍ରୀୟ କୃଷି ରାଷ୍ଟ୍ରମନ୍ତ୍ରୀ ରାମ ନାଥ ଠାକୁର, କେନ୍ଦ୍ରୀୟ କୃଷି ରାଷ୍ଟ୍ରମନ୍ତ୍ରୀ ଭାଗୀରଥ ଚୌଧୁରୀ, ପଶ୍ଚିମବଙ୍ଗର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅଶୋକ କୀର୍ତ୍ତନିଆ , କେନ୍ଦ୍ରୀୟ କୃଷି ଓ କୃଷକ କଲ୍ୟାଣ ବିଭାଗର ସଚିବ ଅତିଶ ଚନ୍ଦ୍ର ଏବଂ କେନ୍ଦ୍ରୀୟ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ଡ. ମଙ୍ଗିଲାଲ୍ ଜାଟ୍ ମଧ୍ୟ ମଞ୍ଚାସୀନ ଥିଲେ ।

## ଗଞ୍ଜେଇ...

ଡକାୟତି ଆଦି ବହୁ ସଙ୍ଗୀନ ମାମଲା ରହିଛି । ବିଶେଷ କରି ସମ୍ବଲପୁର ଜିଲ୍ଲାରେ ୧୭ଟି ମାମଲାରେ ଜଡିତ ଥିବା ପୋଲିସ ପକ୍ଷରୁ ଜଣାପଡିଛି । ସୂଚନାଯୋଗ୍ୟ, ବଣ୍ଟି ସୁନା ଚାରମାଳ ଥାନା ଅନ୍ତର୍ଗତ ଜଙ୍ଗଲ ରାସ୍ତା ଦେଇ ସୋନପୁରରୁ ସମ୍ବଲପୁର ଅଭିମୁଖେ ଗଞ୍ଜେଇ ଚୋରାଚାଲାଣ କରୁଥିବା ପୋଲିସ ଜାଣିବାକୁ ପାଇଥିଲା । ଖବର ମୁତାବକ ପୋଲିସ ମୋଚିବାହାଲ ଜଙ୍ଗଲ ରାସ୍ତା ନିକଟରେ ଯାନବାହାନ ଯାଞ୍ଚ କରିଥିଲା । ଅପରାହ୍ନ ପ୍ରାୟ ୫ଟା୪୦ ଏକ ସନ୍ଦିଗ୍ଧ ଗାଡ଼ିକୁ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲା । ତେବେ ଗାଡିଟି ଦ୍ରୁତ ଗତିରେ ପଳାଇବାକୁ ଚେଷ୍ଟା କରୁଥିବା ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା । ଏଭଳିସ୍ଥଳେ ଅଭିଯୁକ୍ତ ବଣ୍ଟି ଗାଡ଼ିରୁ ବାହାରି ନିଜ ପିସ୍ତଲରୁ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି । ପୋଲିସ ଆତ୍ମସମର୍ପଣ କରିବାକୁ ବାରମ୍ବାର ଚେତାବନୀ ଦେବା ସତ୍ତ୍ୱେ ସେ ପୋଲିସ କର୍ମଚାରୀଙ୍କ ଉପରକୁ ଗୁଳି ଚଳାଇବାରୁ ଜବାବରେ ପୋଲିସ ପାଲଟା ଗୁଳି ଚାଳନା କରିଥିଲା । ଏଥିରେ ବାମ ଗୋଡରେ ଗୁଳି ବାଜି ଆହତ ହୋଇଥିବା ଜଣାପଡିଛି । ଗିରଫ ଅଭିଯୁକ୍ତ ଜଣକ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ନେଟଓ୍ୱାର୍କରେ ସକ୍ରିୟ ଥିଲେ । ବୌଦ୍ଧ-ସୋନପୁର ରାସ୍ତା ଦେଇ ବିଭିନ୍ନ ସମୟରେ ଗଞ୍ଜେଇ ଚୋରାଚାଲାଣ କରୁଥିଲେ । ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ଅଇଁଠାପାଲି ଥାନା ପୋଲିସ ଗତ ୧୫ତାରିଖରେ ୫ଜଣଙ୍କୁ ଗିରଫ କରିଥିଲା । ବଣ୍ଟି ଏହି ଚୋରା ଚାଲାଣକାରୀଙ୍କ ସହ ଜଡିତ ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା । ମୁଖ୍ୟ ରାସ୍ତା ଓ ପୋଲିସ ଯାଞ୍ଚକୁ ଏଡାଇବା ପାଇଁ ସେ ଗୁପ୍ତ ଜଙ୍ଗଲ ଏବଂ ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳ ରାସ୍ତା ବ୍ୟବହାର କରୁଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି । ଏହାପୂର୍ବରୁ ଗତ ୧୭ ତାରିଖରେ ବୁର୍ଲା ଥାନା ପୋଲିସ ଗୁଳିରେ ବରେଇପାଲି ଥାନା ଗୋପାଳପାଲି ଗ୍ରାମର କୁଖ୍ୟାତ ଅପରାଧୀ ମନୀଷ ସାହୁ ଆହତ ହୋଇଥିଲା । ତେବେ ୩ଦିନ ମଧ୍ୟରେ ୨ଜଣ ଅପରାଧି ପୋଲିସ ଗୁଳିର ଶିକାର ହୋଇଥିବା ବେଳେ ଏହା ବିପର୍ଯ୍ୟୟ ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାରିବାରେ ବେଶ ସହାୟକ ହେବ ବୋଲି ଆଶା କରାଯାଉଛି ।

## ସୌମ୍ୟ ହତ୍ୟା...

ଚଳିତ ମାସ ୭ ତାରିଖ ଦିନ ମୃତ ସୌମ୍ୟ ଓ ଓମ୍‌ପ୍ରକାଶ ମହାନ୍ତି ବାଇକ୍‌ରେ ବାଲିଅନ୍ତା ଥାନା ଅଞ୍ଚଳରେ ଯାଉଥିବା ବେଳେ ଦୁଇଜଣ ଯୁବତୀଙ୍କ ସ୍କୁଟର ସହ ଧକ୍କା ହୋଇଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ସୌମ୍ୟଙ୍କୁ ପିଟି ପିଟି ହତ୍ୟା କରିଥିଲେ । ଅଭିଯୁକ୍ତମାନେ ସଂଘବଦ୍ଧ ଆକ୍ରମଣ କରୁଥିବା ବେଳେ ପୋଲିସ ପହଞ୍ଚିଥିଲେ ମଧ୍ୟ ସେମାନଙ୍କୁ ମୁକାବିଲା କରିବାରେ ବିଫଳ ହୋଇଥିଲା । ପୋଲିସର ଅପାରଗତା ପାଇଁ ସୌମ୍ୟ ହତ୍ୟାର ଶିକାର ହୋଇଥିଲେ । ତାଙ୍କ ସହ ବାଇକ୍ ଚଲାଉଥିବା ଓମ୍‌ପ୍ରକାଶ ମହାନ୍ତିଙ୍କ ଭୂମିକାକୁ ନେଇ ସୌମ୍ୟଙ୍କ ମା' ସନ୍ଦେହ ପ୍ରକଟ କରିଛନ୍ତି । ପୋଲିସ ୧୧ଜଣଙ୍କୁ ଗିରଫ କରିଥିବା ବେଳେ କ୍ରାଇମ୍‌ବ୍ରାଞ୍ଚ ୨ଜଣଙ୍କୁ ଗିରଫ କରିଥିଲା । ତଦନ୍ତ ଦ୍ରୁତ ତ୍ୱରାନ୍ୱିତ ହେବା ସହ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ କ୍ରାଇମ୍‌ବ୍ରାଞ୍ଚର ଟିମ୍ ଚଢାଉ କରୁଛି ।

ନୟାଗଡ ଜିଲ୍ଲା ରଣପୁର ଜଙ୍ଗଲରେ ପଞ୍ଚାନନ ବଡଜେନା ଓରଫ କାଳିଆ ଏବଂ ରଣଜିତ ରଣା ଲୁଚିଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ଖବର ପାଇବା ପରେ ସେଠାରେ ଅଚାନକ ଚଢାଉ କରିଥିଲା । ଦୁଇଜଣ ଖସିଯିବା ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତାଙ୍କୁ କାବୁ କରିନେଇଥିଲା । ଗିରଫ କାଳିଆ ଓ ରଣଜିତ ସୌମ୍ୟଙ୍କୁ ମାଡ ମାରିବା ସହ ଅନ୍ୟମାନଙ୍କୁ ମାଡ ମାରିବାକୁ ଉସୁକାଇଥିବା ତଦନ୍ତକାରୀ ଟିମ୍ କହିଛି । ସୌମ୍ୟ ହତ୍ୟାକାଣ୍ଡ ମାମଲାରେ ୧୧ଜଣଙ୍କୁ ବାଲିଅନ୍ତା ଥାନା ପୋଲିସ ଗିରଫ କରିଥିବା ବେଳେ ୪ଜଣଙ୍କୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କଲାଣି । ସମୁଦାୟ ୧୫ଜଣ ଗିରଫ ହେଲେଣି । ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଚଢାଉ ଜାରି ରହିଥିବା ସୂଚନା ମିଳିଛି ।

## ହିଂସ୍ର...

ଜୀବନର ସୁରକ୍ଷା ପ୍ରତି ବିପଦ । ଏହି ବୁଲା କୁକୁରମାନେ ଲୋକ ଏବଂ ଛୋଟ ପିଲାଙ୍କୁ ମଧ୍ୟ କାମୁଡୁଛନ୍ତି । ଏହା ଏକ ସତର୍କ ସୂଚନା । ବିଭିନ୍ନ ସ୍ଥାନରେ କୁକୁର କାମୁଡ଼ା ରିପୋର୍ଟକୁ ଅନୁଧ୍ୟାନ କରାଯାଇଛି । ବିଶେଷକରି ଛୋଟ ପିଲା ଓ ବୟସ୍କ ଲୋକମାନେ ଏହାର ଶିକାର ହେଉଛନ୍ତି । ପୂର୍ବରୁ ସୁପ୍ରିମ୍‌କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ସଂଶୋଧନ କରିବାକୁ ରାଜି ହୋଇନାହାନ୍ତି । ନୂଆ ନିର୍ଦ୍ଦେଶ ଅନୁଯାୟୀ ହସ୍ପିଟାଲ, ବସ୍‌ଷ୍ଟାଣ୍ଡ, ସ୍କୁଲ, ରେଳ ଷ୍ଟେସନ, ବିମାନବନ୍ଦର ଭଳି ସାର୍ବଜନିନ ସ୍ଥାନରୁ କର୍ତ୍ତୃପକ୍ଷ ତୁରନ୍ତ ବୁଲା କୁକୁରଙ୍କୁ ଉଠାଇନେବେ । ବନ୍ଧ୍ୟାକରଣ କରାଯିବା ପରେ ମଧ୍ୟ କୁକୁରମାନଙ୍କୁ ସାର୍ବଜନୀନ ସ୍ଥାନକୁ ଫେରାଇ ଅଣାଯିବନାହିଁ । ରାସ୍ତାରୁ ଉଠାଯାଉଥିବା କୁକୁରଙ୍କୁ ନିର୍ଦ୍ଦିଷ୍ଟ ପଶୁ ଆଶ୍ରୟସ୍ଥଳରେ ରଖିବାକୁ ପଡ଼ିବ । ଯଦି ଏଥିରେ କୌଣସି ଅଧିକାରୀ ତ୍ରୁଟି କରନ୍ତି ତେବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତେବେ ଅଧିକାଂଶ ଏନ୍‌ଜିଓ ଓ କୁକୁର ପ୍ରେମୀମାନେ ସୁପ୍ରିମ୍‌କୋର୍ଟର ଏହି ନିର୍ଦ୍ଦେଶର ପରିବର୍ତ୍ତନ ପାଇଁ ଦାବି କରିଛନ୍ତି ।

## ଆକାଶୁ...

ନୂଆପଡ଼ାରେ ୪୦° ତାପମାତ୍ରା ରେକର୍ଡ଼ କରାଯାଇଛି ।

୨୦ରେ ରାଜ୍ୟର କେତେକ ଅଞ୍ଚଳରେ କାଳବୈଶାଖୀ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ ଆଦି ଜିଲ୍ଲାକୁ କାଳବୈଶାଖୀ ବର୍ଷା ନିମନ୍ତେ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ଏହିସବୁ ଜିଲ୍ଲାଗୁଡ଼ିକରେ ଝଡ଼ତୋଫାନ ବର୍ଷା ସହ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିମି ରହିପାରେ । ସେହିପରି ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ସୋନପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ କାଳବୈଶାଖୀ ବର୍ଷା ସହ ପବନ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିପାରେ । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ସହିତ କେତେକ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ମଧ୍ୟ ପ୍ରବାହିତ ହୋଇପାରେ । ମଙ୍ଗଳବାର କୋରାପୁଟରେ ୧୫ ମିଲିମିଟର ବର୍ଷା ହୋଇଥିବାବେଳେ ବାରିପଦାରେ ୬.୮ ମିମି ବର୍ଷା ରେକର୍ଡ଼ କରାଯାଇଛି ।

## ଆଇନ୍‌ଶୃଙ୍ଖଳା...

ଆତଙ୍କିତ ଓ ବିଚଳିତ କରିଛି । ଏହା ଲାଗୁଛି ଯେ ସରକାର ଓଡ଼ିଶାକୁ ଅପରାଧୀଙ୍କ ହାତକୁ ଟେକି ଦେଇଛନ୍ତି । ଅପରାଧୀମାନେ ଭୟଶୂନ୍ୟ ହୋଇ ଏଭଳି କାଣ୍ଡ ଘଟାଉଛନ୍ତି । ପୋଲିସ ପ୍ରଶାସନ ଓ ଆଇନ୍ କାନୁନ୍ ବ୍ୟବସ୍ଥା କୁଆଡେ ଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି । ସରକାର ଉତ୍ସବରେ ମାତି ସାଧାରଣ ଜନତାଙ୍କ ସୁରକ୍ଷାକୁ ଆଉକେତେ ବିପନ୍ନ କରିବେ ବୋଲି ପ୍ରଶ୍ନ କରିବା ସହ ତୁରନ୍ତ ଦୋଷୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନେଇ ସାଧାରଣ ଲୋକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ କହିଛନ୍ତି ।

## ପୁନଃ...

ଟିଏମସି ପକ୍ଷରୁ କୌଣସି ରାଲି ବା ସଭା କରାଯାଇନାହିଁ । ତେବେ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, ଟିଏମସିକୁ ପୋଲିଂ ଏଜେଣ୍ଟ ନମିଳିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ର ମନ୍ତ୍ରୀ ସୁକାନ୍ତ ମଜୁମଦାର ଜାହାଙ୍ଗିରଙ୍କର ପୁଷ୍ପା ମନ୍ତବ୍ୟକୁ ଉଲ୍ଲେଖ କରି ତାଙ୍କୁ କଟାକ୍ଷ କରିଛନ୍ତି । ସେ କହିଛନ୍ତି ପୁଷ୍ପା ଏବେ ଫୁସୁରି ଯାଇଛି । ଏପ୍ରିଲ ୨୯ ତାରିଖରେ ଫାଲଟାରେ ନିର୍ବାଚନରେ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା ।

## ୩୩ ପ୍ଲଟ୍...

୧୯୬୫, ୨୦୦୯ ଏବଂ ୨୦୧୦, ଖାତା ନଂ ୧୧୭ ସହିତ ଏକ ଜମି । କଳାହାଣ୍ଡି ଜିଲ୍ଲା ଦ୍ୱାରସୁନିରେ ପ୍ଲଟ ନଂ ୬୬ ଏବଂ ୨୦୩, ଖାତା ନଂ ୯୫ ସହିତ ଏକ ଜମି । କଳାହାଣ୍ଡି ଜିଲ୍ଲା ଦ୍ୱାରଶୁଣିରେ ପ୍ଲଟ ନଂ.୬୮/୪୩୧, ଖାତା ନଂ.୧୩୪/୬୮ ସହିତ ଏକ ଜମି । କଳାହାଣ୍ଡି ଜିଲ୍ଲା କିଟପଦରରେ ପ୍ଲଟ ନଂ.୧୮୫, ୧୮୬ ଏବଂ ୨୦୧, ଖାତା ନଂ.୫୬ ସହିତ ଏକ ଜମି ଖଣ୍ଡ । କଳାହାଣ୍ଡି ଜିଲ୍ଲା କିଟପଦର ଠାରେ ପ୍ଲଟ ନଂ ୧୭୦, ୧୭୮ ଏବଂ ୧୭୯, ଖାତା ନଂ ୦୮ ସହିତ ଏକ ଜମି ଖଣ୍ଡ । କଳାହାଣ୍ଡି ଜିଲ୍ଲା କିଟପଦର ଠାରେ ପ୍ଲଟ ନଂ ୧୭୪, ୧୭୫ ଏବଂ ୧୭୬, ଖାତା ନଂ ୦୪ ସହିତ ଏକ ଜମି ଖଣ୍ଡ । କଳାହାଣ୍ଡି ଜିଲ୍ଲା କିଟପଦର ଠାରେ ପ୍ଲଟ ନଂ ୧୭୧, ୧୭୨ ଏବଂ ୧୭୩, ଖାତା ନଂ ୪୦ ସହିତ ଏକ ଜମି ଖଣ୍ଡ । କଳାହାଣ୍ଡି ଜିଲ୍ଲା କିଟପଦର ଠାରେ ପ୍ଲଟ ନଂ ୧୭୭, ଖାତା ନଂ ୬୪ ସହିତ ଏକ ଜମି ଖଣ୍ଡ । ଦ୍ୱାରସୁଣୀ, ଜିଲ୍ଲା-କଳାହାଣ୍ଡିରେ ପ୍ଲଟ ନଂ.୬୬, ଖାତା ନଂ.୯୫ ସହିତ ଏକ ଜମି ଖଣ୍ଡ ଯାହାର କ୍ଷେତ୍ରଫଳ ୧.୮୦ ଡିସିଏମ୍‌ଏଲ୍ । କଳାହାଣ୍ଡି ଦ୍ୱାରସୁଣୀରେ ପ୍ଲଟ ନଂ.୯୬, ୯୭, ୯୮, ୯୯ ଏବଂ ୧୦୦, ୮୭/୧୧୫୭, ୧୦୧/୧୩୮୦, ଖାତା ନଂ.୨୦୧/୨୩୨ ସହିତ ଏକ ଜମି ଖଣ୍ଡ ଯାହାର କ୍ଷେତ୍ରଫଳ ୨୦.୯ ଡିସିଏମ୍‌ଏଲ । କଳାହାଣ୍ଡି ଜିଲ୍ଲା ଦ୍ୱାରସୁଣୀରେ ପ୍ଲଟ ନଂ.୪୦୫, ଖାତା ନଂ.୨୦ ସହିତ ଏକ ଜମି ଖଣ୍ଡ ଯାହାର କ୍ଷେତ୍ରଫଳ ୦.୦୮ ଡିସିମିଲ୍ । ଏହି ସମସ୍ତ ଚିହ୍ନଟ ପ୍ଲଟ କୋଠା/ଫାର୍ମ ଘର/ମାର୍କେଟ୍ କମ୍ପ୍ଲେକ୍ସ/ପ୍ଲଟର ମାପ ଏବଂ ମୂଲ୍ୟାଙ୍କନ/ମୂଲ୍ୟାୟନ ଭିଜିଲାନ୍ସ ଟେକ୍ନିକାଲ୍ ଓ୍ୱିଙ୍ଗ ଦ୍ୱାରା କରାଯାଉଛ । ବ୍ୟାଙ୍କ, ଡାକ ଜମା ଏବଂ ଆର୍ଥିକ ଓ ଅନ୍ୟାନ୍ୟ ନିବେଶ ନିର୍ଣ୍ଣୟ କରାଯାଉଛି । ଗୋଟିଏ ଚାରି ଚକିଆ ଯାନ (ହୁଣ୍ଡାଇ କ୍ରେଟା) ମଧ୍ୟ ଇଞ୍ଜିନିୟରଙ୍କ ଠାବ କରିଛି ଭିଜିଲାନ୍ସ । ଚଢ଼ାଉ ଚାଲିଥିବାରୁ ସବିଶେଷ ଆକଳନର ମୂଲ୍ୟାଙ୍କନ ହୋଇପାରିନଥିବା ଜଣାପଡ଼ିଛି ।

# ଜଳିଗଲା ତିନି ପରିବାରର ୭ ବଖରା

ବାଲେଶ୍ୱର, (ସବ୍ୟୁ): ସିମୁଳିଆ ଥାନା ଅନ୍ତର୍ଗତ ଅବଝୁଣା ପଂଚାୟତ କଳସପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୭ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି । ଗ୍ରାମରେ ମା ଦାଣ୍ଡ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଚାଲିଥିଲା । ହଠାତ ବିଦ୍ୟୁତ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ରଘୁନାଥ ମହାକୁଡ଼, ରମେଶ ମହାକୁଡ଼ ଓ ଭାଗିରଥି ଲେଙ୍କାଙ୍କ ୭ବଖରା ଘର ଜଳିଯାଇଥିଲା । ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି । ବିଶେଷ କରି ରମେଶ ମହାକୁଡ଼ ନିଜ ଝିଅ ବାହାଘର ନିମନ୍ତେ ରଖିଥିବା ବିବାହ ସାମଗ୍ରୀ,ସୁନା ଗହଣା ଓ ନଗଦ ଏକ ଲକ୍ଷ ଟଙ୍କା ପୋଡି ପାଉଁଶ ହୋଇଯାଇଥିବା ଜଣାଯାଇଛି । ଭଦ୍ରକ ଓ ଅଡା ଅଗ୍ନିଶମ କର୍ମଚାରୀ ପହଁଚି ନିଆଁକୁ ଆୟତ୍ତ କରିଥିଲେ ।

# ପ୍ରସ୍ତାବିତ ଧାମନଗର ବାଇପାସ୍ ରାସ୍ତା ନିର୍ମାଣ ଦାବି

ଧାମନଗର (ସବ୍ୟୁ): ଧାମନଗର ସହରର ଟ୍ରାଫିକ ସମସ୍ୟା ଦିନକୁଦିନ ଉତ୍କଟ ହେଉଛି । ଏନଏସି କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଆଦୌ ନଜର ଦେଉନାହାଁନ୍ତି । ଧାମନଗର ବଡବଜାର ଓ ସାନବଜାର ମଧ୍ୟ ଦେଇ ଯାଇଥିବା ଧାମନଗର-ଷ,,ପୁର ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ନିର୍ମାଣ ସାଙ୍ଗକୁ ଉଠା ଦୋକାନୀମାନେ ଭିଡ ଜମେଇବା ଯୋଗୁଁ ଉତ୍କଟ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ରାସ୍ତା ପାର୍ଶ୍ୱ ଅବରୋଧ ହେତୁ ସାଧାରଣ ଲୋକଙ୍କ ଚଳପ୍ରଚଳରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି । ଏଥିସହ ବୈତରଣୀ ନଦୀରୁ ଧାମନଗର ସହର ମଧ୍ୟ ଦେଇ ବେଧଡ଼କ ବାଲି ଚାଲାଣ ଓ ଏଥିରେ ନିୟୋଜିତ ବଡବଡ ହାଇଓ୍ୱା, ଟ୍ରକ, ଟ୍ରାକଫର ଆଦି ଚଳାଚଳ ପରିସ୍ଥିତିକୁ ଅଣାୟତ କରୁଛି । ଧାମନଗର ସହର ମଧ୍ୟରେ ଥିବା ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଗୁଡିକୁ ଦୈନିକ ପ୍ରାୟ ତିନି ହଜାରରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଯାତାୟତ କରିଥାନ୍ତି । ସକାଳ ୯ଟା ରୁ ୧୦ଟା ଓ ଅପରାହ୍ନ ୪ଟା ସମୟରେ ମୁଖ୍ୟରାସ୍ତାରେ ଛାତ୍ର ଛାତ୍ରୀମାନଙ୍କ ଭିଡ ଅସମ୍ଭାଳ ହେଉଛି । ଧାମନଗର ସାପ୍ତାହିକ ହାଟ ସପ୍ତାହରେ ଦୁଇ ଦିନ ରବିବାର ଓ ବୁଧବାର ଦିନ ଲାଗୁଥିବାରୁ ସେହିଦିନ ଧାମନଗର ବଜାର ଅତ୍ୟଧିକ ଭିଡ ହେଉଛି । ଜବରଦଖଲକାରୀଙ୍କ ଉପରେ ପ୍ରଶାସନ କୌଣସି ପଦୟକ୍ଷେପ ନେଉନଥିବାରୁ ଲୋକେ ଅଧିକରୁ ଅଧିକ ସରକାରୀ ଜମି ଜବରଦଖଲ କରୁଛନ୍ତି । ଏଥିଯୋଗୁଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ସ୍ଥାନୀୟ ପୋଲିସ,ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଏପରି ସ୍ଥଳେ ପ୍ରସ୍ତାବିତ ଧାମନଗର ବାଇପାସ ରାସ୍ତାର ଆବଶ୍ୟକତା ଜରୁରୀ ହୋଇ ପଡିଛି । ବିଗତ ବର୍ଷ ମାନଙ୍କରେ ଧାମନଗରର ପ୍ରସ୍ତାବିତ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ଖସଡା ପ୍ରସ୍ତୁତ ହୋଇ ତାହା ଶୀତଳଭଣ୍ଡାରକୁ ଯାଇ ସାରିଛି । ଏଣୁ ବର୍ଦ୍ଧିତ ଲୋକ ସଂଖ୍ୟା ଓ ଜନସାଧାରଣଙ୍କ ଗମନାଗମନର ସୁବିଧାକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ଧାମନଗର ବାଇପାସ ରାସ୍ତାର ନିର୍ମାଣ ପ୍ରତି ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଧାମନଗର ସହରାଂଚଳର ବାସିନ୍ଦା ଦାବି କରିଛନ୍ତି ।

# ହାତୀ ଆକ୍ରମଣରେ ଜଣେ ମୃତ

କେନ୍ଦୁଝର,(ଜିପ୍ର) : କେନ୍ଦୁଝର ଜିଲା ସଦର ରେଞ୍ଜ ଅନ୍ତର୍ଗତ ହରିଚନ୍ଦନପୁର ବ୍ଲକ ବକ୍ସିବାରିଗାଁ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଓସ୍ତପଙ୍ଗା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିର ମୃତ୍ୟୁ ହୋଇଛି । ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି । ମଙ୍ଗଳବାର ଭୋରରେ ନିଜ ଆମ୍ବ ଓ କାଜୁ ବଗିଚାକୁ ଫଳ ତୋଳିବାକୁ ନିକଟସ୍ଥ ଜାମୁଡିହି ବଗିଚାକୁ ଯାଇଥିବାବେଳେ ଗୋଟିକିଆ ଦନ୍ତା ହାତୀ ଆକ୍ରମଣ କରିଥିଲା । ଫଳରେ ଗୁରୁତର ଅବସ୍ଥାରେ ପଡ଼ିରହିଥିଲା । ଖବର ପାଇ ଗ୍ରାମବାସୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଧରଣୀଧର ମେଡିକାଲ କଲେଜକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ତାର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ ।

# ଅଂଶୁଘାତରେ ଚାଷୀ ମୃତ୍ୟୁ ଅଭିଯୋଗ

ବାଲେଶ୍ୱର,(ସବ୍ୟୁ): ଜଳେଶ୍ୱର ବ୍ଲକର ନାମୋ ପଞ୍ଚାୟତ ଅଧୀନ ଆମ୍ବପୁଞ୍ଜା ଗାଁର ନନୀଗୋପାଳ ଦାସ(୫୨)ଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି । ମଧ୍ୟାହ୍ନରେ ସେ ଘରକୁ ଫେରୁଥିବାବେଳେ ନାମ୍ପୋ- ତାଳବଣିଆ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ପଥଚାରୀ ଦେଖିବାକୁ ପାଇଥିଲେ । ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ପ୍ରବଳ ଖରା ହୋଇଥିବାବେଳେ ବାଲେଶ୍ୱର ଜିଲ୍ଲାରେ ତାପମାତ୍ରା ୪୧ ଡିଗ୍ରୀ ଉପରେ ଥିବାରୁ ସେ ଅଂଶୁଘାତରେମୃତ୍ୟୁ ବରଣ କରିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି ।


**AFFIDAVIT**

By virtue of an affidavit sworn before the Court of the Executive Magistrate Bhubaneswar, I **DR. PRACHISHRI MISHRA**, W/o.: Sri Lokanath Samantray, D/o.: Dr. Prafulla Kumar Mishra resident of LIG-212, Brit Colony, Nayapalli, P.S.: Nayapalli, Bhubaneswar, Dist.: Khordha, Odisha, Pin-751012, Aadhaar No.: 2222 1532 1406 do hereby declare vide Affidavit dated 18.05.2026 that my name reflected as Prachishri Mishra as per my Aadhaar card, PAN and other relevant documents. That in my HSC certificate as well as my Passport and some other documents my name has been reflected as Prachishri Misra instead of Prachishri Mishra. That I do hereby declare that Prachishri Mishra and Prachishri Misra is one and same person who is myself. Henceforth I shall be known as **PRACHISHRI MISHRA** for all purposes.



**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**DRAINAGE DIVISION, KENDRAPARA**
**E-PROCUREMENT NOTICE NO. DDKPD -01 of 2026-27**
e-mail-eeddkendrapara@gmail.com Phono No. 9439181343

32001/242/2627

1 Total Number of Package : 05 Nos. Individual package
2. Nature of work : Construction of Sluice cum FLB, Construction of Box Culvert and Repair of Approach road.
3. Tender Amount : From Rs. 8.47 Lakhs to Rs. 84.45 Lakhs
4. Period of completion : 04 (Four) & 11 (Eleven) Calendar months
5 Other details as follows

| Procurement Officer | Bid Identification No. | Availability of Tender On-Line | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid for Double Cover work |
| Superintending Engineer, Drainage Division, Kendrapara | DDKPD-01 of 2026-27 | 21.05.2026 at 10.00 Hrs. | 30.05.2026 Up to 17.30 Hrs. | 01.06.2026 at 10.00 AM | 08.06.2026 at 10.00 AM |

Further details can be seen from the Govt, web site **www.tendersorissa.gov.in.**

OIPR : 32001/32356/1/26-27/0001

Sd/- Superintending Engineer, Drainage Division, Kendrapara



13001/541/2627

**ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି**
**NOTIFIED AREA COUNCIL, KANTABANJI**
(Near Kantabanji CHC, At/Po -Kantabanji, Dist-Balangir (Odisha), Pin-767039)
(e-Mail ID : nackantabanji@gmail.com)

Letter No. 720 Date : 15.05.2026

**Expression of Interest (EOI) for Selection of Mission Shakti Groups for O & M of AAHAAR Kendra & Kitchen of Kantabanji NAC.**

Kantabanji NAC. invites Expression of Interest (EOI) in the Prescribed Formats (Annexure-I, II & III) in sealed cover from the intending Mission Shakti Groups having the credibility and experience for O & M of Aahaar Kendra & Aahaar Kitchen and Overall management of Aahaar Centre including cooking of meal and the entire responsibilities of Aahaar Programme and bring in better accountability towards the public. The applicants should be under Kantabanji NAC Jurisdiction only.

| | | |
|---|---|---|
| 01 | Available of EOI documents in website | 20.05.2026, 11 A.M. |
| 02 | Last date and time of submission of EOI | 29.05.2026, 1 P.M. |
| 03 | Date and time of Opening of EOI | 30.05.2026, 11 A.M. |
| 04 | For downloading the EOI documents and term and Condition of assignment, Please visit the Balangir District Website. | https://balangir.odisha.gov.in/ |

The authority reserves right to reject any or all the EOIs without assigning any reason thereof. Any Change/ Correction/ Corrigendum in respect the above shall be placed in Balangir District website.

OIPR : 13001/13111/1/26-27/0001

Sd/- Executive Officer
NAC, Kantabanji



**BHUBANESWAR DEVELOPMENT AUTHORITY**
**AKASH SHOVA BUILDING,**
**SACHIVALAYA MARG, BHUBANESWAR - 751001**
**Visit us at : http:/www. bda. gov. in**

13001/535/2627

**INVITATIONS FOR BIDS (IFB)**

**Bid Identification No 360** **dated.13.05.2026**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in double cover system conforming to the Detailed Tender Call Notice (DTCN) from Electrical Contractors having valid MV and above license registered under Government of Odisha, having PAN and valid EPF & ESI registration No., GST Registration Certificate for the item of work mentioned in the table below.

| Sl No | Name of work | Estimated Cost (In Rs) | EMD (In Rs) | Cost of Tender Paper (In Rs) | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Provision of solar street lights in different parks in "Bhubaneswar" **(Part-1)** (Biju Pattnaik Park, Buddhajayanti Park, Guru Kelu charan Mohapatra Park, Netaji Subash chandra Bose Park, Dr. Shyam Prasad Mukherjee Park, Sailashree Ph-7 Park, Unit 8 Park, Kalpana Park, Joggers Park, Baragada Brit colony Park, Sishu vihar Park) | 26,63,046.00 | 1% of the estimated cost put to tender. (Through online transfer by the last date & time for receipt of bids) | 10,000/- +GST@18% (Through online transfer by the last date & time for receipt of bids) | 30 (Thirty) days |
| 2. | Provision of solar street lights in different parks in "Bhubaneswar" **(Part-2)** (APJ Abdul Kalam Park, Madhusudan Das Park, Kharavel Park Khandagiri, Indira Gandhi Park, Nature Park Bharatpur, West to Art Park, Drain-4 Park, Bhimeswar Temple Park, Bhoi Nagar Park- 1, Bhoi Nagar Park-II, Dharma Vihar Park, K-5 Park Plot No.498, K-5 Park Plot No.504,K-5 Park Plot No.508, K-8 Park, Palaspalli Park, Kharavel Nagar Park Unit-3, SP-4 Park, Nilamadhab Park) | 37,00,098.00 | 1% of the estimated cost put to tender. (Through online transfer by the last date & time for receipt of bids) | 10,000/- +GST@18% (Through online transfer by the last date & time for receipt of bids) | 30 (Thirty) days |

2. The Bid documents will be available in the website: https://tendersodisha.gov.in from Dtd. 18.05.2026 to Dtd. 28.05.2026 up to 17.00 Hours.
3. Bids along with cost of tender paper and EMD (Bid Security) shall be received only "On line" on or before Dtd. 28.05.2026 up to 17.00 Hours. The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in**

OIPR : 13001/13033/1/26-27/0036

Executive Engineer
Division-IV, BDA



**ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ**

13001/543/2627

**OFFICE OF THE NOTIFIED AREA COUNCIL, RAIRAKHOL**
**(ODISHA), DIST- SAMBALPUR**
**E-mail: - eonacrdl@gmail.com**

**QUOTATION CALL NOTICE**

**Letter No. 1770** **Date: 14.05.2026**

The Municipal Executive officer on behalf of NAC, Redhakhol invites Quotation Call Notice No. 1770 dtd 14.05.2026. Bid documents consisting of specification the schedule of quantities and set of Terms and Conditions and other documents can be seen from the district website i.e. (www.sambalpur.odisha.gov.in) and the official website of Redhakhol NAC **(www, nacredhakhol.in)**

Sd/-
Executive Officer
NAC Redhakhol

OIPR : 13001/13175/1/26-27/0005



11001/54/2627

**VIKRAM DEV UNIVERSITY**
**JEYPORE-764001, DIST: KORAPUT, ODISHA**

**No. 1290/VDU/26** **DATE: 18.05.26**

**Admission Notice for Ph.D. Programme 2026-27**

Applications are invited from eligible candidates for admission into the Ph. D. Programme 2026-27in different disciplines of Vikram Dev University, Jeypore. The candidates are required to download application form and other instructions from the university website **www.vikramdevuniversity.ac.in** (Ph.D. Admission-2026). The eligibility criteria and exemption from Entrance Test are as per Vikram Dev University Ph.D. Regulation-2026. For details regarding eligibility criteria, fees for entrance exam, number of seats available (Discipline wise), application format and Ph.D. Regulation -2026 etc, interested candidates are requested to visit University website at the above mentioned link. Applications complete in all respect should reach the undersigned by Speed/Registered Post only on or before 02.07.2026.

Sd/- Registrar
Vikram Dev University, Jeypore

OIPR : 11001/11133/1/26-27/0004



**ZILLA PARISHAD, SAMBALPUR**
**DRDA Building, Katcheri Road, Sambalpur Ph: 0663-2410992,**
**e-mail: ori-dsambalpur@od.gov.in**

24001/141/2627

**Tender Call Notice**

**No. 1692 ZP/IV/Engg/33/ CDVO Tender/dt. 15.05.2026**

Sealed Tenders are invited from Original Equipment Manufacturers/ Authorized Channel Partners/ Distributors/ Dealers of Dairy Equipment for Supply, Installation, Commissioning & Testing of Bulk Milk Cooler, Automatic Milk Collection Unit (AMCU), Milk Analyzer for Dairy Development Initiative in Sambalpur District under District Mineral Foundation Trust (DMFT). The detailed tender documents can be down loaded from district web site www. Sambalpur.odisha.gov.in from 20.05.2026 to 17.06.2026.

The sealed tenders should reach the Office of the "Chief Development Officer-cum-EO, ZP, Sambalpur on or before 17.06.2026 (Up to 5.30 PM) by Regd. post/ Speed post/ Courier only.

By Order of Collector-cum-Managing Trustee DMFT
Sambalpur

Sd/- CDO-cum-EO Zilla Parishad
Sambalpur

OIPR : 24001/24408/1/26-27/0002



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବିନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

## ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ

# କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀଙ୍କ ପାଇଁ 'ଆରୋଗ୍ୟ ସେବା' ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର (ସବ୍ୟୁ) : ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ଚକ୍ରଧରପୁର ଗ୍ରାମରେ ଅବସ୍ଥିତ ଏହାର ପାରାଦ୍ୱୀପ ଟାଉନସିପ୍ ପ୍ରକଳ୍ପ ସ୍ଥଳୀରେ ୧୦୦ ରୁ ଅଧିକ କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀଙ୍କ ପାଇଁ ଏକ 'ଆରୋଗ୍ୟ ସେବା' ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହା କର୍ମଚାରୀଙ୍କ କଲ୍ୟାଣ ଏବଂ କାର୍ଯ୍ୟକ୍ଷେତ୍ରର ସୁରକ୍ଷା ପ୍ରତି କମ୍ପାନୀର ଦୃଢ଼ ପ୍ରତିବଦ୍ଧତାକୁ ପୁନଃପ୍ରମାଣିତ କରିଛି। ଏହି ଶିବିରରେ ଅଂଶଗ୍ରହଣକାରୀମାନଙ୍କର ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ମାଗଣାରେ ଅତ୍ୟାବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା। ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟତୀତ, ଅଂଶଗ୍ରହଣକାରୀମାନଙ୍କୁ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ



ମଧ୍ୟ ପରାମର୍ଶ ଦିଆଯାଇଥିଲା, ଯାହା କର୍ମଚାରୀଙ୍କ ସୁସ୍ଥତା ପ୍ରତି କମ୍ପାନୀର ସକ୍ରିୟ ଆଭିମୁଖ୍ୟକୁ ଦର୍ଶାଉଛି। ଏହି ଶିବିରକୁ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ଆସେଟ୍ ର ଏଚ୍‌ଆର ଓ ଆଇଆର ବିଭାଗ ମୁଖ୍ୟ ଶ୍ରୀ ସୁନୀଲା ଦାସ କର୍ମଚାରୀ ଏବଂ କେଏମଭି ପ୍ରୋଜେକ୍ଟସର ସହଯୋଗୀ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରାଜେଶ ମିଶ୍ର ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସିଏସଆର ବିଭାଗ ଡାକ୍ତର ନିରଞ୍ଜନ ଦ୍ୱିବେଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା, ଯାହା ସମସ୍ତ ଅଂଶଗ୍ରହଣକାରୀଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ବ୍ୟାପକ ଯତ୍ନ ଓ ଧ୍ୟାନକୁ ସୁନିଶ୍ଚିତ କରିଥିଲା। ଏହି କାର୍ଯ୍ୟକ୍ରମ କମ୍ପାନୀର ପ୍ରୋସେଫ୍ ଢାଞ୍ଚା ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯାହା ଉତ୍ପାଦକତା , ସୁରକ୍ଷା, ଉପଲବ୍ଧତା, ସୁବିଧା ସୁଯୋଗ ଏବଂ ସହଭାଗିତାକୁ ଦର୍ଶାଉଛି । ସଂଗଠନର ଦକ୍ଷତା ବୃଦ୍ଧି କରିବା ସହ ଯତ୍ନ ଓ ଦାୟିତ୍ୱବୋଧର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଢାଞ୍ଚାକୁ ପ୍ରସ୍ତୁତ କରାଯାଇଛି। ଆରୋଗ୍ୟ ସେବା ସ୍ୱାସ୍ଥ୍ୟ ଶିବିର ଭଳି ବିଭିନ୍ନ ପଦକ୍ଷେପ ମାଧ୍ୟମରେ, ଏଏମ୍/ଏନ୍‌ଏସ୍ ଇଣ୍ଡିଆ କର୍ମଚାରୀଙ୍କ କଲ୍ୟାଣ ଏବଂ କାର୍ଯ୍ୟକ୍ଷେତ୍ରର ସୁରକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ଦୃଢ଼ତା ପ୍ରଦାନ କରିଚାଲିଛି।

## ବଜାଜ ଜେନେରାଲ ଇନସ୍ୟୁରାନ୍ସ ଦ୍ୱାରା ଏମ୍‌ଏଚ୍‌ସିପି ଏଜ୍+ ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ଘରୋଇ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ବଜାଜ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡ୍ (ପୂର୍ବ ନାମ - ବଜାଜ ଆଲିଆଞ୍ଜ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍), ଆଜି 'ମାଇଁ ହେଲ୍ଥ କେୟାର ପ୍ଲାନ୍ ଏଜ୍+' (ଏମଏଚସିପି ଏଜ୍+) ର ଶୁଭାରମ୍ଭ ଘୋଷଣା କରିଛି. ଏହା ଏକ କମ୍ପ୍ରିହେନ୍ସିଭ୍ ହେଲ୍ଥ ଇନଡେମନିଟି ସଲ୍ୟୁସନ ଯାହା ବର୍ଦ୍ଧିତ ନମନୀୟତା ଏବଂ କଷ୍ଟମାଇଜେସନ୍ ମାଧ୍ୟମରେ ବଢୁଥିବା ସ୍ୱାସ୍ଥ୍ୟସେବା ଖର୍ଚ୍ଚର ମୁକାବିଲା କରିବା ଏବଂ ପକେଟରୁ ହେଉଥିବା ଖର୍ଚ୍ଚକୁ କମ୍ କରିବା ପାଇଁ ପରିକଳ୍ପିତ ହୋଇଛି। ଏହାର ବର୍ତ୍ତମାନର ଏମଏଚସିପି ଅଫରିଙ୍ଗ ର ଦୃଢ଼ ଭିତିଭୂମି ଉପରେ ନିର୍ମିତ, ଏମଏଚସିପି ଏଜ୍+ ମୂଳ ହସ୍ପିଟାଲାଇଜେସନ୍ କଭରେଜକୁ ବ୍ୟାପକ ଅପ୍ସନାଲ ରାଇଡର ସହିତ ସଂଯୋଗ କରେ।

## ରାଜ୍ୟରେ ମଣ୍ଡି ଓ ଟୋକନ ସମସ୍ୟା ଯୋଗୁଁ ବଢୁଛି ଚାଷୀ ଅସନ୍ତୋଷ

# ହକ୍ ପାଇଁ ରାଜରାସ୍ତାରେ ଲଢ଼େଇ କରୁଛି ଚାଷୀ: ବିଜେଡି

ଭୁବନେଶ୍ୱର,(ସବ୍ୟୁ): ୨୦୨୪ ସାଧାରଣ ନିର୍ବାଚନରେ ଚାଷୀକୂଳ ପାଇଁ ବିଜେପି ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଣିର ଗାର ହୋଇଛି । ଚାଷୀଙ୍କୁ ଏମଏସ୍ପି ସହିତ ୮୦୦ ଟଙ୍କାର ଇନ୍ପୁଟ୍ ସବ୍ସିଡି ଦେବାର ଆଶ୍ୱାସନା ଦେଇଥିବା ବିଜେପି ସରକାର ଚାଷୀମାନଙ୍କୁ ଶୋଷଣ କରୁଥିବା କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଶ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ବିଧାୟକ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ବ୍ୟୋମକେଶ ରାୟ, ବିଜେପି ସରକାରର ଚାଷୀ ମାରଣ ନୀତି ଯୋଗୁଁ ଚାଷୀ ନିଜର ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଛି । ରାଜ୍ୟରେ ଚାଷୀ ମାନଙ୍କ ସମସ୍ୟା ଉତ୍କଟ ରୂପ ନେଉଥିବା ବେଳେ ସରକାର ଉତ୍ସବ ମନାଇବାରେ ବ୍ୟସ୍ତ ରହୁଛନ୍ତି । ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବିଜେପି, ଚାଷୀକୂଳ ପ୍ରତି ଉଦାସୀନତା ପନ୍ଥା ଅବଲମ୍ବନ କରିବା ନିନ୍ଦନୀୟ ବୋଲି କହିଥିଲେ ।ସଞ୍ଜୟ କୁମାର ଦାସବର୍ମା କହିଥିଲେ, ବିଜେପି କ୍ଷମତାକୁ ଆସିବା ପୂର୍ବରୁ ଓଡ଼ିଶାର ଚାଷୀକୂଳକୁ ଆଶ୍ୱସ୍ତ କରିଥିଲା ଯେ, ଏମ୍‌ଏସ୍ପି ସହିତ ୮୦୦ ଟଙ୍କାର ଇନ୍ପୁଟ୍ ସବ୍ସିଡି ଦେଇ ଧାନ କିଣିବୁ ଏବଂ ଚାଷୀର ସମସ୍ତ ବଳକା ବିକ୍ରିଯୋଗ୍ୟ ଧାନ ସଂଗ୍ରହ କରିବୁ । ଏହା ଭିତରେ ଦୁଇଟି ଆର୍ଥିକ ବର୍ଷ ବିତିଯାଇଥିଲେ ମଧ୍ୟ ସରକାରଙ୍କ ଅପାରଗତା କାରଣରୁ ଚାଷୀକୂଳ ଆଜି ଦୁର୍ଦ୍ଦିନରେ କାଳାତିପାତ କରୁଛି । ବିଜେପିର ମିଛ ପ୍ରତିଶ୍ରୁତିର ଶିକାର ହୋଇ ଚାଷୀକୁ ଆଜି ରେଜିଷ୍ଟ୍ରେସନ ପାଇଁ, ଟୋକନ ପାଇଁ, ମଣ୍ଡି ଖୋଲିବା ପାଇଁ ଓ ନିଜ କଷ୍ଟ ଉପାର୍ଜିତ ଫସଲକୁ କିପରି ବିକ୍ରି କରିପାରିବେ, ସେଥିପାଇଁ ବାରମ୍ବାର ରାଜରାସ୍ତାରେ ଆନ୍ଦୋଳନ କରିବାକୁ ପଡୁଛି । ରାଜ୍ୟର ସମସ୍ତ ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଆଗରେ ହଜାର ହଜାର ଚାଷୀଙ୍କ ଆକୁଳ ରୋଦନ ଆଜି ସାରା ଭାରତବର୍ଷରେ ମୁଖ୍ୟ ଖବର ହୋଇଛି । ରାଜ୍ୟର ଖାଦ୍ୟ ଭଣ୍ଡାର କୁହାଯାଉଥିବା ପଶ୍ଚିମ ଓଡ଼ିଶାରେ ଚାଷୀଭାଇ ମାନେ ଆନ୍ଦୋଳନକୁ ଓହ୍ଲାଇ ସରକାରଙ୍କ ଚାଷୀକୂଳ ପ୍ରତି ଥିବା ବୈମାତୃକ ମନୋଭାବ ବିରୋଧରେ ରାଜରାସ୍ତାରେ ଗର୍ଜନ କରୁଛନ୍ତି । ଦୁଃଖ ଓ ପରିତାପର ବିଷୟ ଚାଷୀକୂଳ ପ୍ରତି ସରକାରଙ୍କ ଉଦାସୀନତା ମନୋଭାବ ଯୋଗୁଁ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି । ବିଜେପି ଦଳ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପୂରଣ କରି ଚାଷୀଙ୍କ ସମସ୍ୟା ଦୂର କରନ୍ତୁ । ସରକାର ଯଦି ଆଗକୁ ଚାଷୀଙ୍କ ସମସ୍ୟା ପ୍ରତି ଯଦି କୌଣସି ଠୋସ୍ ପଦକ୍ଷେପ ନ ନିଅନ୍ତି, ତେବେ ବିଜୁ ଜନତା ଦଳ ଚାଷୀଙ୍କ ହକ୍ ପାଇଁ ଆନ୍ଦୋଳନକୁ ତୀବ୍ରତର କରିବ ।

ଶ୍ରୀ ବ୍ୟୋମକେଶ ରାୟ କହିଥିଲେ ଯେ, ଖରିଫ ସିଜିନ୍‌ରେ ରେକର୍ଡ ସଂଖ୍ୟକ ଧାନ ଅମଳ ହୋଇଥିଲା । ଗତବର୍ଷ ଯେଉଁ ଧାନ ସଂଗ୍ରହ ହୋଇଥିଲା, ତାହା ସରକାର ଓ ମିଲ୍ ମାନଙ୍କ ପାଖରେ ଭରପୂର ମାତ୍ରାରେ ରହିଥିଲା । ସରକାରଙ୍କ ପାଖରେ ଆଉ ଜାଗା ନଥିଲା ଏ ବର୍ଷର ଧାନ କିଣିବା ପାଇଁ । ଯାହା ମୁଖ୍ୟମନ୍ତ୍ରୀ ପୂର୍ବାଞ୍ଚଳ କୃଷି ସମ୍ମିଳନୀରେ ସ୍ୱୀକାର କରିଛନ୍ତି । ସରକାର ପ୍ରଥମ ଦିନରୁ ଚେଷ୍ଟା କରିଥିଲେ କିପରି ଏବର୍ଷ କମ୍ ଧାନ ସଂଗ୍ରହ କରାଯିବ ।

## ଟ୍ରେନରୁ ଖସି ଯାତ୍ରୀଙ୍କ ମୃତ୍ୟୁ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳବାଇ ଫାଣ୍ଡି ଅନ୍ତର୍ଗତ ବାଲୁଗାଁ ଓ ଗଙ୍ଗାଧରପୁର ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ରେଳଧାରଣା କଡ଼ରୁ ଜଣେ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର କରାଯାଇଛି । କୌଣସି ଏକ ଚଳନ୍ତା ଟ୍ରେନରୁ ଖସିପଡ଼ିବା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି ।ମିଳିଥିବା ସୂଚନା ମୁତାବକ, ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୫୦ ବର୍ଷ ହେବ । ଆଜି ରେଳଧାରଣା କଡ଼ରେ ଶବ ପଡ଼ିଥିବା ଦେଖିବାକୁ ମିଳିବା ପରେ ଖୋର୍ଦ୍ଧାରୋଡ ରେଳବାଇ ପୋଲିସ କୁ ସୂଚନା ଦିଆଯାଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।ମୃତକଙ୍କ ନିକଟରୁ କୌଣସି ପରିଚୟ ପତ୍ର ମିଳିନଥିବା ବେଳେ ତାଙ୍କ ପ୍ୟାଣ୍ଟ ପକେଟରୁ ଏକ ଟ୍ରେନ ଟିକେଟ ଜବତ କରାଯାଇଛି ।

# ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ ପକ୍ଷରୁ 'ସମ୍ଭାବନା' ଦିବସ

କଟକ,(ସବ୍ୟୁ): ଶିକ୍ଷାବିତ୍ ତଥା ସେଣ୍ଟ ଜାଭିୟର୍ସ ଏଜୁକେସନାଲ ଟ୍ରଷ୍ଟର ଅଧ୍ୟକ୍ଷ ଡ଼କ୍ଟର ପ୍ରଭୁ ଚରଣ ମହାନ୍ତିଙ୍କ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ବିଭିନ୍ନ ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ ର ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭ କରି ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ବୃନ୍ଦ। ଏହି ଦିବସକୁ ଏକ ସମ୍ଭାବନାର ଦିବସ ରୁପେ ପାଳନ କରିଛନ୍ତି ସେମାନେ। ସ୍କୁଲର ଅନ୍ୟତମ ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ଭାବନା ଦିବସରେ ଉଦ୍ଘାଟକ୍ ଭାବେ କଟକ ମେୟର ସୁବାସ ସିଂ,ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ବିଶିଷ୍ଟ ଅତିଥି ଭାବେ ଡ଼କ୍ଟର ହରେକୃଷ୍ଣ ଶତପଥୀ, ଅନ୍ୟତମ ଅତିଥି ଭାବେ ସମାଜର ପ୍ରକାଶକ ରାଜେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ଡ଼କ୍ଟର ମହାନ୍ତି ନିଜର ଜନ୍ମଦିନକୁ ଯେଉଁଭଳି ଆଦୃତ

ଚିଲଡ୍ରେନ୍ସ ଅନାଥ ଆଶ୍ରମ ର ପିଲାମାନଙ୍କ ସହିତ ପାଳନ କରି ସମାଜର ଗରିବ ନିଷ୍ପେସିତଙ୍କ ଭବିଷ୍ୟତ ସମ୍ଭାବନାର ବାର୍ତ୍ତା ଦେଉଛନ୍ତି ତାହା ପ୍ରଶଂସନୀୟ ବୋଲି କହିଛନ୍ତି। ନିଜ ଜୀବନରେ



ଅନେକ ବାଧାବିଘ୍ନକୁ ଅତିକ୍ରମ କରି ସେ ଶିକ୍ଷା କ୍ଷେତ୍ରରେ ସମ୍ଭାବନାର ଆଶା ସଞ୍ଚାର କରୁଛନ୍ତି ବୋଲି ଅତିଥିମାନେ ମତ ରଖିବା ସହ ଜନ୍ମ ଦିନର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଡକ୍ଟର ମହାନ୍ତି ସମସ୍ତ ଅତିଥି ଓ ସ୍କୁଲର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନୂଆବଜାର ଏବଂ ଉଦିମୂଳ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ହାଇସ୍କୁଲର ବରିଷ୍ଠ ଅଧ୍ୟକ୍ଷ ତଥା ଏକାଡେମିକ୍ ମୁଖ୍ୟ ପ୍ରଦୀପ କୁମାର ତ୍ରିପାଠୀ, କ୍ରିଷ୍ଣମୂର୍ତ୍ତୀ ୱାର୍ଲ୍ଡ ସ୍କୁଲର ବରିଷ୍ଠ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାସ, ମିଶନ ରୋଡ୍ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରୁପା ମିଶ୍ର, ଆଠଗଡ଼ ସିନିୟର ସେକେଣ୍ଡାରୀ ହାଇସ୍କୁଲର ଅଧ୍ୟକ୍ଷ ତଥା ପ୍ରଶାସନିକ ମୁଖ୍ୟ ଅନିଲ କୁମାର ମହାନ୍ତି ଏବଂ ଭାରପ୍ରାପ୍ତ ଅଧ୍ୟକ୍ଷା ମିନାକ୍ଷୀ ସାହୁ, କଲେଜ ଛକ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷା ମୌସୁମୀ ଦାସ ଏବଂ ପ୍ରଧାନ ଶିକ୍ଷକ ଦ୍ୱାରିକା ଦାସ, ବାରବାଟୀ ଷ୍ଟାଡିୟମ୍ ସ୍ଥିତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତାରାଣୀ ମିଶ୍ର, ପଟିଆ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷା ପିଏସ୍ ପ୍ରିୟଦର୍ଶିନୀ, ବେଲେଶ୍ୱର ଜାଭିୟର୍ସ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୋଗନ୍ ଜୁଡେ ମୋସେସ୍ ଏବଂ ବୁର୍ଲା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିବାନୀ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ଏତଦ୍ ବ୍ୟତୀକର୍ପୋରେଟର ଗଗନ ଓଝା, ଜନାର୍ଦ୍ଦନ ପରିଡ଼ା,ପ୍ରତାପ ନଗରୀ ସଭାପତି ପ୍ରମୋଦ କୁମାର ସ୍ୱାଇଁ, ପ୍ରତାପ ନଗରୀ ଆଞ୍ଚଳିକ କମିଟିର ସଭ୍ୟବୃନ୍ଦ, ଜରିପଡ଼ା ଗ୍ରାମ୍ୟ କମିଟି ସଭ୍ୟବୃନ୍ଦ, ଯୁବ ପରିଷଦ ସଭାପତି ମନୋଜ ସ୍ୱାଇଁ, ସମାଜସେବୀ କୃଷ୍ଣ ମଲ୍ଲିକ, ଶୁଭେନ୍ଦୁ ମହାନ୍ତି, ଅଶୋକ ସାହୁ, ପାଣ୍ଡା କବସର ପ୍ରତିଷ୍ଠାତା ସମର୍ଥ ମହାନ୍ତି, ସ୍ନିଗ୍ଧା ମହାନ୍ତି ଓ ଆୟେଶା ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ପ୍ରମୁଖ ଉପସ୍ଥିତ ରହି ଡ଼କ୍ଟର ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଓଡିଶା ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ପ୍ରତିବାଦ

କଟକ, (ସ୍ୱପ୍ର): ସଂଘର ନିର୍ବାଚିତ ପ୍ରତିନିଧି ଥିବା ସ୍ଥଳେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କିପରି ସଭାପତି ହେଲେ ତାହା ସମସ୍ତଙ୍କୁ ବିସ୍ମିତ କରିଛି ବୋଲି ସଂଘର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାମଲ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଗୋଟିଏ ନିର୍ବାଚିତ କମିଟି ଥିବାବେଳେ ଆଠଗଡ ବିଧାୟକ କେଉଁ କର୍ମଚାରୀଙ୍କୁ ନେଇ ସଭାପତି ହେଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଗତ ତା ୧୨/୧୧/୨୦୨୨ରିଖ ଦିନ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ପରିସରରେ ଓଡିଶାର ସମସ୍ତ ଜିଲ୍ଲା ଏବଂ ଶାଖା ସଂଘର ସମ୍ପାଦକଙ୍କୁ ନେଇ ଓଡିଶା ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ନିର୍ବାଚନ ହୋଇଥିଲା । ଉକ୍ତ ନିର୍ବାଚନରେ ପୂର୍ଣ୍ଣଚନ୍ଦ୍ର ରାଉତ ସଭାପତି ପଦରେ ୨୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ ଓ ସାଧାରଣ ସମ୍ପାଦକ ପଦରେ ପ୍ରସନ୍ନ କୁମାର ସାମଲ ୩୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ସେହି ଦିନ ଠାରୁ ଏହି କମିଟି ଆଜି ପର୍ଯ୍ୟନ୍ତ ସଂଘର କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନ କରିବା ସହ ରାଜ୍ୟ ସରକାରଙ୍କୁ ସଂଘ ପକ୍ଷରୁ ଏକ ୧୦ ଦଫା ଦାବିପତ୍ର ଦେବା ସହିତ ଉକ୍ତ ଦାବି ହାସଲ କରିବା ପାଇଁ ରାଜ୍ୟ ସରକାରଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି । ଏବେ କିଛି ଅବସରପ୍ରାପ୍ତ କର୍ମଚାରୀ ଓ ସଂଘ ନିର୍ବାଚନ ଲଢ଼ି ପରାଜୟ ବରଣ କରିଥିବା କିଛି ହାତ ଗଣତି କର୍ମଚାରୀଙ୍କୁ ନେଇ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟ ସଭାପତି ଭାବରେ ନିଜକୁ ଘୋଷଣା କରିବା ଦ୍ୱାରା କର୍ମଚାରୀଙ୍କ ଭିତରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି । ଏହା ଫଳରେ କର୍ମଚାରୀଙ୍କ ମିଳିତ ଆନ୍ଦୋଳନ ଏବଂ ଦାବି ହାସଲରେ ଏହା ଆଞ୍ଚ ଆଣିବ ବୋଲି ସଭାପତି ଓ ସାଧାରଣ ସମ୍ପାଦକ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଆଶଙ୍କା ପ୍ରକାଶ କରିଛନ୍ତି ।

# ଜିଲ୍ଲାରେ ଏସ୍‌ଆଇଆର୍ ସମ୍ପର୍କିତ ସର୍ବଦଳୀୟ ବୈଠକ

କଟକ, (ସବ୍ୟୁ):ସାରା ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର.) ଲାଗୁ କରାଯାଇଅଛି । କଟକ ଜିଲ୍ଲାରେ ହେବାକୁ ଯାଉଥିବା ଏସଆଇଆର-୨୦୨୬ ସମ୍ପର୍କରେ ଆଲୋଚନା ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏସ. ଆଇ.ଆର ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସଂଯୁକ୍ତ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେବା । ଏଥିସହ ମୃତ ବ୍ୟକ୍ତିଙ୍କ ନାମ ଏବଂ ନକଲି ନାମ ଗୁଡିକୁ ଚିହ୍ନଟ କରାଯାଇ ତାଲିକାରୁ ବାଦ ଦିଆଯିବ । ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯିବ ।

ଜିଲ୍ଲାରେ ୩୦ ମେ ରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀମାନେ ଘରକୁ ଘର ପରିଦର୍ଶନ କରି ଭୋଟର ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବେ। ଏହା ସହିତ ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ସମାପ୍ତ କରାଯିବ। ଖସଡା ଭୋଟର ତାଲିକା ୦୫ ଜୁଲାଇ ୨୦୨୬ରେ ପ୍ରକାଶ ପାଇବାକୁ ଥିବାବେଳେ, ୦୫ ଜୁଲାଇରୁ ୦୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଦାବି ଓ ଆପତ୍ତିର ନିଷ୍ପତ୍ତି ୦୨ ସେପ୍ଟେମ୍ବର ସୁଦ୍ଧା କରାଯିବା ପରେ ୦୭ ସେପ୍ଟେମ୍ବର ୨୦୨୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ ପାଇବ ।

ଉକ୍ତ ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଜିଲ୍ଲାପାଳ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବି ଏଲ ଓ ମାନଙ୍କ ଦ୍ୱାରା ଫର୍ମ ପୂରଣଠାରୁ ଆରମ୍ଭ କରି ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବା ପର୍ଯ୍ୟନ୍ତ ରାଜନୈତିକ ଦଳ ପକ୍ଷରୁ ନିଯୋଜିତ ହେଉଥିବା ବୁଥ ସ୍ତରୀୟ ଏଜେଣ୍ଟମାନେ ବି ଏଲ ଓଙ୍କୁ ସମସ୍ତ ସହଯୋଗ କରିବା ସହ ନିର୍ବାଚନ ପଂଜୀକରଣ ଅଧିକାରୀ ଓ ସହକାରୀ ଅଧିକାରୀ ମାନେ ତତ୍ପରତାର ସହ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଥ ସ୍ତରୀୟ ଅଧିକାରୀ, ବୁଥ ସ୍ତରୀୟ ଏଜେଣ୍ଟ ଓ ସମସ୍ତ ରାଜନୈତିକ ଦଳର ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ସଫଳ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ମତଦାତାମାନଙ୍କୁ ନିଜ ନାମ ଭୋଟର ତାଲିକାରେ ସଠିକ୍ ଭାବେ ରହିଛି କି ନାହିଁ ଯାଞ୍ଚ କରିବା ସହ ସଂଶୋଧନ ପ୍ରକ୍ରିୟାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି । ରାଜନୈତିକ ଦଳ ପକ୍ଷରୁ ଭାରତୀୟ ଜନତା ପାର୍ଟୀ କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ବିଜେଡି କଟକ ଜିଲ୍ଲା ସାଧାରଣ ସଂପାଦକ ଶ୍ରୀ ତାପସ ମହାନ୍ତି, ଜାତୀୟ କଂଗ୍ରେସ କଟକ ଜିଲ୍ଲା ସଭାପତି ଶ୍ରୀ ପ୍ରଦୀପ୍ତ କୁମାର ଦାସଙ୍କ ସମେତ ଆମ ଆଦମି ପାର୍ଟି ତଥା ଅନ୍ୟାନ୍ୟ ଦଳର ଅନ୍ୟ ପ୍ରତିନିଧିମାନେ ଆଲୋଚନାରେ ଉପସ୍ଥିତ ରହି ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ପ୍ରସ୍ତୁତି ସଂପର୍କରେ ଅବଗତ ହୋଇଥିଲେ।

## ଏୟାରଟେଲ୍ ପ୍ରାୟୋରିଟି ପୋଷ୍ଟପେଡ୍ ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଭାରତୀ ଏୟାରଟେଲ୍ ପ୍ରାୟୋରିଟି ପୋଷ୍ଟପେଡ୍ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏହା ଏକ ନୂତନ ସେବା ଯାହା ପୋଷ୍ଟପେଡ୍ ଉପରେ ଗ୍ରାହକମାନଙ୍କୁ ଉତ୍କୃଷ୍ଟ ଏବଂ ଅଧିକ ସ୍ଥିର ଅଭିଜ୍ଞତା ପ୍ରଦାନ କରିବା ପାଇଁ ୫ଜି ସ୍ଲାଇସିଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରେ। ଏହି ସେବା ବିଶେଷ ଭାବରେ ବ୍ୟସ୍ତ ଗ୍ରାହକମାନଙ୍କ ପାଇଁ ନିର୍ମିତ ଯେଉଁମାନେ କାର୍ଯ୍ୟ, ମନୋରଞ୍ଜନ କିମ୍ବା ଅନଲାଇନ୍ ସହଯୋଗ ପାଇଁ ନିରବଚ୍ଛିନ୍ନ ସଂଯୋଗ ଉପରେ ନିର୍ଭର କରନ୍ତି। ଏହି ସେବା ପାଇଁ, ଏୟାରଟେଲ୍ ଏହାର ୫ଜି ନେଟୱାର୍କକୁ ସ୍ଲାଇସିଂ ପ୍ରଯୁକ୍ତିର ଉନ୍ନତ କ୍ଷମତା ସହିତ ଅପଗ୍ରେଡ୍ କରିଛି। ଶୁଭାରମ୍ଭ ବିଷୟରେ ସୂଚନା ପ୍ରଦାନ କରି, ଏୟାରଟେଲର ସିଇଓ ଶାଶ୍ୱତ ଶର୍ମା କହିଛନ୍ତି, "ଆମର ଧ୍ୟାନ ହେଉଛି ଅର୍ଥପୂର୍ଣ୍ଣ ନବସୃଜନ ପ୍ରଦାନ କରିବା ଏହା ଆମର ଗ୍ରାହକମାନଙ୍କୁ ଏକ ଉତ୍କୃଷ୍ଟ, ଅଧିକ ନିର୍ଭରଯୋଗ୍ୟ ଏବଂ ଅତୁଳନୀୟ ଅଭିଜ୍ଞତା ପ୍ରଦାନ କରେ - ସେମାନେ ଟ୍ରାଫିକରେ କ୍ଲାଏଣ୍ଟ କଲରେ ଯୋଗ ଦେଇପାରିବେ, ଏକ ଭିଡ଼ କନସର୍ଟରେ ଷ୍ଟ୍ରିମିଂ କରିପାରିବେ, କିମ୍ବା ଏକ ଭିଡ଼ ବଜାରରେ ମଧ୍ୟ ଏକ କ୍ୟାବ୍ ବୁକ୍ କରିପାରିବେ।" ଆମର ସମସ୍ତ ପୋଷ୍ଟପେଡ୍ ଯୋଜନାରେ ଗ୍ରାହକମାନଙ୍କ ପାଇଁ ଏୟାରଟେଲ୍ ପ୍ରାଥମିକତା ସେବା ଉପଲବ୍ଧ। ପୂର୍ବରୁ ଥିବା ଗ୍ରାହକମାନେ ସ୍ୱୟଂଚାଳିତ ଭାବରେ ଏହି ଲାଭ ଉପଭୋଗ କରିବା ଆରମ୍ଭ କରିବେ।

# ସ୍ମୃତି ପଟ୍ଟନାୟକଙ୍କ ସ୍ମୃତିରେ ଋଷିକୁଲ୍ୟା ପରିଷଦ ପକ୍ଷରୁ ଶୋକସଭା

କଟକ, (ସ୍ୱପ୍ର) : ଋଷିକୂଲ୍ୟା ପରିଷଦର ଉପସଭାପତି ବିଶ୍ୱଜୀତ ମିଶ୍ରଙ୍କ ଧର୍ମପନି ତଥା କଟକ ଏମର୍ଣ୍ଣୀ ଦେବୀ ମହାବିଦ୍ୟାଳୟର ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ସ୍ମୃତି ପଟ୍ଟନାୟକଙ୍କ ସ୍ମୃତିରେ ଋଷିକୂଲ୍ୟା ପରିଷଦ ପକ୍ଷରୁ ଏକ ଶୋକସଭା ଆୟୋଜିତ ହୋଇଥିଲା । ପରିଷଦର ଯୁଗ୍ମ ସମ୍ପାଦକ ଚନ୍ଦନ କୁମାର ତ୍ରିପାଠୀଙ୍କ ମହତାବ ରୋଡ ସ୍ଥିତ ଗ୍ଲାସ୍ ଆଣ୍ଡ ଗ୍ଲାସ୍ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ସ୍ମୃତି ସଭାରେ ସ୍ମୃତି ପଟ୍ଟନାୟକ ଜଣେ ଦୃଢ଼ମନା, ଶିକ୍ଷାବିତ ଓ ଉଦାରମନା ମହିଳା ଭାବେ ବେଶ୍ ପରିଚିତ ଥିଲେ



ବୋଲି ମତ ପ୍ରକାଶ ପାଇଥିଲା । ଋଷିକୂଲ୍ୟା ପରିଷଦର ସାଧାରଣ ସମ୍ପାଦକ କୋରା ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକ ସଭାରେ ଉପସଭାପତି ହରିହର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଚନ୍ଦନ କୁମାର ତ୍ରିପାଠୀ, କୋଷାଧ୍ୟକ୍ଷ କୃଷ୍ଣ ସୁବୁଦ୍ଧି, ମନୋଜ ମହାପାତ୍ର, ଏନ୍. ଭେନୁଗୋପାଳ ଓ ପ୍ରଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ମୃତି ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

# ଅଭିପସା ଇଣ୍ଟରନ୍ୟାସନାଲ ସ୍କୁଲରେ ସମର କ୍ୟାମ୍ପ

କଟକ, (ସ୍ୱପ୍ର): ଅଭିପସା ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ ଚଳିତ ମାସ ୧୬ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସମର କ୍ୟାମ୍ପ-୨୦୨୬ ଆୟୋଜିତ ହୋଇଛି । ଗ୍ରୀଷ୍ମ ଛୁଟିକୁ ସୃଜନଶୀଳ ଓ ଶିକ୍ଷାମୂଳକ ଭାବେ ବ୍ୟବହାର କରିବା ସହ ପିଲାମାନଙ୍କର ମାନସିକ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ଏହି କ୍ୟାମ୍ପରେ ଆର୍ଟ ଆଣ୍ଡ କ୍ରାଫ୍ଟ, ବୈଦିକ ଗଣିତ, ଆବାକସ, ନୃତ୍ୟ, ବିଜ୍ଞାନ ଦିବସ ଓ ଚଳଚିତ୍ର ଦିବସ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଘରେ ସମୟ ନଷ୍ଟ କରିବା ପରିବର୍ତ୍ତେ ପିଲାମାନେ ଏହି କ୍ୟାମ୍ପ



ମାଧ୍ୟମରେ ନୂତନ ଜ୍ଞାନ ଅର୍ଜନ କରି ନିଜର ସୃଜନଶୀଳତା ଓ ମାନସିକ ବିକାଶକୁ ଆଗକୁ ବଢ଼ାଇ ପାରୁଛନ୍ତି । ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ସକ୍ରିୟ ଯୋଗ ଦାନରେ କ୍ୟାମ୍ପଟି ସଫଳତାର ସହ ଅଗ୍ରସର ହେଉଛି । ଏହାକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ପ୍ରଚେଷ୍ଟା ଏହି କ୍ୟାମ୍ପକୁ ଫଳପ୍ରସୂ କରିଛି ବୋଲି ସ୍କୁଲର ଚେୟାରମ୍ୟାନ ସୁପ୍ରଭା ସାହୁ କହିଛନ୍ତି ।

## ବେଦାନ୍ତ ଆଲୁମିନିୟମ କଳାହାଣ୍ଡିର ଗ୍ରାମଗୁଡ଼ିକୁ

# ସ୍ଥିର କୃଷି ପଦ୍ଧତି ଗ୍ରହଣ ଯୋଗୁ ୧୦ ହଜାର ଲୋକ ଉପକୃତ ହେଉଛନ୍ତି

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଆଖପାଖ ଗ୍ରାମଗୁଡ଼ିକରେ, ଗ୍ରୀଷ୍ମ ଋତୁର ଆଗମନ ପ୍ରାୟତଃ ବୃଦ୍ଧି ପାଉଥିବା ଅନିଶ୍ଚିତତାର ଭାବନା ସହିତ ଥାଏ। ତାପମାତ୍ରା ବୃଦ୍ଧି ପାଇବା ଏବଂ ଜଳଭଣ୍ଡାର ହ୍ରାସ ପାଇବା ସହିତ, ଚାଷୀମାନେ ଆକାଶ ଆଡକୁ ମୁଣ୍ଡ ଟେକି ବର୍ଷାର ସଙ୍କେତ ଅପେକ୍ଷା କରନ୍ତି, ଯାହା ବର୍ଷ ବର୍ଷ ଧରି ଅନିୟମିତ ହୋଇ ଆସୁଛି। ପିଢ଼ି ପରେ ପିଢ଼ି ଧରି, ଏହି ଅଂଚଳର କୃଷି ମୌସୁମୀ ଉପରେ ଅତ୍ୟଧିକ ନିର୍ଭରଶୀଳ ରହିଛି, ଯାହା ଫଳରେ ହଜାର ହଜାର ଚାଷୀ ପରିବାର ଫସଲ ବିଫଳତା, ଆୟ ହ୍ରାସ ଏବଂ ଋତୁକାଳୀନ ପ୍ରବାସର ଶିକାର ହେଉଛନ୍ତି। କଳାହାଣ୍ଡି ଭଳି ଜିଲ୍ଲାଗୁଡ଼ିକରେ, ପରିବର୍ତ୍ତନଶୀଳ ବର୍ଷା ଢାଂଚା ଏବଂ ଜଳ ଅଭାବ ସ୍ଥାନୀୟ ସମ୍ପ୍ରଦାୟ ଦ୍ୱାରା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକୁ ନିରନ୍ତର ତୀବ୍ର କରିଛି। ତଥାପି, ଆଜି ବେଦାନ୍ତ ଆଲୁମିନିୟମର ସହାୟତାରେ ଲାଞ୍ଜିଗଡ଼ ନିକଟବର୍ତ୍ତୀ



ଗାଁରେ ଏକ ନୀରବ ପରିବର୍ତ୍ତନ ଏହି ବାସ୍ତବତାକୁ ପୁନଃଆକୃତି ଦେବା ଆରମ୍ଭ କରିଛି, ଯାହା ସ୍ଥାନୀୟ ଜଳ ପ୍ରଣାଳୀର ପୁନରୁଦ୍ଧାର, ବୈଜ୍ଞାନିକ ଜଳଛାୟା ଯୋଜନା ଏବଂ ସମ୍ପ୍ରଦାୟ ଅଂଶଗ୍ରହଣକୁ ଆଗେଇ ନେଉଛି। ଏହାର ପ୍ରୟାସ ଦ୍ୱାରା, ଯେଉଁ ଗାଁଗୁଡ଼ିକ ପୂର୍ବରୁ ବାରମ୍ବାର ଜଳ କଷ୍ଟ ସହିତ ସଂଘର୍ଷ କରୁଥିଲେ, ସେମାନେ ଧୀରେ ଧୀରେ ନିର୍ଭରଯୋଗ୍ୟ ଜଳସେଚନ ଉତ୍ସ ଫେରି ପାଇବା ଏବଂ ନିର୍ଭରଯୋଗ୍ୟ ଜୀବିକା ଭାବରେ କୃଷି ଉପରେ ପୁନଃ ଆତ୍ମବିଶ୍ୱାସ ବୃଦ୍ଧି ପାଇବାର ଲକ୍ଷ୍ୟ କରୁଛନ୍ତି।

ବେଦାନ୍ତ ଆଲୁମିନିୟମର ଜଳଛାୟା ବିକାଶ ପଦକ୍ଷେପ, ପ୍ରୋଜେକ୍ଟ ସଙ୍ଗମ କଳାହାଣ୍ଡିର ୪୧ଟି ଗାଁର ୮୦୦ ଏକରରୁ ଅଧିକ ଚାଷ ଜମିରେ ଜଳସେଚନ ସୁବିଧା ଉପଲବ୍ଧ କରାଇଛି, ଯାହା ୯,୦୦୦ ରୁ ଅଧିକ ଲୋକଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି। ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସ୍ଥାନୀୟ ଚାଷୀ ସମ୍ପ୍ରଦାୟ ପାଇଁ, ଏହି ପଦକ୍ଷେପ ଏକ ସ୍ଥାୟୀ ଏବଂ ନିର୍ଭରଯୋଗ୍ୟ ଜୀବିକା ଭାବରେ କୃଷି ଉପରେ ବିଶ୍ୱାସ ଫେରାଇ ଆଣିବାରେ ସାହାଯ୍ୟ କରୁଛି। କାର୍ଯ୍ୟକ୍ରମର ମୂଳରେ ଏକ ସରଳ କିନ୍ତୁ ଶକ୍ତିଶାଳୀ ଧାରଣା ରହିଛି: ପ୍ରାକୃତିକ ଭାବରେ ଉପଲବ୍ଧ ସ୍ଥାନରେ ବର୍ଷାଜଳ ସଂରକ୍ଷଣ କରିବା। ପାରମ୍ପରିକ ଜଳଭଣ୍ଡାରକୁ ପୁନର୍ଜୀବିତ କରି, ସ୍ଥାନୀୟ ଜଳସେଚନ ଭିତିଭୂମିକୁ ସୁଦୃଢ଼ କରି ଏବଂ ବୈଜ୍ଞାନିକ ଭାବରେ ମୌସୁମୀ ପ୍ରବାହ ପରିଚାଳନା କରି, ଏହି ପଦକ୍ଷେପ ୧୧ ଲକ୍ଷ ଘନ ମିଟରରୁ ଅଧିକ ଜଳ ପୁନଃଭରଣ ସମ୍ଭାବନା ସୃଷ୍ଟି କରିଛି। ଏହା ଜିଲ୍ଲାର ଅନେକ ସ୍ଥାନରେ ଭୂତଳ ଜଳ ଉପଲବ୍ଧତାରେ ଯଥେଷ୍ଟ ଉନ୍ନତି ଆଣିଛି, ଯାହା ନିଶ୍ଚିତ କରୁଛି ଯେ ମୌସୁମୀ ଋତୁ ପରେ ମଧ୍ୟ ପାଣି ସୁଗମ ରହିବ। କୃଷି କ୍ଷେତ୍ରରେ ଏହାର ପ୍ରଭାବ ବର୍ଦ୍ଧିତ ଭାବରେ ଦୃଶ୍ୟମାନ ହେଉଛି। ଗୋଟିଏ ଫସଲଚକ୍ର ପରେ ଶୁଷ୍କ ରହୁଥିବା ଜମି ଏବେ ବିସ୍ତାରିତ ଚାଷ ଏବଂ ବହୁ ଫସଲ ଋତୁକୁ ସମର୍ଥନ କରୁଛି। ଉନ୍ନତ ମାଟିର ଆର୍ଦ୍ରତା ସଂରକ୍ଷଣ ଏବଂ ସ୍ଥିର ଭୂତଳ ଜଳ ସ୍ତର ଚାଷୀମାନଙ୍କୁ ଅଧିକ ନିଶ୍ଚିତତାର ସହିତ କୃଷି କାର୍ଯ୍ୟକଳାପ ଯୋଜନା କରିବାକୁ ସକ୍ଷମ କରୁଛି, ଯାହା ଅପ୍ରତ୍ୟାଶିତ ବର୍ଷା ଉପରେ ସେମାନଙ୍କର ନିର୍ଭରଶୀଳତା ହ୍ରାସ କରୁଛି। ଅନେକଙ୍କ ପାଇଁ, ପରିବର୍ତ୍ତନ ପରିବର୍ତ୍ତନକାରୀ ହୋଇଛି।

# ଭାରତ - ଭିଏତନାମ ଚୁକ୍ତି ସ୍ୱାକ୍ଷର

## ବିଦେଶୀ ମାଟିରୁ ପାକିସ୍ତାନକୁ ରାଜନାଥଙ୍କ ଚେତାବନୀ

ହନୋଇ : ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବର୍ତ୍ତମାନ ଭିଏତନାମ ଗସ୍ତରେ ଅଛନ୍ତି। ମଙ୍ଗଳବାର ଭାରତ ଏବଂ ଭିଏତନାମ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ପ୍ରମୁଖ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ମଜବୁତ କରିବ ଏବଂ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟାରେ ସହଯୋଗ ପାଇଁ ପଥ ଖୋଲିବ ବୋଲି ବିଶ୍ୱାସ କରାଯାଉଛି। ପ୍ରତିରକ୍ଷା ମନ୍ତ୍ରୀ ଏହାକୁ ଭାରତ ଏବଂ ଭିଏତନାମ ମଧ୍ୟରେ ରଣନୈତିକ ସହଭାଗୀତାରେ ଏକ ପ୍ରମୁଖ ଏବଂ ଭବିଷ୍ୟତମୁଖୀ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ନିରନ୍ତର ମଜବୁତ ହେଉଛି ଏବଂ ଭାରତ ଏହି ସହଭାଗୀତାକୁ ଆଗକୁ ନେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ସେ ଭିଏତନାମ ପ୍ରତିରକ୍ଷା ମନ୍ତ୍ରୀ ଫାନ୍ ଭାନ୍ ଗିଆଙ୍ଗଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ଏହି ବୈଠକ ସମୟରେ, ପ୍ରତିରକ୍ଷା ସହଯୋଗ,



ସାମୁଦ୍ରିକ ସୁରକ୍ଷା, ସାମରିକ ତାଲିମ, ପ୍ରତିରକ୍ଷା ଶିଳ୍ପ ଏବଂ ଆଞ୍ଚଳିକ ସ୍ଥିରତା ସମେତ ଦୁଇ ଦେଶ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ରାଜନାଥ ସିଂହ କହିଛନ୍ତି ଯେ ଭାରତ ଏବଂ ଭିଏତନାମ କେବଳ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ ବରଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେ କହିଛନ୍ତି ଯେ ଭବିଷ୍ୟତରେ ଦୁଇ ଦେଶ ମଧ୍ୟରେ ସହଯୋଗ ଆହୁରି ମଜବୁତ ହେବ। ବୈଠକ ସମୟରେ, ଦୁଇ ଦେଶ ଭିଏତନାମ ବାୟୁସେନା ଅଧିକାରୀ କଲେଜରେ ଏକ ନୂତନ ଭାଷା ପ୍ରୟୋଗଶାଳା ମଧ୍ୟ ଉଦଘାଟନ କରିଛନ୍ତି। ଏହାକୁ ସାମରିକ ତାଲିମ ଏବଂ ପାରସ୍ପରିକ ସହଯୋଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହି ପ୍ରୟୋଗଶାଳା ଉଭୟ ଦେଶର ସାମରିକ ଅଧିକାରୀମାନଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ଏବଂ ତାଲିମକୁ ସହଜ କରିବ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ରଣନୈତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଭାରତ ଯେଉଁ ପ୍ରୟାସ ଜାରି ରଖିଛି, ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ଗସ୍ତ ଏପରି ହୋଇଛି। ଭିଏତନାମକୁ ଭାରତର ଏକ ପ୍ରମୁଖ ଅଂଶୀଦାର ଭାବରେ ବିବେଚନା କରାଯାଏ। ଚୀନ୍ର ବର୍ଦ୍ଧିତ ଦୃଢ଼ତା ଏବଂ ଆଞ୍ଚଳିକ ସୁରକ୍ଷା ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଉଭୟ ଦେଶ ସେମାନଙ୍କର ସହଯୋଗକୁ ଆହୁରି ବୃଦ୍ଧି କରିବା ଉପରେ ଧ୍ୟାନ ଦେଉଛନ୍ତି। ହନୋଇରେ, ରାଜନାଥ ସିଂହ କହିଛନ୍ତି ଯେ, ଭାରତ କୌଣସି ପ୍ରକାରର ପରମାଣୁ ବ୍ଲାକମେଲ୍ ସହ୍ୟ କରିବ ନାହିଁ। ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଭାରତ ପରମାଣୁ ଅସ୍ତ୍ରର ପ୍ରଥମ ବ୍ୟବହାର ନ କରିବାର ନୀତି ପାଳନ କରେ, କିନ୍ତୁ ଯଦି କୌଣସି ଦେଶ ପରମାଣୁ ଧମକ ଦିଏ, ତେବେ ଭାରତ ମୁଣ୍ଡ ନୁଆଁଇବ ନାହିଁ। ଅପରେସନ ସିନ୍ଦୂର ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି, ଭାରତୀୟ ସେନା ପୁଣିଥରେ ବିଶ୍ୱ ସମ୍ମୁଖରେ ନିଜର ଶକ୍ତି ଏବଂ ସାହସ ପ୍ରଦର୍ଶନ କରିଛି। ଆଜିର ଭାରତ ପ୍ରତ୍ୟେକ ଚ୍ୟାଲେଞ୍ଜର ଦୃଢ଼ ଜବାବ ଦେବା ପାଇଁ ସକ୍ଷମ ଏବଂ ଆତ୍ମବିଶ୍ୱାସୀ ରାଷ୍ଟ୍ର ପାଲଟିଛି।

# ପୂର୍ବ କଙ୍ଗୋରେ ଇବୋଲା ମୃତ୍ୟୁ ୧୩୧ ଛୁଇଁଲା

କିଙ୍ଗସାସା : ସରକାରଙ୍କ ବିଳମ୍ବ ପ୍ରତିକ୍ରିୟା ବିଷୟରେ ବିବରଣୀ ପ୍ରକାଶ ପାଇବା ପରେ କଙ୍ଗୋ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଙ୍ଗଳବାର ଦିନ କହିଛି ଯେ, ପୂର୍ବ କଙ୍ଗୋରେ ଇବୋଲା ୧୩୧ ଜଣଙ୍କର ମୃତ୍ୟୁ ଘଟିଛି। ୫୧୩ ସନ୍ଦିଗ୍ଧ ମାମଲା ରିପୋର୍ଟ କରାଯାଇଛି ବୋଲି ଜନସ୍ୱାସ୍ଥ୍ୟ ମନ୍ତ୍ରୀ ସାମୁଏଲ୍ ରୋଜର କାମ୍ବା କହିଛନ୍ତି। ଏଗୁଡ଼ିକ ସନ୍ଦେହଜନକ ମୃତ୍ୟୁ, ଏବଂ କେଉଁଗୁଡ଼ିକ ପ୍ରକୃତରେ ଏହି ରୋଗ ସହିତ ଜଡିତ ତାହା ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଚାଲିଛି। ରବିବାର ଦିନ ଡବ୍ଲ୍ୟୁଏଚ୍ଓ ଇବୋଲା ପ୍ରକୋପକୁ ଅନ୍ତର୍ଜାତୀୟ ଚିନ୍ତାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲା। ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ କହିଛନ୍ତି ଯେ ଶୁକ୍ରବାର ଦିନ ପ୍ରଥମେ ନିଶ୍ଚିତ ହୋଇଥିବା ବର୍ତ୍ତମାନର ପ୍ରକୋପ ବୁଣ୍ଡିବୁଗ୍ୟୋ ଭାଇରସ ଯୋଗୁଁ ହୋଇଛି, ଏହା ଇବୋଲା ରୋଗର ଏକ ବିରଳ ଭାରିଆଣ୍ଟ ଯାହାର କୌଣସି ଅନୁମୋଦିତ ଚିକିତ୍ସା କିମ୍ବା ଟୀକା ନାହିଁ। କଙ୍ଗୋ ଏବଂ ଉଗାଣ୍ଡାରେ ୨୦ ରୁ ଅଧିକ ଥର ଇବୋଲା ସଂକ୍ରମଣ ଘଟିଛି।



ତେବେ ତୃତୀୟ ଥର ପାଇଁ ଏହା ବୁଣ୍ଡିବୁଗ୍ୟୋ ଭାଇରସ ବୋଲି ଚିହ୍ନଟ ହୋଇଛି। ଉତ୍ତର କିଭୁର ବିଦ୍ରୋହୀ ରାଜଧାନୀ ଗୋମା, ମୋଙ୍ଗବାଲୁ, ବୁଟେମ୍ବୋ ଏବଂ ନାଇକୁଣ୍ଡେରେ ବୁନିଆରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟସସ୍ ମଙ୍ଗଳବାର ଦିନ ଜେନେଭାରେ କହିଛନ୍ତି ଯେ ସେ ମହାମାରୀ ଦ୍ରୁତ ସଂକ୍ରମଣ ନେଇ ଚିନ୍ତିତ। ପରାମର୍ଶ ଦେବା ପାଇଁ ଜାତିସଂଘ ସ୍ୱାସ୍ଥ୍ୟ ସଂସ୍ଥା ଜରୁରୀକାଳୀନ କମିଟି ବୈଠକ ଡାକିବ।

### ପଞ୍ଜାବ ଜନଗଣନା ସମ୍ପର୍କିତ ଅଭିଯୋଗ

# ଜାତୀୟ ଅନୁସୂଚିତ ଜାତି କମିଶନଙ୍କ ନୋଟିସ୍ ଜାରି

ନୂଆଦିଲ୍ଲୀ : ପଞ୍ଜାବରେ ଆଗାମୀ ଜନଗଣନା ସମୟରେ ଅନୁସୂଚିତ ଜାତି ତାଲିକାରେ ଆପତ୍ତିଜନକ/ ଅପମାନଜନକ ଶବ୍ଦ ବ୍ୟବହାର ସମ୍ପର୍କରେ ଏକ ଅଭିଯୋଗକୁ ଜାତୀୟ ଅନୁସୂଚିତ ଜାତି କମିଶନ ଗମ୍ଭୀରତାର ସହ ଗ୍ରହଣ କରିଛି। ଏହି ଅଭିଯୋଗ ଜାତୀୟ ସଫାଇ କର୍ମଚାରୀ କମିଶନର ଉପାଧ୍ୟକ୍ଷ ହରଦୀପ ସିଂହ ଗିଲ୍ ଜାତୀୟ ଅନୁସୂଚିତ ଜାତି କମିଶନର ଅଧ୍ୟକ୍ଷ କିଶୋର ମକୱାନାଙ୍କ ନିକଟରେ ଦାଖଲ କରିଛନ୍ତି। ଅଭିଯୋଗପତ୍ରରେ କୁହାଯାଇଛି ଯେ ଜନଗଣନା ପ୍ରକ୍ରିୟା ସମୟରେ ବାଲ୍ମୀକି ସମ୍ପ୍ରଦାୟ ସମ୍ପର୍କରେ ଅପମାନଜନକ ଶବ୍ଦ ବ୍ୟବହାର ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ମାମଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି, କମିଶନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକୁ ନୋଟିସ୍ ଜାରି କରିଛନ୍ତି। ଜାତୀୟ ଅନୁସୂଚିତ ଜାତି କମିଶନ ପଞ୍ଜାବର ଜନଗଣନା କାର୍ଯ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏବଂ ପଞ୍ଜାବ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ଏବଂ ସଂଖ୍ୟାଲଘୁ ବିଭାଗର ପ୍ରମୁଖ ସଚିବଙ୍କୁ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଅନୁସୂଚିତ ଜାତି କମିଶନର ଅଧ୍ୟକ୍ଷ କିଶୋର ମକୱାନା ସ୍ପଷ୍ଟ କରିଛନ୍ତି ଯେ ଅନୁସୂଚିତ ଜାତିର ସମ୍ମାନ, ଅଧିକାର ଏବଂ ମର୍ଯ୍ୟାଦା ରକ୍ଷା କରିବା କମିଶନର ସର୍ବୋଚ୍ଚ ପ୍ରାଥମିକତା। ରିପୋର୍ଟ ଏବଂ ଏହି ବିଷୟରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଆଧାରରେ କମିଶନ ଆହୁରି ଆବଶ୍ୟକୀୟ ପଦକ୍ଷେପ ନେବେ।

### ♦ ନାଳନ୍ଦା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ ♦

# ଶିକ୍ଷା ବିଚାର, ଚରିତ୍ର ଏବଂ ନୈତିକ ଦାୟିତ୍ୱର ବିକଶିତ କରିଥାଏ : ଡକ୍ଟର ପି. କେ. ମିଶ୍ର

ପାଟନା : ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି. କେ. ମିଶ୍ର ଆଜି ବିହାରର ରାଜଗିରଠାରେ ନାଳନ୍ଦା ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ଉଦବୋଧନ ଦେଇଥିଲେ। ସେ ୧୪ଟି ରାଷ୍ଟ୍ରର ପ୍ରତିନିଧିତ୍ୱ କରୁଥିବା ୨୨୧ ସ୍ନାତକଙ୍କୁ ଅଭିନନ୍ଦନ ଜଣାଇଥିଲେ, ସେମାନଙ୍କ ଶିକ୍ଷାଗତ ସଫଳତାକୁ କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ଉପରେ ନିର୍ମିତ ଏକ ମାଇଲଖୁଣ୍ଟ ଭାବରେ ଚିହ୍ନିତ କରିଥିଲେ। ପ୍ରାଚୀନ ନାଳନ୍ଦା ମହାବିହାରକୁ ଇତିହାସର ସର୍ବୋତ୍ତମ ଶିକ୍ଷା କେନ୍ଦ୍ର ମଧ୍ୟରୁ ଗୋଟିଏ ଭାବରେ ସ୍ୱୀକାର କରି ଡକ୍ଟର ମିଶ୍ର କହିଥିଲେ ଯେ "ଏପରି ବିଶ୍ୱବିଦ୍ୟାଳୟ ଅଛି ଯାହା ପ୍ରତିଷ୍ଠାନ। ଏବଂ ତା'ପରେ ଏପରି ବିଶ୍ୱବିଦ୍ୟାଳୟ ଅଛି ଯାହା ସଭ୍ୟତାର ପ୍ରତୀକ। ନାଳନ୍ଦା ପରବର୍ତ୍ତୀ ବର୍ଗର ଅଟେ"। ଏହି ଅଞ୍ଚଳର ଐତିହାସିକ ଏବଂ ଭୌଗୋଳିକ ଗୁରୁତ୍ୱ ଉପରେ ଆଲୋକପାତ କରି, ଡକ୍ଟର ମିଶ୍ର ନାଳନ୍ଦାର ମୂଳ ଦର୍ଶନକୁ ଗୁରୁତ୍ୱାରୋପ କରିଥିଲେ ଯେ ଜ୍ଞାନ ଆଲୋଚନା ପାଇଁ ଖୋଲା ରହିବା ଉଚିତ, ବିଭିନ୍ନ ବିଷୟ ମଧ୍ୟରେ ସଂଯୁକ୍ତ ହେବା ଉଚିତ ଏବଂ ମାନବତାର ବୃହତ କଲ୍ୟାଣ ପାଇଁ ନିର୍ଦ୍ଦେଶିତ ହେବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦଘାଟିତ ବିଶ୍ୱବିଦ୍ୟାଳୟର ନୂତନ ନେଟ୍ ଜିରୋ କ୍ୟାମ୍ପସକୁ ସେ ପ୍ରଶଂସା କରିଥିଲେ, ଯେଉଁଠାରେ ଭଗବାନ ବୁଦ୍ଧ ଜ୍ଞାନ ଲାଭ କରିଥିଲେ। ଡକ୍ଟର ମିଶ୍ର କହିଥିଲେ ଯେ "ପ୍ରକୃତରେ, ସମଗ୍ର ଏସୀୟ ମହାଦେଶ ଭଗବାନ ବୁଦ୍ଧଙ୍କ ଶିକ୍ଷାରୁ ବହୁତ ଲାଭ ପାଇଛି। ମୁଁ ନିଶ୍ଚିତ, ଏହି ମହାନ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ମହାଦେଶଗୁଡିକରେ ବହୁ ଦୂରକୁ ବ୍ୟାପିବ"। ବର୍ତ୍ତମାନର ଯୁଗର ବ୍ୟାପକ ପରିପ୍ରେକ୍ଷୀକୁ ସମ୍ବୋଧିତ କରି ଡକ୍ଟର ମିଶ୍ର ୨୧ ଶତାବ୍ଦୀର ବିରୋଧାଭାସକୁ ସୂଚାଇଥିଲେ, ଯେଉଁଠାରେ ମାନବଜାତି କୃତ୍ରିମ ବୁଦ୍ଧିମତ୍ତା, ଜୈବ ପ୍ରଯୁକ୍ତିବିଦ୍ୟା ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂରେ ଅଭୂତପୂର୍ବ ପ୍ରଯୁକ୍ତିବିଦ୍ୟା କ୍ଷମତା ରଖିଛି। ତଥାପି, ଏହି ସମୟ ଜଳବାୟୁ ପରିବର୍ତ୍ତନ, ଭୂରାଜନୈତିକ ଦ୍ୱନ୍ଦ୍ୱ ଏବଂ ବଢୁଥିବା ସାମାଜିକ ଧ୍ରୁବୀକରଣ ସମେତ ଗଭୀର ଅନିଶ୍ଚିତତା ସହିତ ମଧ୍ୟ ମେଳ ଖାଉଛି।

# ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ବିସି ଖଣ୍ଡୁରୀଙ୍କ ପରଲୋକ



ଡେରାଡୁନ : ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅବସରପ୍ରାପ୍ତ ମେଜର ଜେନେରାଲ ଭୁବନ ଚନ୍ଦ୍ର ଖଣ୍ଡୁରୀଙ୍କ ମଙ୍ଗଳବାର ଦିନ ଡେରାଡୁନର ମ୍ୟାକ୍ସ ହସ୍ପିଟାଲରେ ଦେହାନ୍ତ ଘଟିଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଚିକିତ୍ସା ପାଇଁ ତାଙ୍କୁ ଡେରାଡୁନର ମ୍ୟାକ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ଦୁଇଥର ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଭୁବନ ଚନ୍ଦ୍ର ଖଣ୍ଡୁରୀ ସେନାରୁ ରାଜନୀତିରେ ପ୍ରବେଶ କରିଥିଲେ ଏବଂ ୨୦୦୭ ରୁ ୨୦୦୯ ଏବଂ ୨୦୧୧ ରୁ ୨୦୧୨ ପର୍ଯ୍ୟନ୍ତ ଦୁଇଥର ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ସେ ଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଏବଂ ରାଜ୍ୟରେ ଏକ ସ୍ୱଚ୍ଛ ତଥା ଶୃଙ୍ଖଳିତ ପ୍ରଶାସନର ମୂଳଦୁଆ ସ୍ଥାପନ କରିଥିଲେ। ସେ ଗଢ଼ୱାଲ ସଂସଦୀୟ କ୍ଷେତ୍ରରୁ ୧୬ତମ ଲୋକସଭାର ସଦସ୍ୟ ମଧ୍ୟ ଥିଲେ। ସେ ସେନାରୁ ଅବସର ନେବା ପରେ ରାଜନୀତିରେ ପ୍ରବେଶ କରିଥିଲେ। ତାଙ୍କ ଝିଅ ଋତୁ ଭୂଷଣ ଖଣ୍ଡୁରୀ ବର୍ତ୍ତମାନ ଉତ୍ତରାଖଣ୍ଡ ବିଧାନସଭାର ବାଚସ୍ପତି ଅଛନ୍ତି।

### ଲଗାତାର ୩ ଦିନ ଧରି ଟ୍ରେନ୍ ଦୁର୍ଘଟଣା

# ଋଷିକେଶରେ ଟଳିଲା ଏକ ବଡ଼ ଅଘଟଣ



ଉଜ୍ଜୟିନୀ: ଦେଶରେ ଲଗାତାର ତିନିଦିନ ଧରି ଟ୍ରେନ୍ ଦୁର୍ଘଟଣା ଘଟିବାରେ ଲାଗିଛି। ଋଷିକେଶର ଯୋଗନଗରୀ ରେଳ ଷ୍ଟେସନରେ ମଙ୍ଗଳବାର ସକାଳେ ଉଜ୍ଜୟିନୀ ଏକ୍ସପ୍ରେସ୍ ଏହାର ପରବର୍ତ୍ତୀ ଯାତ୍ରା ପାଇଁ ପ୍ରସ୍ତୁତ ହେଉଥିଲା। ଷ୍ଟେସନରୁ ଅଳ୍ପ ଦୂରରେ, ଖଣ୍ଡ ଗାଁ ନିକଟରେ ପୂର୍ବାହ୍ନ ସାଢ଼େ ୯ଟା ସମୟରେ ରକ୍ଷଣାବେକ୍ଷଣ ୟାର୍ଡରେ ଟ୍ରେନ୍କୁ ଅଟକାଯାଇଥିଲା। ଟ୍ରେନକୁ ସଫା କରିବା, ରକ୍ଷଣାବେକ୍ଷଣ କରିବା ଏବଂ ପୁନଃପଥ ପରିବର୍ତ୍ତନ କରିବା ପାଇଁ ୟାର୍ଡକୁ ସ୍ଥାନାନ୍ତରିତ କରାଯାଇଥିଲା। ହଠାତ୍ ଖାଲି ଟ୍ରେନ୍ଟି ଗତି ଉପରେ ନିୟନ୍ତ୍ରଣ ହରାଇ ଲାଇନଚ୍ୟୁତ ହୋଇଥିଲା। ଏହା ଦ୍ୱାରା ୩ ବଗି କ୍ଷତିଗ୍ରସ୍ତ ହୋଇଛି। ଟ୍ରେନ୍ର ବେଗ ଏତେ ଅଧିକ ଥିଲା ଯେ ଏହା ୱାସିଂ ଲାଇନର ଶେଷ ଭାଗରେ ଥିବା ବଫର ଷ୍ଟପ୍ ଭେଦ କରିଦେଇଥିଲା।

## ଉଜ୍ଜୟିନୀ ଏକ୍ସପ୍ରେସ ଲାଇନଚ୍ୟୁତ

କୋଚ୍ ଭିତରେ କୌଣସି ଯାତ୍ରୀ କିମ୍ବା କର୍ମଚାରୀ ନଥିଲେ, ନଚେତ୍ ଏହି ଘଟଣା ଏକ ବଡ଼ ମାନବିକ ଦୁଃଖଦ ଘଟଣା ପାଲଟିଥାନ୍ତା ବୋଲି କୁହାଯାଉଛି। ଦୁର୍ଘଟଣାର ଖବର ପାଇବା ମାତ୍ରେ ରେଳବାଇ ପୁଲିସ, ରେଳବାଇ ସୁରକ୍ଷା ବଳ ଏବଂ ସ୍ଥାନୀୟ ପୁଲିସର ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣାର ବିବରଣୀ ଦେଇ ଜିଆରପି ପୁଲିସ ଅଧୀକ୍ଷକ ଅରୁଣା ଭାରତୀ କହିଛନ୍ତି ଯେ, ମଙ୍ଗଳବାର ଯାତ୍ରା ପାଇଁ ଲୋକୋ ପାଇଲଟ୍ ଟ୍ରାକ୍ ବଦଳାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ପ୍ରାରମ୍ଭିକ ତଦନ୍ତରୁ ବ୍ରେକ୍ ସିଷ୍ଟମ୍ ବିଫଳତା କିମ୍ବା ଏକ ଗୁରୁତର ଯାନ୍ତ୍ରିକ ତ୍ରୁଟି ସୂଚିତ ହେଉଛି। ତଥାପି, ବିଭାଗ ମହଲରେ ଏହା ମଧ୍ୟ ଆଲୋଚନା ହେଉଛି ଯେ ଦୁର୍ଘଟଣାଟି ଲୋକୋ ପାଇଲଟଙ୍କ ଅବହେଳାର ପରିଣାମ ହୋଇପାରେ।

# ପୁଟିନଙ୍କ ବେଜିଂ ଗସ୍ତ : ଚୀନ୍ ପାଲଟୁଛି ବିଶ୍ୱ ମଧ୍ୟସ୍ଥି

ବେଜିଂ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚୀନ୍ ଗସ୍ତର ତୁରନ୍ତ ପରେ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ବେଜିଂରେ ପହଞ୍ଚୁଛନ୍ତି। ମେ' ୧୯ ଏବଂ ୨୦ରେ ପୁଟିନଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଦୁଇଦିନିଆ ଗସ୍ତ ୱାଶିଂଟନ୍ ଏବଂ ପଶ୍ଚିମ ଦେଶଗୁଡ଼ିକୁ ଏକ ସିଧାସଳଖ ବାର୍ତ୍ତା ଯେ, ଚାପ ସତ୍ତ୍ୱେ ସେମାନଙ୍କର ସହଭାଗୀତା ଅକ୍ଷୁର୍ଣ୍ଣ ରହିଛି। କ୍ରେମଲିନ୍ ଏହା ମଧ୍ୟ ସ୍ପଷ୍ଟ କରିଛି, ଏହି ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଗସ୍ତରୁ ସକାରାତ୍ମକ ଆଶା ଅଛି। ଉଭୟ ଦେଶ ଏବେ ସେମାନଙ୍କର ସୁବିଧାପ୍ରାପ୍ତ ସହଭାଗୀତାକୁ ଏକ ସମ୍ପୂର୍ଣ୍ଣ ନୂତନ ଏବଂ ବୃହତ ସ୍ତରକୁ ନେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଗତ କିଛି ବର୍ଷ ମଧ୍ୟରେ ପୁଟିନ ଏବଂ ସି ଜିନପିଙ୍ଗ ୪୦ ରୁ ଅଧିକ ଥର ସାକ୍ଷାତ କରିଛନ୍ତି। ଏହି ଗସ୍ତ ଏପରି ଏକ ସମୟରେ ହେଉଛି ଯେତେବେଳେ ୟୁକ୍ରେନ ଯୁଦ୍ଧ ଯୋଗୁଁ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷ ଉପରେ କଠୋର ଆର୍ଥିକ କଟକଣା ଲଗାଇଛନ୍ତି।

# ସୁଧୁରିଲାଣି ହର୍ମୁଜ୍ ସ୍ଥିତି : ଜାହାଜ ଚଳାଚଳ ସ୍ୱାଭାବିକ

ତେହେରାନ: ଧୀରେ ଧୀରେ ହର୍ମୁଜ ସ୍ଥିତି ସୁଧୁରିବାରେ ଲାଗିଛି। ଇରାନ ଏବଂ ଆମେରିକା ମଧ୍ୟରେ ବିବାଦ ଜାରି ରହିଥିଲେ ମଧ୍ୟ ଏହି ସାମୁଦ୍ରିକ ମାର୍ଗ ଦେଇ ଜାହାଜ ଚଳାଚଳ ବଢ଼ିବାରେ ଲାଗିଛି। ସାମୁଦ୍ରିକ ଟ୍ରାକିଂ ଫାର୍ମ କେପ୍ଲରର ତଥ୍ୟ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀ ଦେଇ ଯାତାୟାତ ପ୍ରତି ସପ୍ତାହରେ ୫୫ ପଣ୍ୟ ଜାହାଜକୁ ପୁନର୍ବାର ବୃଦ୍ଧି ପାଇଛି। ଯୁଦ୍ଧ ସମୟରେ ସର୍ବନିମ୍ନ ୧୯ ଜାହାଜ ପ୍ରଣାଳୀ ଦେଇ ଚଳାଚଳ କରୁଥିଲେ। ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ଇରାନ ଉପରେ ଆକ୍ରମଣ କରିବା ଫଳରେ ଜାହାଜ ପରିବହନରେ ବଡ଼ ବାଧା ସୃଷ୍ଟି ହୋଇଥିଲା, ତେହେରାନ ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିଥିଲା ଏବଂ ବିଶ୍ୱ ଶକ୍ତି ବଜାରରେ ବ୍ୟାପକ ବାଧା ସୃଷ୍ଟି କରିଥିଲା। ମେ ୧୧ ରୁ ମେ ୧୭ ମଧ୍ୟରେ ରେକର୍ଡ ହୋଇଥିବା ଏହି ବୃଦ୍ଧି, ଯୁଦ୍ଧ ଆରମ୍ଭ ପରଠାରୁ ଦେଖାଯାଇଥିବା ହାରାହାରି ପରିବହନ କାର୍ଯ୍ୟକଳାପକୁ ବଢ଼ାଇଛି। ଇରାନର ସରକାରୀ ଗଣମାଧ୍ୟମ କହିଛି ଯେ ରିଭୋଲ୍ୟୁସନାରୀ ଗାର୍ଡମାନେ ସମ୍ପ୍ରତି ଜଳପଥ ଦେଇ ଅଧିକ ଜାହାଜକୁ ଯିବାକୁ ଅନୁମତି ଦେଇଛନ୍ତି। ସପ୍ତାହର ଆରମ୍ଭରେ



ଗୋଟିଏ ଦିନରେ ୩୦ରୁ ଅଧିକ ଜାହାଜକୁ ଅନୁମତି ଦିଆଯାଇଥିଲା। ଅଧିକାରୀମାନେ କହିଛନ୍ତି, ସାମୁଦ୍ରିକ ଯାତାୟାତ ସମ୍ପୂର୍ଣ୍ଣ ଭାବରେ ଯୁଦ୍ଧ ପୂର୍ବର ମାନଦଣ୍ଡକୁ ଫେରିବ ନାହିଁ। କେପ୍ଲର ତଥ୍ୟ ଅନୁଯାୟୀ, ଗତ ସପ୍ତାହରେ ପାର ହେଉଥିବା ୫୫ଟି ଜାହାଜରେ ଅଧିକ କାର୍ଗୋ ଥିଲା। ପ୍ରାୟ ଅଧାରୁ ଅଧିକ ଜାହାଜ ତରଳ ପଦାର୍ଥ ବୋହି ନେଉଥିଲେ। ସେମାନଙ୍କ ମଧ୍ୟରେ ତିନୋଟି ବଡ଼ ଅଶୋଧିତ ବାହକ ମଧ୍ୟ ଥିଲେ। ସେସବୁ ଚୀନ୍, ଓମାନ ଏବଂ ଜାପାନକୁ ଯାଉଥିବା ଜଣାପଡ଼ିଥିଲା। ସେହିପରି ୧୫ଟି ଡ୍ରାଏ ବଲ୍କ ଜାହାଜ ଏବଂ ୧୬ଟି ତରଳ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍ପିଜି) ଟ୍ୟାଙ୍କର୍ ମଧ୍ୟ ପ୍ରଣାଳୀ ଦେଇ ପରିବହନ କରିଥିବା ରିପୋର୍ଟରେ ଦର୍ଶାଯାଇଛି। ମାର୍ଚ୍ଚ ୧ ତାରିଖରୁ, ମୋଟ ୬୬୩ଟି ପଣ୍ୟ ଜାହାଜ ଏହି ପ୍ରଣାଳୀ ଦେଇ ଗତି କରିଛି। ସାଧାରଣ ସମୟରେ, ଏହି ଜଳପଥ ବିଶ୍ୱ ତୈଳ ଏବଂ ଏଲଏନ୍ଜି ପରିବହନର ପ୍ରାୟ ଏକ-ପଞ୍ଚମାଂଶ ପରିଚାଳନା କରିଥାଏ। ଇରାନ ମଧ୍ୟ ଏହି ପ୍ରଣାଳୀର ତଦାରଖ କଡ଼ାକଡ଼ି କରିବାକୁ ପଦକ୍ଷେପ ନେଇଛି, କାର୍ଯ୍ୟ ପରିଚାଳନା ଏବଂ ଯାତାୟାତ କରୁଥିବା ଜାହାଜଗୁଡ଼ିକ ଉପରେ ଶୁଳ୍କ ଆଦାୟ ପାଇଁ ଏକ ନୂତନ ସଂସ୍ଥା ଗଠନ ଘୋଷଣା କରିଛି, ଯାହା ବିଶ୍ୱ ପରିବହନ ବଜାରରେ ଅନିଶ୍ଚିତତାକୁ ବଢ଼ାଇଛି। ଇରାନ 'ହର୍ମୁଜ୍ ସେଫ୍' ଆରମ୍ଭ କରିଛି, ଯାହା ଏକ ବିଟକଏନ୍-ସମର୍ଥିତ ବୀମା ସେବା। ଯେଉଁମାନେ ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ କରିବାକୁ ଚାହାଁନ୍ତି ସେମାନେ ଏହି ସେବା ଉପଲବ୍ଧ କରିପାରିବେ।

# ଦିଲ୍ଲୀରେ ଉତ୍କଳୀୟ ସନ୍ଥ ସମାଗମ

ନୂଆଦିଲ୍ଲୀ : ନୂଆଦିଲ୍ଲୀରେ ରାମକୃଷ୍ଣ ମିଶନ ସଭାଗାରରେ ଭାରତୀୟ ସନ୍ଥ ମହାପରିଷଦର ମହା ଅଧିବେଶନରେ ପ୍ରାୟ ତିରିଶ ଜଣରୁ ଉର୍ଦ୍ଧ ଉତ୍କଳୀୟ ସନ୍ଥ ଯୋଗ ଦେଇଥିଲେ । ଏହି ଅଧିବେଶନରେ ଭାରତ ତଥା ଅନ୍ୟ ଅନେକ ଦେଶର ସନାତନୀ ସାଧୁ ସନ୍ଥମାନେ ଯୋଗଦେଇ ଭାରତୀୟ ଜୀବନଧାରା, ଶିକ୍ଷା ଏବଂ ସାମାଜିକ ଚଳଣୀରେ ଭାରତୀୟ ପରମ୍ପରା, ନୈତିକ ମୂଲ୍ୟବୋଧ ସହିତ ଯେଉଁ ମହାନ ଜୀବନଶୈଳି ପାଇଁ ଭାରତ ଦିନେ ବିଶ୍ୱବିଦିତ ଥିଲା ତାକୁ ସାଧାରଣ ଜୀବନରେ ପାଳନ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ଗୋ ରକ୍ଷା ସମେତ ଶିକ୍ଷାରେ ଭାରତୀୟ ମୂଲ୍ୟବୋଧକୁ ସାମିଲ କରିବାକୁ କେନ୍ଦ୍ର ସରକାରଙ୍କୁ ସନ୍ଥମାନେ ପରାମର୍ଶ ଦେଇଥିଲେ । ଏହି ଅଧିବେଶନ ପାଇଁ ଓଡ଼ିଶାରୁ ପ୍ରାୟ ତିରିଶ ଜଣ ସନ୍ଥ ସାମିଲ ହୋଇ ଶ୍ରୀଜଗନ୍ନାଥ ସଂସ୍କୃତିର ମହନୀୟତା ପ୍ରତିପାଦନ କରିଥିଲେ । ଏକକାଳିନ ଏତେ ସଂଖ୍ୟାରେ ଓଡ଼ିଆ ସନ୍ଥମାନଙ୍କ ସମାଗମକୁ ଅପୂର୍ବ ସୁଯୋଗ ଭାବେ ଗ୍ରହଣ କରି ହାଉଜଖାସ ଶ୍ରୀଜଗନ୍ନାଥ ମନ୍ଦିର ପକ୍ଷରୁ ଉତ୍କଳୀୟ ସନ୍ଥମାନଙ୍କୁ ସସମ୍ମାନେ ଆମନ୍ତ୍ରୀତ କରାଯାଇ ସେମାନଙ୍କ ଆଶୀର୍ବାଦ ଏବଂ ଆଧାତ୍ମିକ ମାର୍ଗଦର୍ଶନ ଲୋଡା ଯାଇଥିଲା ।



# ଦୁବାଇ ଚାମ୍ବର ଅଫ୍ କମର୍ସରେ ୩୯୯୫ ଭାରତୀୟ କମ୍ପାନୀ ସାମିଲ

ନୂଆଦିଲ୍ଲୀ : ଚଳିତ ବର୍ଷର ପ୍ରଥମ ତ୍ରୈମାସିକରେ ୩୯୯୫ଟି ଭାରତୀୟ କମ୍ପାନୀ ଦୁବାଇ ଚାମ୍ବର ଅଫ୍ କମର୍ସରେ ଯୋଗ ଦେଇଛନ୍ତି । ଏହା ଏକ ଜଟିଳ ଆନ୍ତର୍ଜାତୀୟ ବ୍ୟବସାୟିକ ପରିବେଶ ମଧ୍ୟରେ ଭାରତ ଓ ଦୁବାଇ ମଧ୍ୟରେ ଗଭୀର ଅର୍ଥନୈତିକ ଓ ବ୍ୟବସାୟିକ ସମ୍ପର୍କକୁ ସୂଚିତ କରୁଛି । ଦୁବାଇ ଚାମ୍ବର ଅଫ୍ କମର୍ସର ସକ୍ରିୟ ସଦସ୍ୟଭାବେ ପଞ୍ଜୀକରଣ କରାଇଥିବା ମୋଟ ଭାରତୀୟ କମ୍ପାନୀ ସଂଖ୍ୟା ମାର୍ଚ୍ଚ ୨୦୨୬ ସୁଦ୍ଧା ୮୪,୦୮୮ରେ ପହଂଚିଛି, ଯାହା ଦୁବାଇରେ ସର୍ବବୃହତ ବୈଦେଶିକ ବ୍ୟବସାୟ ସମୁଦାୟ ଭାରତର ସ୍ଥିତିକୁ ମଜବୁତ କରିଛି । ଏହି ନିରନ୍ତର ଅଭିବୃଦ୍ଧି ବ୍ୟବସାୟ ନିରନ୍ତରତା, ଆନ୍ତର୍ଜାତୀୟ ସମ୍ପ୍ରସାରଣ ଓ ଦୀର୍ଘକାଳିନ ବିକାଶ ପାଇଁ ଏକ ବିଶ୍ୱସ୍ତ କେନ୍ଦ୍ର ଭାବେ ଦୁବାଇରେ ଭାରତୀୟ ବ୍ୟବସାୟଗୁଡିକର ବଢୁଥିବା ଆତ୍ମବିଶ୍ୱାସକୁ ପ୍ରତିଫଳନ କରୁଛି । ଏସମ୍ପର୍କରେ ଦୁବାଇ ଚାମ୍ବର୍ସର ଅଧ୍ୟକ୍ଷ ଓ ସିଇଓ ଏଚ.ଇ. ମହମ୍ମଦ ଅଲୀ ରସିଦ ଲୁତାହ କହିଛନ୍ତି, ଭାରତୀୟ ବ୍ୟବସାୟଗୁଡିକର ନିରନ୍ତର ଅଭିବୃଦ୍ଧି, ଦୀର୍ଘକାଳିନ ସଫଳତା ପାଇଁ ଏକ ପ୍ଲାଟଫର୍ମ ଭାବେ ଦୁବାଇ ଉପରେ ସେମାନେ ଦେଖାଉଥିବା ବିଶ୍ୱାସକୁ ସୂଚିତ କରୁଛି । ବିଶ୍ୱ ପରିସ୍ଥିତି ପରିବର୍ତ୍ତନ ହେଲେ ମଧ୍ୟ ଏମିରେଟ କମ୍ପାନୀଗୁଡିକୁ ଆତ୍ମବିଶ୍ୱାସର ସହ ଆଗକୁ ବଢିବା ପାଇଁ ଆବଶ୍ୟକ ଭିତ୍ତିଭୂମି, ଦୃଢତା ଓ ସଂଯୋଗ ପ୍ରଦାନ କରୁଛି । ଜୟଆଲୁକ୍କାସ ଗ୍ରୁପର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡଃ ଜୟ ଆଲୁକ୍କାସ କହିଛନ୍ତି, ବିଶ୍ୱ ପରିଦୃଶ୍ୟରେ ପ୍ରତ୍ୟେକ ସଙ୍କଟ ଓ ପରିବର୍ତ୍ତନ ସମୟରେ ୟୁଏଇ ସରକାର ବ୍ୟବସାୟ ସମୁଦାୟ ସହ କାନ୍ଧରେ କାନ୍ଧ ମିଳାଇ ଛିଡା ହୋଇଛନ୍ତି, ନିରନ୍ତରତା, ସୁରକ୍ଷା, ସ୍ୱଚ୍ଛତା ଓ ଦୃଢ ସହଯୋଗ ପ୍ରଦାନ କରିଛନ୍ତି । ଇଣ୍ଡିଆନ ବିଜନେସ୍ ଆଣ୍ଡ ପ୍ରଫେସ୍ନାଲ କାଉନ୍ସିଲର ଅଧ୍ୟକ୍ଷ ସିଦ୍ଧାର୍ଥ ବାଲାଚନ୍ଦ୍ରନ କହିଛନ୍ତି, ବର୍ତମାନର ପରିବର୍ତିତ ଓ ବିଶୃଙ୍ଖଳିତ ବିଶ୍ୱରେ ଦୁବାଇ ଏକ ବିରଳ "ନିରନ୍ତରତା' । ଦୁବାଇ ଓ୍ୟୁଏଇର ଭବିଷ୍ୟତମୁଖୀ ନୀତିଗୁଡିକରେ ମୋର ବିଶ୍ୱାସ ରହିଛି, ଯାହା ଏକ ନିମ୍ନ-ଉର୍ଦ୍ଧ୍ୱର୍ ଆଭିମୁଖ୍ୟ ଉପରେ ଆଧାରିତ ଯେଉଁଠାରେ ସରକାର କ୍ରମାଗତ ଭାବେ ତୃଣମୂଳକ ସ୍ତର ଉପରେ ନଜର ରଖିଥାନ୍ତି । ଆପକର୍ପ ହୋଲ୍ଡିଂର ଅଧ୍ୟକ୍ଷ ଏବଂ ଆପାରେଲ ଗ୍ରୁପର ମାଲିକ ନିଲେଶ ବେଦ କହିଛନ୍ତି, ବିଶ୍ୱବ୍ୟାପୀ ପରିଚାଳନା କରୁଥିବା ଭାରତୀୟ ବ୍ୟବସାୟଗୁଡିକ ପାଇଁ ସୁଯୋଗ ଭଳି ସ୍ଥିରତା ଓ ଦୃଢତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ଦୁବାଇ ଉଭୟ କ୍ଷେତ୍ରରେ ଆଗରେ ରହିଛି ।

# ଆଫଗାନିସ୍ତାନରେ ଅନାହାର ଯନ୍ତ୍ରଣା : ପେଟ ପାଇଁ ପିଲା ବିକ୍ରି

କାବୁଲ : ଆଫଗାନିସ୍ତାନରେ କ୍ଷୁଧା ଏବଂ ଦାରିଦ୍ର୍ୟ ସଙ୍କଟଜନକ ହେବାରେ ଲାଗିଛି। ଜାତିସଂଘ ଅନୁଯାୟୀ, ୪୭ ଲକ୍ଷ ଲୋକ ଅନାହାରରେ ଅଛନ୍ତି। କାମ ଏବଂ ଖାଦ୍ୟର ଅଭାବ ଅନେକ ପରିବାରକୁ ସେମାନଙ୍କ ପିଲାମାନଙ୍କୁ ବିକ୍ରି କରିବାକୁ ବାଧ୍ୟ କରିଛି। ବିଦେଶୀ ସହାୟତା ହ୍ରାସ, ମରୁଡ଼ି ଏବଂ ବେକାରୀ ପରିସ୍ଥିତିକୁ ଆହୁରି ଖରାପ କରିଛି। ଅପପୁଷ୍ଟିର ଶିକାର ଶିଶୁଙ୍କ ହସ୍ପିଟାଲ ମୃତ୍ୟୁ ବୃଦ୍ଧି ପାଉଛି। ଭୋକରେ ଥିବା ଲୋକଙ୍କ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ୧୦% ରୁ ଅଧିକ। ଘୋର ପ୍ରଦେଶରେ ପରିସ୍ଥିତି ବିଶେଷ ଭାବରେ ଭୟଙ୍କର ରହିଛି। ପ୍ରତିଦିନ ସକାଳେ ଶହ ଶହ ଲୋକ କାମ ଖୋଜିବା ପାଇଁ ରାସ୍ତା କଡ଼ରେ ଧାଡ଼ିରେ ଠିଆ



ହେଉଥିବା ଦେଖିବାକୁ ମିଳୁଛି। କିନ୍ତୁ ଅଧିକାଂଶଙ୍କୁ କୌଣସି କାମ ମିଳୁ ନାହିଁ। ବିବିସି ରିପୋର୍ଟ ଅନୁଯାୟୀ ବହୁ ଲୋକଙ୍କୁ ଗତ ଦେଢ଼ ମାସ ମଧ୍ୟରେ ସେ କେବଳ ତିନି ଦିନ କାମ ମିଳିଛି। ଫଳରେ ବହୁ ପରିବାର ରାତି ରାତି ଭୋକିଲା ଶୋଉଛନ୍ତି। ଅଟା କିଣିବା ପାଇଁ ଧାର କରଜ କରିବାକୁ ପଡୁଛି। ଲୋକେ ପାଣି ପିଇ ଭୋକ ମାରିବାକୁ ପ୍ରୟାସ କରୁଛନ୍ତି। ପେଟର ଭୋକ ପାଇଁ ବହୁ ଲୋକ ନିଜ ଛୋଟ ପିଲାଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ପୂର୍ବରୁ, ଆଫଗାନିସ୍ତାନର ଲୋକଙ୍କୁ ବିଦେଶରୁ ଖାଦ୍ୟ ସହାୟତା ମିଳୁଥିଲା, ଯାହା ସେମାନଙ୍କୁ ପିଲାମାନଙ୍କ ପାଇଁ ଅଟା, ତେଲ, ଡାଲି ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଥିଲା। ଆମେରିକା ସମେତ ଅନେକ ଦେଶ ସହାୟତାକୁ ଯଥେଷ୍ଟ ହ୍ରାସ କରିଛନ୍ତି। ଜାତିସଂଘ ଅନୁଯାୟୀ, ୨୦୨୫ ତୁଳନାରେ ଚଳିତ ବର୍ଷ ବିଦେଶୀ ସହାୟତା ୭୦% ହ୍ରାସ ପାଇଛି। ମରୁଡ଼ି, ବେକାରୀ ଏବଂ ମୁଦ୍ରାସ୍ଫୀତି ପରିସ୍ଥିତିକୁ ଆହୁରି ଖରାପ କରିଛି। ଡାକ୍ତରଖାନାରେ କୁପୋଷଣ ଶିଶୁଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅନେକ ନବଜାତ ଶିଶୁ ନିଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରମାନେ କହିଛନ୍ତି ଯେ ଦାରିଦ୍ର୍ୟ ଏବଂ ଔଷଧର ଅଭାବ ଯୋଗୁ ଶିଶୁ ମୃତ୍ୟୁ ବୃଦ୍ଧି ପାଉଛି। ଅନେକ ପରିବାର ଚିକିତ୍ସା ଖର୍ଚ୍ଚ ବହନ କରିପାରୁ ନାହାନ୍ତି, ତେଣୁ ସେମାନେ ସେମାନଙ୍କର ଅସୁସ୍ଥ ପିଲାମାନଙ୍କୁ ଡାକ୍ତରଖାନାରୁ ଘରକୁ ନେଇଯିବାକୁ ବାଧ୍ୟ ହେଉଛନ୍ତି। ଡାକ୍ତର ଏବଂ ନର୍ସମାନେ କହିଛନ୍ତି ଯେ ପ୍ରତିଦିନ ଅନେକ ଶିଶୁ ମୃତ୍ୟୁବରଣ କରୁଛନ୍ତି ଏବଂ ପରିସ୍ଥିତି ଖରାପ ହେବାରେ ଲାଗିଛି।

# ରାଜସ୍ଥାନର ପ୍ଲେ ଅଫ୍ ଆଶା ଜୀବିତ



**ଆଇପିଏଲ ମହାସମର**

ଜୟପୁର, ୧୯।୫(ଏଜେନ୍ସି) : ବୈଭବ ସୂର୍ଯ୍ୟବଂଶୀଙ୍କ ୯୩ ରନର ବିଧ୍ୱଂସୀ ଇନିଂସ ସହ ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲଙ୍କ ସମର୍ଥନ ରାଜସ୍ଥାନ ରୟାଲ୍ସର ପ୍ଲେ ଅଫ ଆଶାକୁ ଜୀବିତ ରଖିଛି । ଚଳିତ ଆଇପିଏଲରେ ରାଜସ୍ଥାନ ରୟାଲ୍ସ ୧୩ ମ୍ୟାଚରୁ ୭ ବିଜୟ ସହ ୧୪ ପଏଣ୍ଟ ହାସଲ କରି ଟେବୁଲର ଚତୁର୍ଥ ସ୍ଥାନକୁ ଉଠିଛି । ଉପର ଆଡୁ ବେଙ୍ଗାଲୁରୁ, ଗୁଜରାଟ ଓ ହାଇଦ୍ରାବାଦ ପ୍ଲେ ଅଫ୍ସରେ ସ୍ଥାନ ପକ୍କା କରିସାରିଛନ୍ତି । ଆଉ ଗୋଟିଏ ସ୍ଥାନ ପାଇଁ ଲଢେଇ ଜାରି ରହିଛି । ପଞ୍ଜାବ ତୁଳନାରେ ରାଜସ୍ଥାନ ଅଧିକ ଦାବିଦାର ରହିଛି । ଜୟପୁରରେ ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନ ୭ ୱିକେଟରେ ଲକ୍ଷ୍ନୌକୁ ଧରାଶାୟୀ କରିଥିଲା । ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ୨୦ ଓଭରରେ ୫ ୱିକେଟ ହରାଇ ୨୨୦ ରନର ବିଶାଳ ସ୍କୋର କରିଥିଲା । ଏହାକୁ ପିଛା କରି ରାଜସ୍ଥାନ ରୟାଲ୍ସ ୧୯.୧ ଓଭରରେ ୨୨୫/୩. ରନ କରି ଲକ୍ଷ୍ୟ ହାସଲ କରିନେଇଛି ।

ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ପକ୍ଷରୁ ମିଚେଲ ମାର୍ସ ସର୍ବାଧିକ ୯୬, ଜୋସ୍ ଇଂଲିସ୍ ୬୦, ନିକୋଲାସ ପୁରନ ୧୬, ରିଷଭ ପନ୍ତ ୩୫ ରନ କରିଥିଲେ । ରାଜସ୍ଥାନର ଯସରାଜ ପୁନଜା ସର୍ବାଧିକ ୨ ୱିକେଟ୍ ଓ ଜୋଫ୍ରା ଆର୍ଚରଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା ।

୨୨୧ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ରାଜସ୍ଥାନ ରୟାଲ୍ସ ପକ୍ଷରୁ ଅଧିନାୟକ ଯଶସ୍ୱୀ ଜୟସ୍ୱାଲ ୨୩ ବଲରୁ ୪୩, ବୈଭବ ସୂର୍ଯ୍ୟବଂଶୀ ୩୮ ବଲରୁ ୭ ଚୌକା ଓ ୧୦ ଛକା ସହାୟତାରେ ୯୩ ରନ କରିଥିଲେ । ଧ୍ରୁବ ଜୁରେଲ୍ ୩୮ ବଲରୁ ୩ ଟି ଲେଖାଏଁ ଚୌକା ଓ ଛକା ମାରି ଅପରାଜିତ ୫୩ ରନ, ଲୁଆନ ଡ୍ରି ପ୍ରିଟୋରିୟସ୍ ୭ ଏବଂ ଡୋନୋଭାନ୍ ଫେରେଇରା ୧୬ ରନ କରି ମ୍ୟାଚ ଶେଷ କରିଥିଲେ ।

## ଆଜିର ମ୍ୟାଚ

- କୋଲକାତା-ମୁମ୍ବାଇ
- ସ୍ଥାନ- ଇଡେନଗାର୍ଡେନ
- ସମୟ- ରାତି ୭.୩୦
- ପ୍ରସାରଣ- ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୧୮ |
| ଗୁଜରାଟ | ୧୩ | ୮ | ୫ | ୧୬ |
| ହାଇଦ୍ରାବାଦ | ୧୩ | ୮ | ୫ | ୧୬ |
| ରାଜସ୍ଥାନ | ୧୩ | ୭ | ୬ | ୧୪ |
| ପଞ୍ଜାବ | ୧୩ | ୬ | ୬ | ୧୩ |
| ଚେନ୍ନାଇ | ୧୩ | ୬ | ୭ | ୧୨ |
| ଦିଲ୍ଲୀ | ୧୩ | ୬ | ୭ | ୧୨ |
| କୋଲକାତା | ୧୨ | ୫ | ୬ | ୧୧ |
| ମୁମ୍ବାଇ | ୧୨ | ୪ | ୮ | ୮ |
| ଲକ୍ଷ୍ନୌ | ୧୩ | ୪ | ୯ | ୮ |

# ସାମି, ଭୁବନେଶ୍ୱରଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ !



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି) : ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ଏବଂ ଦିନିକିଆ ଶୃଙ୍ଖଳା ପାଇଁ ଭାରତୀୟ ଦଳ ଘୋଷଣା ହୋଇସାରିଛି । ଟେଷ୍ଟ ଓ ଦିନିକିଆ ପାଇଁ ଘୋଷଣା ହୋଇଥିବା ଦୁଇଟି ଦଳରେ ଦ୍ରୁତ ବୋଲର ମହମ୍ମଦ ସାମି ଓ ଭୁବନେଶ୍ୱର କୁମାରଙ୍କୁ ସୁଯୋଗ ମିଳିନାହିଁ । ଆଇପିଏଲ ପ୍ରଦର୍ଶନ ଦଳ ଚୟନର ମାପକାଠି ହେବ ବୋଲି ପୂର୍ବରୁ କମିଟି ସୂଚନା ଦେଇଥିଲା । ସାମି ଓ ଭୁବନେଶ୍ୱର ଆଇପିଏଲରେ ପ୍ରଭାବି ପ୍ରଦର୍ଶନ କରିଛନ୍ତି । ସାମି ୧୨ ମ୍ୟାଚରେ ୧୦ ୱିକେଟ୍ ଓ ଭୁବନେଶ୍ୱର ୧୩ ମ୍ୟାଚରେ ୨୪ ୱିକେଟ୍ ନେଇଛନ୍ତି । ଚୟନ କମିଟି ସେମାନଙ୍କୁ ସୁଯୋଗ ନଦେବା ଏହି ଦୁଇ ଦ୍ରୁତ ବୋଲରଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଏକପ୍ରକାର ଶେଷ ହୋଇଯାଇଥିବା ଅନୁମାନ କରାଯାଉଛି । ରବିନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କୁ ବାଦ୍ ଦିଆଯିବା ମଧ୍ୟ ଚକିତ କରିଛି । ଚୟନ କମିଟି ମୁଖ୍ୟ ଅଜିତ୍ ଅଗରକର କହିଛନ୍ତି ଜାଡେଜାଙ୍କୁ ବିଶ୍ରାମ ଦିଆଯାଇଛି । ତେବେ ଦିନିକିଆରେ ଆମେ ତାଙ୍କ ବିକଳ୍ପ ଖେଳାଳି ସନ୍ଧାନରେ ଅଛୁ । ଅକ୍ଷରଙ୍କୁ ବାଦ୍ ଦିଆଯିବା ନେଇ ସେ କିଛି କହିନଥିଲେ ।

# ଜିଲ୍ଲା ଓପନ ଚେସ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାଚେସ ସଙ୍ଘ ଓ ରୋଟାରୀ କ୍ଲବର ମିଳିତ ସହଯୋଗରେ ରୋଟାରୀ କ୍ଲବ ପରିସରରେ ଜିଲ୍ଲା ଓପନ ଚେସ ଚାମ୍ପିଅନସିପ୍ ଆରମ୍ଭ ହୋଇଛି । ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୯ଜଣ ଆନ୍ତର୍ଜାତିକ ମାନ୍ୟତା ପ୍ରାପ୍ତ ଖେଳାଳୀଙ୍କ ସହିତ ୪୫ଜଣ ଖେଳାଳୀ ଅଂଶ ଗ୍ରହଣ କରିଛନ୍ତି । ପ୍ରତିଯୋଗିତାର ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦ୍ରଜିତ ଟପସିଡର ମାନ୍ୟତା ହାସଲ କରିଛନ୍ତି । ଜିଲ୍ଲା ଚେସ ସଙ୍ଘର ଉପସଭାପତି ଡକଫର ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟିତ ଉତ୍ସବରେ ଢେଙ୍କାନାଳ ଚାମ୍ବର ଅଫ କମର୍ସର ସଭାପତି ରାଜେନ୍ଦ୍ର ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ରୋଟାରୀ କ୍ଲବ ସଭାପତି ସାଗରିକା ମିଶ୍ର,ସମ୍ପାଦକ ତପନ କୁମାର ପାଲ,ଏଓସିଏରକାର୍ଯ୍ୟକାରୀ ସଦସ୍ୟ ଅବିନାଶ ଅଚାର୍ଯ୍ୟ ଯୋଗଦେଇଥିଲେ । ଜିଲ୍ଲା ଚେସ ସଙ୍ଘର ସମ୍ପାଦକ ତଥା ଅଲ ଓଡିଶା ଚେସ ସଙ୍ଘର ସମ୍ପାଦକ ଇଂଦେବବ୍ରତ ଭଟ୍ଟ ସଙ୍ଘର କାର୍ଯ୍ୟପନ୍ଥା ସମ୍ବନ୍ଧରେ ସୂଚନା ଦେଇଥିଲେ । ସଦସ୍ୟ ରାଜେନ୍ଦ୍ର ନାରାୟଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଆଜି ଅନୁଷ୍ଠିତ ତୃତୀୟ ରାଉଣ୍ଡ ଖେଳରୁ ପ୍ରଭୁଦତ୍ତ ପଣ୍ଡା,ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦ୍ରଜିତ,ଅଲମାସ ଖାନ, ଅମୃତାଂଶୁ ଭଟ୍ଟ,ବିଶ୍ୱରଞ୍ଜନବେହେରା ୩ପଏଣ୍ଟ ହାସଲକରି ପ୍ରଥମ ସ୍ଥାନରେ ରହିଛନ୍ତି ।ଅଂଶୁମାନ ଭଟ୍ଟ ୨.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ,ସାନଭିଏବଂ ଜାନଭି ମିଶ୍ର,ସାନସାତଭିକ ପ୍ରିୟଦର୍ଶିନୀ,ସିପୁନ ପ୍ରଧାନ,ଆକାଶ କୁମାର ବେହେରା,ଆରୟନ ରାଉତ,ଶୁଭଶ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ,ଦୁଖିଆ ମୁର୍ମୁ,ସୂଜୟଜିତ ସାହୁ,ଇଶାନଆରୟନ ଦାସ,ରେୟାଂଶ ମହାନ୍ତି,ନମନ ସୋମାନୀ,ରୋମାନ କୁମାର ସାହୁ,ଆୟୁଷ କୁମାର ବେହେରା,ଆର୍ଯ୍ୟମାନ ସାହୁ ଏବଂ ତାନଭି ମିଶ୍ର ତୃତୀୟ ସ୍ଥାନରେ ରହିଛନ୍ତି । ଆସନ୍ତା କାଲି ଚତୁର୍ଥ ରାଉଣ୍ଡ ଖେଳ ଅନୁଷ୍ଠିତ ହେବା ସହିତ ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡିଛି । ଏହି ପ୍ରତିଯୋଗିତାରେ ଚିଫ୍ ଆରବିଟର ଭାବରେ ଆନ୍ତର୍ଜାତିକ ଆରବିଟର ତାପସ କୁମାର ମହାନ୍ତି ଏବଂ ଅବିନାଶ ଆଚାର୍ଯ୍ୟ ପରିଚାଳନା କରୁଛନ୍ତି ।




## ରାଜ୍ୟସ୍ତରୀୟ କବାଡି ଓ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦଘାଟିତ

ଅନୁଗୋଳ,(ସବ୍ୟୁ) : ମଙ୍ଗଳବାର ଅନୁଗୋଳ ଜିଲ୍ଲା ପୋଲିସ ପକ୍ଷରୁ ଆୟୋଜିତ ୭୯ତମ ରାଜ୍ୟସ୍ତରୀୟ କବାଡି ଓ ୧୧ତମ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜର ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟିତ କରିଥିଲେ । ଏହି କବାଡି ଦଳରେ ୨୫ଟି ଟିମ ଥିବାବେଳେ ହ୍ୟାଣ୍ଡବଲ ଦଳରେ ୯ଟି ଟିମ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଛନ୍ତି । ଅନୁଗୋଳ ଏସପି ରାହୁଲ ଜୈନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜନ ହେଉଛି । ଏହି ପ୍ରତିଯୋଗିତା ୫ଦିନ ପର୍ଯ୍ୟନ୍ତ ଚାଲିବ ।

# ଚେପକରେ ଧୋନୀ ଭାବବିହ୍ୱଳ

ନୂଆଦିଲ୍ଲୀ, ୧୯।୫(ଏଜେନ୍ସି) : ଆଇପିଏଲ ୨୦୨୬ ସମୟରେ ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ଧୋନୀଙ୍କ ଭାବବିହ୍ୱଳ ପ୍ରଶଂସକଙ୍କ ହୃଦୟର ସ୍ପନ୍ଦନକୁ ବଢାଇଦେଇଛି । ଯେତେବେଳେ ଚେନ୍ନାଇ ସୁପର କିଙ୍ଗସ ଚିଦାମ୍ବରମ ଷ୍ଟାଡିୟମରେ ସନରାଇଜର୍ସ ବିପକ୍ଷରେ ଶେଷ ଘରୋଇ ମ୍ୟାଚ ଖେଳିଥିଲା, ସେତେବେଳେ ଷ୍ଟାଡିୟମ ଏବଂ ସୋସିଆଲ ମିଡିଆରେ ଗୋଟିଏ ପ୍ରଶ୍ନ ଉଠୁଥିଲା ଏହା କ'ଣ ଧୋନୀଙ୍କ ଶେଷ ମ୍ୟାଚ କି ? ପ୍ରଶଂସକ କାନ୍ଦିଥିଲେ , ଧୋନୀଙ୍କ ବିଦାୟ ସମସ୍ତଙ୍କୁ ଭାବପ୍ରବଣ କରିବା ସହ ଷ୍ଟାଡିୟମରୁ ଧୋନୀ ଯିବା ମାତ୍ରେ ଅନେକ କଳ୍ପନାଜଳ୍ପନା ସୋସିଆଲ ମିଡିଆରେ ଛାଇ ଯାଇଛି । ଧୋନୀ ଆଇପିଏଲ ୨୦୨୬ରେ ଖେଳିବେ କି ନାହିଁ ସେ ନେଇ ଦ୍ୱନ୍ଦ୍ୱ ଦୂର ହୋଇଥିବା ବେଳେ ଘନିଷ୍ଠ ବନ୍ଧୁ ସୁରେଶ ରାଇନା ବଡ ଖୁଲାସା କରିଛନ୍ତି ।

ସନରାଇଜର୍ସ ନିକଟରୁ ଚେନ୍ନାଇ ସୁପର କିଙ୍ଗସ ମ୍ୟାଚ ହାରିଯାଇଥିଲା । ଫିଟ୍‌ନେସ୍ ସମସ୍ୟା ଯୋଗୁଁ ଧୋନୀ ଏହି ମ୍ୟାଚ ଖେଳିପାରିନଥିଲେ, ତଥାପି ଇନିଂସ ବିରତି ସମୟରେ ଧୋନୀ ଏକ ଦଳୀୟ ଫଟୋ ପାଇଁ ପଡିଆକୁ ଆସିବା ପରେ ପୁରା ଚେପକ୍ ଷ୍ଟାଡିୟମ ଧୋନୀ ଧୋନୀ ଧ୍ୱନିରେ କମ୍ପିଉଠିଥିଲା । ପ୍ରଶଂସକ ସତେ ଯେମିତି ଆକୁଳ ନିବେଦନ କରୁଥିଲେ ଧୋନୀ ତୁମେ ବିଦାୟ ନିଅ ନାହିଁ । ସମସ୍ତଙ୍କ ଧନ୍ୟବାଦ ଜଣାଇବା ପାଇଁ ଧୋନୀ ପୁରା ଷ୍ଟାଡିୟମ ପରିକ୍ରମା କରିଥିଲେ । ଯେଉଁଥିଲେ ନା ଥିଲା କୌଣସି ବିଦାୟୀ ଭାଷଣ ନା ମିଳିଥିଲା କିଛି ଉତ୍ତର । ଧୋନୀ କେବଳ ଚୁପଚାପ୍ ଷ୍ଟାଡିୟମ କଡେ କଡେ ଚାଲିବା ସହ ପ୍ରଶଂସକଙ୍କୁ ହାତ ହଲାଉଥିଲେ । ଏହା ହିଁ ତାଙ୍କ ବିଦାୟ ଥିଲା ବୋଲି ଭାବି କଳ୍ପନା କରି ଥାଲାଙ୍କ ପ୍ରଶଂସକ ଭାଙ୍ଗି ପଡିଛନ୍ତି ।




ସୁରେଶ ରାଇନା କହିଛନ୍ତି ମୁଁ ଧୋନୀଙ୍କୁ କହିଥିଲି ଯେ, ତୁମେ ଆଇପିଏଲ ୨୦୨୬ ପାଇଁ ଏକ ମିସ୍ଡ କଲ୍ ଦେଇଛ ତାହା ଗଣାଯିବ ନାହିଁ । ତୁମକୁ ଆସନ୍ତା ବର୍ଷ ଫେରିବାକୁ ପଡିବ । ଧୋନୀ ହସି ହସି କହିଲେ ଶରୀର ଏବେ ସମର୍ଥନ ଦେଉନି, ଦୁର୍ବଳ ହୋଇଗଲିଣି । କିନ୍ତୁ ରାଇନା ଏଥିରେ ସନ୍ତୁଷ୍ଟ ନହୋଇ ପୁଣି କହିଥିଲେ ତୁମ କଥାକୁ ମୁଁ ବିଶ୍ୱାସ କରୁନାହିଁ । ଆସନ୍ତା ବର୍ଷ ପୁଣି ଖେଳିବାକୁ ପଡିବ । ୪୪ ବର୍ଷ ବୟସରେ ଧୋନୀଙ୍କ ଫିଟ୍‌ନେସ୍ ସର୍ବଦା ଆଲୋଚନାର ବିଷୟ ହୋଇଛି । ଧୋନୀ ଖେଳିବେ ବୋଲି ସିଏସକେ ଆଶା ଲଗାଇ ରଖିଥିବା ବେଳେ ପଡିଆରେ କିନ୍ତୁ ତାଙ୍କ ଝଲକ ଦେଖିବାକୁ ମିଳୁନାହିଁ । ସ୍ୱାସ୍ଥ୍ୟଗତ କାରଣ ପାଇଁ ୨୦୨୬ ଆଇପିଏଲରୁ ଧୋନୀ ଦୂରେଇ ରହିଛନ୍ତି । ତଥାପି ରାଇନା ବିଶ୍ୱାସ କରନ୍ତି ଯେ, ଧୋନୀ ୨୭ରେ ଫେରିବେ । ରାଇନାଙ୍କ ଏହି ବୟାନ ଆଶା ସଞ୍ଚାର କରିଛି, ଯଦି ଥାଲା ଆଘାତ ସମସ୍ୟାରୁ ସୁସ୍ଥ ହୁଅନ୍ତି ତେବେ ତାଙ୍କ ପାଖରେ ଆଉ ଏକ ସିଜନ ଖେଳିବାର ଉତ୍ସାହ ରହିଛି । ଚେପକ୍‌ରେ ବିଦାୟ ପରିବେଶରେ ରାଇନାଙ୍କ କେଇପଦ କଥା ପ୍ରଶଂସକଙ୍କ ଆଶାରେ ଜୀବନ ଭରିଦେଇଛି ।

# ୨୫ ରୁ ହାଇଟେକ୍ କ୍ରିକେଟ ଏକାଡେମୀରେ ତାଲିମ ଶିବିର

ଭୁବନେଶ୍ୱର, ୧୯।୫(ସବ୍ୟୁ) : ହାଇଟେକ୍ କ୍ରିକେଟ ଏକାଡେମୀରେ ଚଳିତ ମାସ ୨୫ ତାରିଖରୁ କ୍ରିକେଟ ତାଲିମ ଶିବିର ଆୟୋଜନ ହେବାକୁ ଯାଉଛି । ସମସ୍ତ ବୟସର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ । ଉଭୟ ବୋଲିଂ ଓ ବ୍ୟାଟିଂର ତାମିଲ ପ୍ରଦାନ କରାଯିବା ସହ ନୂତନ କୌଶଳ ଏବଂ ଫିଜିକାଲ ଫିଟ୍‌ନେସ୍ ଶିକ୍ଷା ଦିଆଯିବ । ବରିଷ୍ଠ କ୍ରିକେଟ୍ କୋଚ୍ ତଥା ହାଇଟେକ୍‌ର କ୍ରୀଡା ଓ ସଂସ୍କୃତି ଅଧିକାରୀ ଲଳିତେନ୍ଦୁ ମହାନ୍ତି ପ୍ରଶିକ୍ଷଣ ଦେବେ । ଏଥିପାଇଁ ୨୦ ତାରିଖ ସୁଦ୍ଧା ଇଚ୍ଛୁକ ଖେଳାଳିମାନେ ସେମାନଙ୍କ ନାମ ପଞ୍ଜିକୃତ କରିବା ପାଇଁ ଆୟୋଜକ ଜଣାଇଛନ୍ତି । ଅଧିକ ସୂଚନା ପାଇଁ କ୍ରିକେଟ କୋଚ୍ ଲଳିତେନ୍ଦୁ ମହାନ୍ତିଙ୍କୁ (୭୦୦୮୩୦୫୫୨୭) ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ଦୂରଦୂରାନ୍ତରରୁ ଆସିବାକୁ ଥିବା ଖେଳାଳିଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଇଛି । ଓଡିଶାରେ କ୍ରିକେଟ ଖେଳାଳିଙ୍କ ଅଭାବି ଦୂର କରିବା ସହ ଉନ୍ନତ ମାନର ଯୁବ ଖେଳାଳି ପ୍ରସ୍ତୁତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଏହି କ୍ରିକେଟ୍ ତାଲିମ ପାଇଁ ସମସ୍ତ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଛନ୍ତି ।



# ୨୧ ରେ କନିଷ୍ଠ -ଉପକନିଷ୍ଠ ପାରା ସନ୍ତରଣ ଚୟନ

ଭୁବନେଶ୍ୱର, ୧୯।୫ (ସବ୍ୟୁ) : ଆଗାମୀ ୨୧ ତାରିଖରେ ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ ପାରା ସନ୍ତରଣ ଚୟନ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବ । ପାରା ସ୍ପୋର୍ଟ୍ସ ଅଫ ଆସୋସିଏସନ ଅଫ୍ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହେବ । ପ୍ରତିଯୋଗିତାରେ ଜୁନିୟର ଓ ସବଜୁନିୟର ବାଳକ ଓ ବାଳିକା ବିଭିନ୍ନ ବର୍ଗରେ ଅଂଶ ଗ୍ରହଣ କରିବେ । ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କମିଟିର ନିଷ୍ପତ୍ତି ଅନୁଯାୟୀ ୨୬ତମ ଜୁନିୟର ଓ ସବ୍‌ଜୁନିୟର ଜାତୀୟ ପାରା ସନ୍ତରଣ ଚାମ୍ପିଅନସିପ୍ ପାଇଁ ମନୋନୀତ କରାଯିବ । ଏହି ପ୍ରତିଯୋଗିତା ବେଙ୍ଗାଲୁରୁର ଜି ସୁଇମିଂ ଏକାଡେମୀରେ ଜୁନ୍ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଯାଉଛି । ରାଜ୍ୟ ସ୍ତରୀୟ ଚୟନ ପ୍ରକ୍ରିୟାରେ ବିଭିନ୍ନ ବର୍ଗର ଦିବ୍ୟାଙ୍ଗ ଖେଳାଳି(ଶାରୀରିକ ଭିନ୍ନକ୍ଷମ, ଦୃଷ୍ଟି ବାଧିତ ଭିନ୍ନକ୍ଷମ, ମାନସିକ ଭିନ୍ନକ୍ଷମ) ଭିନ୍ନକ୍ଷମ ମାନଙ୍କର ବିଭିନ୍ନ ବିଭାଗର ଖେଳିବା ପାଇଁ ସୁଯୋଗ ପ୍ରଦାନ କରାଯିବ । ସମସ୍ତ ଅଂଶଗ୍ରହଣକାରୀ ଆସିବା ସମୟରେ ଏମ୍‌ଡିଏଫ୍ ଫର୍ମ, ଦିବ୍ୟାଙ୍ଗ ପ୍ରମାଣପତ୍ର, ଜନ୍ମ ପ୍ରମାଣପତ୍ର ଆଣିବା ଜରୁରୀ । ଅଧିକ ସୂଚନା ପାଇଁ ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ ଓଡିଶା ସମ୍ପାଦକ ସୁନିଲ ପ୍ରଧାନ(୯୮୬୧୦୦୯୩୯୬) ଯୋଗାଯୋଗ କରି ଏଣ୍ଟ୍ରି ଫର୍ମ ପଠାଇପାରିବେ ।

ସୂଚନା

ସମୟ BHIM SCAN & PAY ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକ୍ଷରି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୯୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୯୪ରେ ଯୋଗାଯୋଗ କରନ୍ତୁ ।

## ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳା

# ଇଶାନଙ୍କ ପ୍ରତ୍ୟାବର୍ତ୍ତନ, ଡେବ୍ୟୁ ଲକ୍ଷ୍ୟରେ ପ୍ରିନ୍ସ

ନୂଆଦିଲ୍ଲୀ, ୧୯।୫(ଏଜେନ୍ସି) : ଜୁନରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକମାତ୍ର ଟେଷ୍ଟ ତଥା ୩ ଟି ଦିନିକିଆ ମ୍ୟାଚ ଖେଳାଯିବ । ଏହି ଶୃଙ୍ଖଳା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଦଳ ଘୋଷଣା ହୋଇଛି । ଟେଷ୍ଟ ଦଳରେ ରିଷଭ ପନ୍ତ ସ୍ଥାନ ପାଇଥିଲେ ହେଁ ଉପଅଧିନାୟକ ପଦ ହରାଇଛନ୍ତି । ପୂର୍ବଭଳି ଶୁଭମନ୍ ଗିଲ ନେତୃତ୍ୱ ନେବେ । ପନ୍ତଙ୍କ ବ୍ୟତୀତ ଧ୍ରୁବ ଜୁରେଲ ୱିକେଟ କିପର ଭାବେ ସ୍ଥାନ ପାଇଛନ୍ତି । ଏଥର ଟେଷ୍ଟରେ ୩ ନବାଗତ ଡେବ୍ୟୁ କରିବାକୁ ଯାଉଛନ୍ତି । ଗୁରନୁର ବ୍ରାର, ହର୍ଷ ଦୁବେ ଓ ମାନବ ସୁତାରଙ୍କୁ ସାମିଲ କରାଯାଇଛି । ୱିକେଟ୍ କିପର ବ୍ୟାଟର ଓ ରିଷଭ ପନ୍ତଙ୍କୁ କ୍ରମାଗତ ଭାବେ ଝଟକା ଲାଗିଛି । ପ୍ରଥମେ ଭାରତୀୟ ଦଳର ଦିନିକିଆ ଓ ଟି -୨୦ ରୁ ତାଙ୍କୁ ବାଦ୍ ଦିଆଯାଇଥିଲା । ଏବେ ଟେଷ୍ଟ ଦଳରେ ସେ ଉପଅଧିନାୟକ ପଦ ହରାଇଛନ୍ତି । ଚଳିତ ଆଇପିଏଲରେ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁଁ ପନ୍ତଙ୍କଠାରୁ ଉପଅଧିନାୟକ ପଦ ଛଡାଇ ନେଇଛି ବିସିସିଆଇ । ତାଙ୍କ ବଦଳରେ ଲୋକେଶ ରାହୁଲ ଭାରତୀୟ ଟେଷ୍ଟ ଦଳର ଉପଅଧିନାୟକ ହୋଇଛନ୍ତି ।

ଟେଷ୍ଟ ଦଳରେ ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଦେବଦତ୍ତ ପଡିକାଲ, ନୀତିଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରୀଷ୍ଣାଙ୍କୁ ସ୍ଥାନ ମିଳିଛି । ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଜୁନ ୬ ରେ ମୁଲାନପୁରରେ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳାଯିବ । ଏହାପରେ ଜୁନ ୧୪ ରେ ଦିନିକିଆ ଶୃଙ୍ଖଳା ଆରମ୍ଭ ହେବ । ପ୍ରଥମ ମ୍ୟାଚ ଧର୍ମଶାଳା, ଦ୍ୱିତୀୟ ମ୍ୟାଚ ଜୁନ ୧୭ ରେ ଲକ୍ଷ୍ନୌ ଓ ତୃତୀୟ ମ୍ୟାଚ ଜୁନ ୨୦ରେ ଚେନ୍ନାଇରେ ଖେଳାଯିବ ।

ଦିନିକିଆ ଶୃଙ୍ଖଳା ପାଇଁ ମଧ୍ୟ ଭାରତୀୟ ଦଳ ଘୋଷଣା ହୋଇଛି । ଯଶପ୍ରୀତ ବୁମରା ଓ ରବିନ୍ଦ୍ର ଜାଡେଜାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ନୂଆ ମୁହଁ ଭାବେ ପ୍ରିନ୍ସ ଯାଦବଙ୍କୁ ଦିନିକିଆ ଦଳରେ ସୁଯୋଗ ମିଳିଛି । ଆଇପିଏଲରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ପାଇଁ ଖେଳୁଥିବା ପ୍ରିନ୍ସ କ୍ରମାଗତ ଭଲ ପ୍ରଦର୍ଶନ କରୁଛନ୍ତି । ଘରୋଇ କ୍ରିକେଟରେ ମଧ୍ୟ ସେ ଦିଲ୍ଲୀ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ । ତାଙ୍କୁ ଭାରତୀୟ ସିନିୟର ଦଳରେ ସୁଯୋଗ ମିଳିଛି । ତାଙ୍କ ବ୍ୟତୀତ ଗୁରନୁର ବ୍ରାର ଓ ହର୍ଷ ଦୁବେ ମଧ୍ୟ ପ୍ରଥମ ଥର ପାଇଁ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି । ଶୁଭମନ୍ ଗିଲ୍ ଦିନିକିଆ ଦଳର ଅଧିନାୟକ ତଥା ଶ୍ରେୟାସ ଆୟର ଉପଅଧିନାୟକ ଦାୟିତ୍ୱ ତୁଲାଇବେ । ହାର୍ଦ୍ଦିକ ପାଣ୍ଡ୍ୟାକୁ ଦିନିକିଆ ଦଳରେ ରଖାଯାଇଛି । ଏବେ ଆହତ ସମସ୍ୟା ଦେଇ ଗତି କରୁଥିବା ହାର୍ଦ୍ଦିକ ଫିଟ ହେବା ପରେ ହିଁ ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ନଜର ଆସିବେ । ରୋହିତ ସାମିଲ ହେବା ତାଙ୍କ ଫିଟନେସ୍ ଉପରେ ନିର୍ଭର କରେ ବୋଲି ବିସିସିଆଇ କହିଛି ।




ଭାରତୀୟ ଦିନିକିଆ ଦଳ : ଶୁଭମନ୍ ଗିଲ, ରୋହିତ ଶର୍ମା, ବିରାଟ କୋହଲି , ଶ୍ରେୟାସ ଆୟର, ଲୋକେଶ ରାହୁଲ, ଇଶାନ କିଶାନ, ହାର୍ଦ୍ଦିକ ପାଣ୍ଡ୍ୟା, ନୀତିଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ପ୍ରିନ୍ସ ଯାଦବ, ପ୍ରସିଦ୍ଧ କ୍ରୀଷ୍ଣା, ଗୁରନୁର ବ୍ରାର ଓ ହର୍ଷ ଦୁବେ ।

ଭାରତୀୟ ଟେଷ୍ଟ ଦଳ : ଶୁଭମନ୍ ଗିଲ, ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ରିଷଭ ପନ୍ତ, ଦେଦଦତ୍ତ ପଡିକାଲ, ନୀତିଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରୀଷ୍ଣା, ଗୁରନୁର ବ୍ରାର, ମାନବ ସୁତାର, ଧ୍ରୁବ ଜୁରେଲ ଓ ହର୍ଷ ଦୁବେ ।

ସମୟ ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି